ଏବେ କ୍ରୋଧ ଓ ଅସନ୍ତୋଷ ଭାବ ନିମିଷକ ମଧ୍ୟରେ ଭାଇରାଲ ହୋଇଯାଉଛି ଏବଂ ଇଣ୍ଟରନେଟ ଏହାର ପ୍ଲାଟଫର୍ମ ପାଲଟିଯାଇଛି। ସରକାରୀ କର୍ମଚାରୀମାନେ ସହଜରେ ଏହାର ଶିକାର ହେଉଛନ୍ତି। ନିକଟରେ ବୈଦେଶିକ ସଚିବ ବିକ୍ରମ ମିସ୍ରି ଭୁଲ୍ କୂଟନୈତିକ ପଦକ୍ଷେପ ପାଇଁ ନୁହେଁ ବରଂ ତାଙ୍କ କାମ ଲାଗି ଏଭଳି ଏକ ଝଡ଼ର ସାମ୍ନା କରିଥିଲେ। ସୋସିଆଲ ମିଡିଆ ଟ୍ରୋଲିଂରେ ତାଙ୍କ ଝିଅଙ୍କ ବ୍ୟକ୍ତିଗତ ତଥ୍ୟକୁ ଦର୍ଶାଯିବା ସହ ବାହାରେ ପଢ଼ିବାକୁ ନେଇ ତାଙ୍କୁ ରାଷ୍ଟ୍ର ବିରୋଧୀ ଭାବେ ଚିତ୍ରଣ କରାଯାଇଥିଲା। ଡିଜିଟାଲ କ୍ଷେତ୍ରରେ ଏଭଳି ଖରାପ ଟ୍ରୋଲିଂ ଉପରେ ସରକାର ପୂରା ନୀରବ ରହିଥିଲେ ଏପରି କି ମିସ୍ରିଙ୍କ ମନ୍ତ୍ରଣାଳୟ। ଏହି ଟ୍ରୋଲିଂର କିଛି ସପ୍ତାହ ପୂର୍ବରୁ ନବ ବିବାହିତ ନାଭାଲ ଅଫିସର ଲ୍ୟୁଟ୍‌ନାଣ୍ଟ ବିନୟ ନରୱାଲଙ୍କର ପହଲଗାମ୍‌ରେ ଆତଙ୍କବାଦ ଆକ୍ରମଣରେ ମୃତ୍ୟୁ ଘଟିଥିଲା। ତାଙ୍କ ସ୍ତ୍ରୀ ସ୍ୱାମୀଙ୍କ ମୃତ୍ୟୁକୁ ସାମ୍ପ୍ରଦାୟୀକରଣ ନ କରିବାକୁ ଅପିଲ କରିଥିଲେ, ଯାହା ପାଇଁ ଅନ୍‌ଲାଇନରେ ତାଙ୍କୁ ଅସଭ୍ୟ ବ୍ୟବହାର କରାଯାଇଥିଲା। ଆସୋସିଏଶନ ଅଫ୍ ଡିପ୍ଲୋମାଟ୍ସ ଏବଂ ଆଇଏଏସ୍ ଓ ଆଇପିଏସ୍ ଆସୋସିଏଶନ ଭଳି ସିଭିଲ ସର୍ଭିସ ସଂସ୍ଥାଗୁଡ଼ିକ ସହିତ ପ୍ରତିଷ୍ଠିତ ନାଗରିକମାନେ ବୈଦେଶିକ ସଚିବଙ୍କ ସମର୍ଥନରେ ମୁହଁ ଖୋଲିଥିଲେ ଏବଂ ଏଭଳି ଖରାପ ଅନ୍‌ଲାଇନ ଆକ୍ରମଣକୁ ନିନ୍ଦା କରିଥିଲେ। ରାଜନେତା ଅଖିଳେଶ ଯାଦବ ମଧ୍ୟ ନିନ୍ଦା କରିବା ସହ କେନ୍ଦ୍ରର ନୀରବତା ଉପରେ ପ୍ରଶ୍ନ ଉଠାଇଥିଲେ। ଏପରି କି ସୋସିଆଲ ମିଡିଆ ଟ୍ରୋଲିଂକୁ ସୁପ୍ରିମକୋର୍ଟ ଭୟାନକ ବୋଲି ଦର୍ଶାଇ ଏହା ମୁକ୍ତ ଅଭିବ୍ୟକ୍ତି ନୁହେଁ, ବରଂ ଏହା ହେଉଛି ପବ୍ଲିକ ଲିଚିଂ ବୋଲି କହିଥିଲେ।

Email: dilipcherian@gmail.com

# ରାମଚନ୍ଦ୍ର, ସକ୍ରେଟିସ୍ ଓ ଗଣତନ୍ତ୍ର



ଡ.ଛାୟାକାନ୍ତ ଷଡ଼ଙ୍ଗୀ

ରାମାୟଣରେ ବର୍ଣ୍ଣିତ ମର୍ଯ୍ୟାଦାପୁରୁଷ ରାମଚନ୍ଦ୍ରଙ୍କୁ ଆମେ ଗଣତାନ୍ତ୍ରିକ ମୂଲ୍ୟବୋଧର ପ୍ରତିନିଧି ଭାବରେ ବ୍ୟାଖ୍ୟା କରୁ। ଉତ୍ତରାକାଣ୍ଡର ବର୍ଣ୍ଣନା ଅନୁସାରେ ନଗର ଭ୍ରମଣ କରିସାରି ଗୁପ୍ତଚର ଭଦ୍ର ରାମଙ୍କୁ କହିଛି, "ହେ ରାଜନ, ପୁରବାସୀ ଆପଣଙ୍କ ବିଷୟରେ ରାସ୍ତାରେ, ବଜାରରେ, ବନ ଉପବନରେ କିପରି ଉଭୟ ଭଲ ଓ ମନ୍ଦ କଥା କହୁଛନ୍ତି ଶୁଣନ୍ତୁ। ଭଲ କଥାରେ ଅଛି ରାଜା ରାମ କିପରି ସେତୁବନ୍ଧ ବାନ୍ଧି ଲଙ୍କାରେ ପ୍ରବେଶ କରି କୁମତି ରାବଣକୁ ହତ୍ୟା କଲେ ଓ ସୀତାଙ୍କୁ ଉଦ୍ଧାର କଲେ। ମନ୍ଦ କଥାରେ ଅଛି ସୀତାଙ୍କୁ ରାବଣ ବଳପ୍ରୟୋଗ କରି ଅପହରଣ କଲା ଓ ଲଙ୍କା ନେଇ ଅଶୋକ ବନରେ ରଖିଲା। ତା'ସତ୍ତ୍ୱେ ରାଜା ତାଙ୍କୁ ଗ୍ରହଣ କଲେ। ପ୍ରଜାମାନଙ୍କ ସ୍ତ୍ରୀ କ୍ଷେତ୍ରରେ ଏପରି ଘଟଣା ଘଟିଲେ ସେମାନେ ତାକୁ ସହିନେବେ। କାରଣ ରାଜା ଯାହା କରନ୍ତି, ପ୍ରଜାମାନେ ତାକୁ ଅନୁସରଣ କରନ୍ତି। ପୁରବାସୀ ଏଭଳି ଭାବରେ ନଗର ଜନପଦ ସର୍ବତ୍ର କଥୋପକଥନ କରୁଛନ୍ତି (୧୩-୨୦ ଉତ୍ତରାକାଣ୍ଡ, ତ୍ରିତ୍ରିଂଶ ସର୍ଗ)। ଏହା ଶୁଣି ରାମ ସୀତା ନିଷ୍ପାପ ଜାଣିଥିବା ସତ୍ତ୍ୱେ ଜନମତକୁ ସମ୍ମାନ ଦେବା ପାଇଁ ସୀତାଙ୍କୁ ନିର୍ବାସନ କରିଛନ୍ତି। ମାତ୍ର ମହର୍ଷି ବାଲ୍ମୀକି ରାମଚନ୍ଦ୍ରଙ୍କୁ ଜନମତ ସମର୍ଥକ ଭାବରେ ଚିତ୍ରଣ କରିନାହାନ୍ତି। ତାଙ୍କ ରାମାୟଣ ସୀତାଙ୍କ ଉଦ୍ଧାର ଓ ରାମଚନ୍ଦ୍ରଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ଓ ସିଂହାସନ ଆରୋହଣରେ ସମାପ୍ତ ହୋଇଛି। ଉତ୍ତରାକାଣ୍ଡ ବାଲ୍ମୀକିଙ୍କ ଦ୍ୱାରା ରଚିତ ନୁହେଁ। ପରବର୍ତ୍ତୀ ସମୟରେ କେହିଜଣେ କବି ଏହି ଅଂଶକୁ ଯୋଡ଼ିଛନ୍ତି। ଜନମତ ସବୁବେଳେ ଠିକ୍ ହୋଇ ନ ପାରେ। ଏଣୁ ସେ ଜନମତ ଅପେକ୍ଷା ସତ୍ୟନିଷ୍ଠା ଧର୍ମ ଓ ନୀତିକୁ ପାଳନ କରିଛନ୍ତି। ରାମ ଲକ୍ଷ୍ମଣ ଓ ସୀତାଙ୍କୁ ସାଙ୍ଗରେ ନେଇ ବନବାସ ଗଲାପରେ ଭରତ, ରାଜପରିବାର ଓ ପ୍ରଜାକୁଳ ସମସ୍ତେ ରାମଙ୍କୁ ଫେରାଇ ଆଣିବା ପାଇଁ ଅରଣ୍ୟକୁ ଯାଇଛନ୍ତି। ସେତେବେଳେ ରାମ ଥାନ୍ତି ଚିତ୍ରକୁଟ ଆଶ୍ରମରେ। ପ୍ରକୃତରେ ଜନମତ ଥିଲା ରାମ ଅଯୋଧ୍ୟା ଫେରି ରାଜ୍ୟ ଶାସନ କରନ୍ତୁ। ମାତ୍ର ରାମ ଜନମତକୁ ଗ୍ରହଣ ନ କରି ସତ୍ୟ ଓ ଧର୍ମ ରକ୍ଷା କରିବା ପାଇଁ ବନବାସକୁ ଗ୍ରହଣ କରି ନେଇଛନ୍ତି। ଜନମତକୁ ସମ୍ମାନ ଦେଇ ଅନ୍ତଃସତ୍ତ୍ୱା ସୀତାଙ୍କୁ ନିର୍ବାସନ କରିବା ବାଲ୍ମୀକିଙ୍କ ରାମଙ୍କ ବ୍ୟକ୍ତିତ୍ୱର ପରିଚାୟକ ନୁହେଁ। ବାଲ୍ମୀକିଙ୍କ ମର୍ଯ୍ୟାଦାପୁରୁଷ ରାମ ଜନମତକୁ ସମ୍ମାନ ଦେଇ କେବେ ନୀତିଭ୍ରଷ୍ଟ ହୋଇନାହାନ୍ତି।

ସାମ୍ପ୍ରତିକ ଗଣତନ୍ତ୍ର ହେଉଛି ସଂଖ୍ୟାର ଖେଳ। ବହୁ ମତକୁ ଅନ୍ଧଭାବରେ ଗ୍ରହଣ କରିନେବା ହିଁ ଗଣତନ୍ତ୍ର। ମାତ୍ର ଯଦି ଗଣଅଶିକ୍ଷିତ ଓ ଅବିବେକି, ସେମାନଙ୍କ ସଂଖ୍ୟାଗରିଷ୍ଠ ମତ ବି ଭୁଲ ହୋଇପାରେ



ଓ ଏକକ ବିବେକି ମତ ମଧ୍ୟ ଠିକ୍ ହୋଇପାରେ। ଗ୍ରୀସ୍ ଦେଶରେ ଗଣତନ୍ତ୍ର ଶାସନ ଥିବାବେଳେ ସକ୍ରେଟିସ ରାଷ୍ଟ୍ର ଦ୍ୱାରା ପୃଷ୍ଠପୋଷକତା ଲାଭ କରିଥିବା ଦେବତାଙ୍କୁ ବିରୋଧ କରି ଏକ ନୂଆ ବିଶ୍ୱାସର କଥା କହୁଥିଲେ। ତାଙ୍କୁ କୁହାଗଲା ସଂଖ୍ୟାଧିକ ବ୍ୟକ୍ତିଙ୍କ ମତକୁ ସମ୍ମାନ ଦେବା ହିଁ ଗଣତନ୍ତ୍ର। ତା'ର ବିରୁଦ୍ଧାଚରଣ କରିବା ହେଉଛି ଦେଶଦ୍ରୋହ। ମାତ୍ର ସକ୍ରେଟିସ୍‌ଙ୍କ ଉତ୍ତର ଥିଲା ସଂଖ୍ୟାଧିକ ମନୁଷ୍ୟଙ୍କ ମତ ଯେପରି ମହାର୍ଘ; ଯେ କୌଣସି ଏକକ ବ୍ୟକ୍ତିର ନିଜସ୍ୱ ମତ ବ୍ୟକ୍ତ କରିବାର ସ୍ୱାଧୀନତା ମଧ୍ୟ ସେପରି ମହାର୍ଘ। ଜଣେ ମଣିଷର ସୁଚିନ୍ତିତ ମତ ଅଗଣିତ ମଣିଷର ଅଚିନ୍ତିତ ମତଠାରୁ ମୂଲ୍ୟବାନ ହୋଇପାରେ। ସଂଖ୍ୟାର ଦ୍ୱାହି ଦେଇ ବ୍ୟକ୍ତିତ୍ୱ ବିନାଶ ଚେଷ୍ଟା ନ ହେଉ। ମାତ୍ର ସକ୍ରେଟିସଙ୍କ ମତକୁ ସେଦିନ ଗ୍ରହଣ କରାଯାଇ ନ ଥିଲା ଓ ତାଙ୍କୁ ଦେଶଦ୍ରୋହୀ ଅପରାଧରେ ମୃତ୍ୟୁଦଣ୍ଡ ଦିଆଯାଇଥିଲା। ମାତ୍ର ଏବେ ଆମେ ସ୍ୱୀକାର କରୁଛୁ ଯେ ସେ ଦିନର ସଂଖ୍ୟାଗରିଷ୍ଠ ମତ ହିଁ ଭୁଲ ଥିଲା, ସକ୍ରେଟିସ ହିଁ ଠିକ୍ କଥା କହିଥିଲେ। ଏଣୁ ଗଣତନ୍ତ୍ର ନାମରେ ସଂଖ୍ୟାଗରିଷ୍ଠ ମତ ଅନୁଯାୟୀ ଚାଲିଥିବା ଶାସନକୁ ସର୍ବୋତ୍କୃଷ୍ଟ ଶାସନ ବୋଲି କୁହାଯାଇ ନ ପାରେ। ଯଦି ଗଣ ଶିକ୍ଷିତ ଓ ବିବେକି ନୁହନ୍ତି ସେମାନଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନଙ୍କ ଶାସନ ନିକୃଷ୍ଟ ହେବା ଅସମ୍ଭବ ନୁହେଁ। ଏହି ଗହନ କଥା ରାମଚନ୍ଦ୍ର ଉପଲବ୍ଧି କରିଥିଲେ ବୋଲି ସକ୍ରେଟିସ୍‌ଙ୍କ ବହୁ ପୂର୍ବରୁ ସେ ନିଜର କାର୍ଯ୍ୟଦ୍ୱାରା ସୂଚାଇ ଦେଇଥିଲେ ଯେ ଜନମତ ଅପେକ୍ଷା ସତ୍ୟନିଷ୍ଠା ବଡ଼। ଯେଉଁଠି ଗଣ ବିବେକି ଓ ଶିକ୍ଷିତ କେବଳ ସେଠି ଗଣତନ୍ତ୍ର ସଫଳ ହେବ।

ମହାତ୍ମା ଗାନ୍ଧୀ ଗଣତନ୍ତ୍ରରେ ବିଶ୍ୱାସ କରୁଥିଲେ ମଧ୍ୟ ତାଙ୍କର ଆଦର୍ଶ ଥିଲା ରାମରାଜ୍ୟ। ସେ ରାମ ରାଜ୍ୟର କଥା କହୁଥିବା ବେଳେ ଜନମତ ଉପରେ ଗୁରୁତ୍ୱ ଦେଇ ନାହାନ୍ତି। ସେ କହିଛନ୍ତି ମୁଁ ରାମରାଜ୍ୟ କହିଲେ ହିନ୍ଦୁରାଜ୍ୟ ବୁଝେ ନାହିଁ। ରାମରାଜ୍ୟ କହିଲେ ମୁଁ ଈଶ୍ୱରଙ୍କ ରାଜ୍ୟ ବୁଝେ ଅର୍ଥାତ୍ ସର୍ବୋତ୍କୃଷ୍ଟ ଶାସନକୁ ବୁଝେ। ମୋ ଚିନ୍ତାକଳ୍ପରେ ରାମ ଏହି ପୃଥିବୀରେ ବାସ କରୁଥିଲେ କି ନାହିଁ ସେଥିରେ ଯାଏ ଆସେ ନାହିଁ, କିନ୍ତୁ ରାମ ରାଜ୍ୟର ପ୍ରାଚୀନ ଆଦର୍ଶ ପ୍ରକୃତ ଗଣତନ୍ତ୍ରର ଅନ୍ୟତମ ଉଦାହରଣ। ପୁଣି ସେ କହିଥିଲେ "ମୋ ସ୍ୱପ୍ନର ରାମରାଜ୍ୟରେ ଜଣେ ରାଜକୁମାର ଓ ନିଃସ୍ୱ ଗରିବ ଲୋକ ସମାନ ଅଧିକାର ଉପଭୋଗ କରିବେ।" ଗାନ୍ଧୀଙ୍କ ପରିକଳ୍ପିତ ରାମରାଜ୍ୟର ଏକ ସ୍ପଷ୍ଟ ଛବି ଦେଖିବାକୁ ମିଳେ ଗୋସ୍ୱାମୀ ତୁଳସୀ ଦାସଙ୍କ ରଚିତ ରାମଚରିତ ମାନସରେ। ରାମରାଜ୍ୟରେ ଥାଏ ନାହିଁ ଦୈହିକ, ଦୈବିକ ଓ ଭୌତିକ କ୍ଳେଶ। ସେଠାରେ ପ୍ରଜାକୁଳ ପରସ୍ପରକୁ ପ୍ରେମ କରନ୍ତି ଓ ସ୍ୱଧର୍ମ ପାଳନ କରନ୍ତି, ସେଠି କେହି ଦୀନ ଦରିଦ୍ର, ଅଜ୍ଞାନ କିମ୍ବା ଦୁର୍ଗୁଣ ସ୍ୱଭାବର ନ ଥାନ୍ତି।

ଆଜି ଭାରତରେ ସଂଖ୍ୟାଧିକ ଜନପ୍ରତିନିଧିଙ୍କ ମତକୁ ନେଇ ଶାସନ ଚାଲିଛି। କୌଣସି ସ୍ୱାଧୀନ ବିଧାୟକ/ସାଂସଦ ବୀରୋଧୀଦଳର ସଭ୍ୟଙ୍କ ମତକୁ ଗୁରୁତ୍ୱ ଦିଆଯାଉନାହିଁ। ସଂଖ୍ୟାର ଦ୍ୱାହି ଆଗରେ ସଂଖ୍ୟାଲଘୁ ଦଳର ମତକୁ ଉପେକ୍ଷା କରାଯାଉଛି। ମାତ୍ର ଆମେ ଭୁଲିଯାଉଛୁ ଯେ ସଂଖ୍ୟାଗରିଷ୍ଠ ଦଳର ମତ ଭୁଲ ହୋଇପାରେ ଓ ଜଣକର ସୁଚିନ୍ତିତ ମତ ଠିକ ହୋଇପାରେ। ଏକଥା ସକ୍ରେଟିସଙ୍କ ସମ୍ପର୍କରେ ପ୍ରମାଣିତ ହୋଇସାରିଛି। ଏବେ ମଧ୍ୟ ଲୋକେ ଅଜ୍ଞାନତା ଭିତରେ ବୁଡ଼ି ରହିଛନ୍ତି। ସକ୍ରେଟିସ୍‌ଙ୍କ ମତରେ ଅଜ୍ଞତା ହେଉଛି ଅନ୍ଧକାର। ଅନ୍ଧକାର ଭିତରେ ରାଷ୍ଟ୍ରର ଉନ୍ନତି ଅସମ୍ଭବ। ଯଦି ରାଷ୍ଟ୍ରର ଶାସକମାନେ ଅଜ୍ଞ ହେବେ ସେମାନେ ଜନ ସମର୍ଥନ ପାଇଲେ ମଧ୍ୟ ନ୍ୟାୟ ଅନ୍ୟାୟ ମଧ୍ୟରେ କିମ୍ବା ସତ୍ୟ ଅସତ୍ୟ ମଧ୍ୟରେ ପ୍ରଭେଦ ପାଇବେ ନାହିଁ। ଯଦି ନାଗରିକମାନେ ଅଜ୍ଞ ରହିବେ, ସେମାନେ ଅନ୍ୟାୟ ସହିଯିବେ ଓ ଅସହାୟ ଅବସ୍ଥାରେ ସବୁ ମାନିଯିବେ। ଏଣୁ ସକ୍ରେଟିସ ଲୋକଙ୍କୁ ମୁକ୍ତ ଓ ବିଚାରବନ୍ତ ହେବାକୁ ଆହ୍ୱାନ ଦେଉଥିଲେ। ମାତ୍ର ଅଢ଼େଇ ହଜାରରୁ ଅଧିକ ବର୍ଷ ଅତିକ୍ରାନ୍ତ ହେଲାପରେ ବିଶେଷ ପରିବର୍ତ୍ତନ ଘଟିନାହିଁ। ଯେଉଁ ଦେଶର ନିର୍ବାଚନରେ ଭାଗ ନେଉଥିବା ଜନତା ଅଶିକ୍ଷିତ ଓ ଅବିବେକି ଏବଂ ପ୍ରଲୋଭନର ବଶବର୍ତ୍ତୀ, ସେଠାରେ ଗଣତନ୍ତ୍ର ନିର୍ବୋଧଙ୍କ ଶାସନ, ନିର୍ବୋଧଙ୍କ ଦ୍ୱାରା ଶାସନ ଓ ନିର୍ବୋଧଙ୍କ ପାଇଁ ଶାସନ ଭାବରେ ପରିଗଣିତ ହେଉଛି। ସେହି ଦୃଷ୍ଟିରୁ ଗଣତନ୍ତ୍ରରେ ସର୍ବଦା ସଂଖ୍ୟାଧିକ ଜନମତକୁ ଅନ୍ଧଭାବରେ ଗ୍ରହଣ ନ କରି ଏକକ ମତ ଗୁରୁତ୍ୱପୂର୍ଣ୍ଣ ଓ ମୂଲ୍ୟବାନ ହୋଇଥିଲେ ତାକୁ ମଧ୍ୟ ଗ୍ରହଣ କଲେ ତାହା ହିତକର ହେବ। ଥରେ ଆଇନଷ୍ଟାଇନ୍‌ଙ୍କୁ ଜଣେ ଖବର ଦେଲେ, "ଆପଣଙ୍କ ତତ୍ତ୍ୱ ଭୁଲ ବୋଲି ୧୦୦ ଜଣ ଅଧ୍ୟାପକଙ୍କ ଦସ୍ତଖତରେ ଗୋଟିଏ ବିବୃତି ବାହାରିଛି"। ଆଇନଷ୍ଟାଇନ୍ ଉତ୍ତର ଦେଲେ "ମୋ ତତ୍ତ୍ୱ ଯଦି ଭୁଲ ହୋଇଥିବ ତେବେ ଗୋଟାଏ ଦସ୍ତଖତ ହିଁ ଯଥେଷ୍ଟ"। ସତ୍ୟମିଥ୍ୟା ସଂଖ୍ୟା ଦ୍ୱାରା, କୋଳାହଳ ଦ୍ୱାରା ନିରୂପିତ ହୋଇପାରେ ନାହିଁ। ମାତ୍ର ସେ ଉପଲବ୍ଧି ଦ୍ୱାରା ପରିଚାଳିତ ହେବା ଲୋକ ରାଜନୀତିରେ ନାହାନ୍ତି। ରାଜନୀତି କୋଳାହଳ ସାପେକ୍ଷ। ଏହା ହିଁ ବିଡ଼ମ୍ବନା।

**ପ୍ରାକ୍ତନ ଅଧ୍ୟକ୍ଷ, ଡି.ଏ.ଭି. ସ୍ୱୟଂଶାସିତ କଲେଜ, ଟିଟିଲାଗଡ଼**
**ମୋ: ୯୪୩୭୩୨୯୨୬୩**

# ଦୈବାଶିଷ ପ୍ରାପ୍ତ ହେଉ ଭାବୀ କର୍ଣ୍ଣଧାରଙ୍କୁ



ବିଭୂତି ଭୂଷଣ ସେନାପତି

ସମାଜରେ ସୁଖ ଶାନ୍ତିରେ ଚଳିବା ପାଇଁ ମଣିଷ ଗଢ଼ିଛି ନୀତି ଓ ନିୟମ। ସ୍ୱକୀୟ ସୁଖ ଶାନ୍ତି ପାଇଁ ପ୍ରସ୍ତୁତ ନିୟମ କାଳକ୍ରମେ ସମାଜ, ଜାତି ଓ ଦେଶ ପାଇଁ ନୀତିରେ ପରିଣତ ହୋଇଛି। ସମୟର ପରିପ୍ରେକ୍ଷୀରେ ରାଷ୍ଟ୍ରର ନୀତି ହୋଇଥିବାରୁ ତା'ର ନାମକରଣ 'ରାଜନୀତି' ହୋଇଛି। ଏହି 'ରାଜନୀତି' ସ୍ଥାନ, କାଳ, ପାତ୍ର ଭେଦରେ ରାଜତନ୍ତ୍ର, ସମାଜବାଦ ଓ ଗଣତନ୍ତ୍ର ରୂପରେ ପରିବର୍ତ୍ତିତ ହୋଇଛି। ଏଥିରେ ସମାଜର ଯାବତୀୟ ରୀତି, ନୀତି, ଆଚାର ବିଚାର ଅନ୍ତର୍ଭୁକ୍ତ।

ରାଷ୍ଟ୍ର ବା ଦେଶର ନୀତି ହିଁ 'ରାଜନୀତି'। ଭାଷାନ୍ତରରେ ନୀତିମାନଙ୍କ ମଧ୍ୟରେ ଯିଏ ରାଜା ବା ଶ୍ରେଷ୍ଠ ତାହା 'ରାଜନୀତି'। ଯେଉଁ ପଦ୍ଧତିରେ ଦେଶର ଜନସାଧାରଣଙ୍କର ହିତ ସାଧନ ହେବ ତାହା ହେଉଛି 'ରାଜନୀତି'। ରାଜନୀତିର ଏହି ମହାନ ଆଦର୍ଶ ଆଜିର ନିର୍ବାଚନ ଓ ଦଳୀୟ ରାଜନୀତିରେ ପରିଦୃଷ୍ଟ ହେଉନାହିଁ। ଏହାର କାରଣ ହେଉଛି ଦେଶର ଉନ୍ନତି କଳ୍ପେ ନୀତି ନିର୍ଦ୍ଧାରଣରେ ଦଳୀୟ ମତଭେଦ ଓ ଅଯୋଗ୍ୟ ବ୍ୟକ୍ତିମାନଙ୍କର ରାଜନୀତିରେ ସକ୍ରିୟ ଅଂଶଗ୍ରହଣ। ଦେଖିବାକୁ ଗଲେ ଛାତ୍ର ଦେଶର ଭବିଷ୍ୟତ ପରିଚାଳକ। ଭାରତରେ ରାଜା ରାମମୋହନ ରାୟ, ସ୍ୱାମୀ ବିବେକାନନ୍ଦ, ଜାତିର ପିତା ମହାତ୍ମା ଗାନ୍ଧୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଉତ୍କଳମଣି ଗୋପବନ୍ଧୁ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଭଳି ଜାତୀୟବାଦୀ ନେତୃବୃନ୍ଦ ସମାଜର ସବୁ ଶ୍ରେଣୀର ଲୋକଙ୍କ ମଧ୍ୟରେ ରାଜନୀତିକ ସଚେତନତା ଭରିଦେବା ପାଇଁ ଉଦ୍ୟମ କରିଥିଲେ। ଗାନ୍ଧିଜୀ ଏହି କାର୍ଯ୍ୟକ୍ରମରେ ଛାତ୍ରମାନଙ୍କୁ ପ୍ରାଧାନ୍ୟ ଦେଇଥିଲେ। ତାଙ୍କର ଉଦ୍ଦେଶ୍ୟ ଥିଲା-ଛାତ୍ରମାନେ ଦେଶର ନୀତି ସମ୍ପର୍କରେ ସଚେତନ ହେଲେ ସ୍ୱାଧୀନତା ସହଜ ଲଭ୍ୟ ହେବ। ଏଥିପାଇଁ ସେ ଛାତ୍ର ସମାଜକୁ ସକ୍ରିୟ ରାଜନୀତିରେ ଅଂଶଗ୍ରହଣ କରିବାକୁ ସୁପରାମର୍ଶ ଦେଇଥିଲେ। ଆଜି ଦେଶ ସ୍ୱାଧୀନ ହୋଇଛି ସତ; କିନ୍ତୁ ଗାନ୍ଧିଜୀଙ୍କ ପରିକଳ୍ପିତ ଭାରତ ମାଟିରେ ଆଜି ଦୁଷ୍ଟ/ସ୍ୱାର୍ଥପର ଶାସନକର୍ତ୍ତାଙ୍କର ଦଳୀୟ ରାଜନୀତି ଚାଲିଛି। ଏହାର ପରିଣତି ସ୍ୱରୂପ 'ସେବା' ସ୍ଥାନରେ 'ନେବା' ହିଁ ସାର ହୋଇଛି। କଳେବଳେ-କୌଶଳେ ଶାସନ କ୍ଷମତାକୁ ଆସିବା ହିଁ ଆଜିର ରାଜନୀତିକ ଦଳମାନଙ୍କର ଆଦର୍ଶ। ସେମାନେ ନିର୍ବାଚନ ରାଜନୀତିରେ ବିଜୟୀ ହେବା ଉଦ୍ଦେଶ୍ୟରେ ଛାତ୍ର ସମାଜକୁ ଅସ୍ତ୍ର ରୂପେ ବ୍ୟବହାର କରୁଛନ୍ତି। ଫଳରେ ଛାତ୍ର ସମାଜ ସେମାନଙ୍କର ଅପରିପକ୍ୱ ବୟସରୁ ଦୁର୍ନୀତି ପରାୟଣ, ସ୍ୱାର୍ଥପର ଓ ପ୍ରତିଶୋଧ ମନୋଭାବ ସମ୍ପନ୍ନ ହୋଇ ପଡୁଛନ୍ତି।

ବିଶିଷ୍ଟ ରାଷ୍ଟ୍ରନୀତିଜ୍ଞ ଜୟପ୍ରକାଶ ନାରାୟଣଙ୍କର ମତ ଥିଲା- ଯେହେତୁ ଛାତ୍ରମାନେ ଦେଶ-ଜାତି ସମ୍ପର୍କରେ ଅନେକ କଥା ଶିକ୍ଷା କରୁଛନ୍ତି; ସ୍କୁଲ, କଲେଜ ବିଶ୍ୱବିଦ୍ୟାଳୟ ସ୍ତରରେ ରାଷ୍ଟ୍ରନୀତି ସମ୍ପର୍କରେ ମତବ୍ୟକ୍ତ କରିବା ପାଇଁ ସେମାନଙ୍କର ସୁଯୋଗ ରହିଛି; ଅଧିକନ୍ତୁ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ସେମାନେ ଅବହିତ; ତେଣୁ ଗଣତନ୍ତ୍ର ରାଷ୍ଟ୍ରର ଶାସନରେ ଭାଗୀଦାର ହେବାକୁ ସକ୍ଷମ। କିନ୍ତୁ ପରିତାପର ବିଷୟ, ଛାତ୍ର-ରାଜନୀତିର ସେହି ମହତ୍ ଆଦର୍ଶ ଆଜି ଲୁପ୍ତ। ନୀତି ଓ ଆଦର୍ଶବିହୀନ ନେତାଙ୍କର ବଟସ୍କର ସାଜି, ସେମାନଙ୍କର କୂଟନୀତି ଫାଶରେ ଆବଦ୍ଧ ହୋଇ ନିଜର ଅଧୋଗତିକୁ



ଆମନ୍ତ୍ରଣ କରିବା ଦିଗରେ ଅଗ୍ରସର ହେଉଛନ୍ତି।

ଛାତ୍ର ସମାଜ ସୁବିଧାବାଦରୁ ମୁକ୍ତ ରହିବା ସକାଶେ ଓଡ଼ିଶାର ବିଶିଷ୍ଟ ରାଜନୀତିକ ଡକ୍ଟର ହରେକୃଷ୍ଣ ମହତାବ 'ଛାତ୍ର ଓ ରାଜନୀତି' ସମ୍ପର୍କରେ କହିଥିଲେ- 'ଛାତ୍ରମାନେ ରାଜନୀତି କ୍ଷେତ୍ରରେ ପ୍ରବେଶ କଲେ ସର୍ବଦା ଜନସାଧାରଣଙ୍କର ସୁଖ ସୁବିଧାକୁ ଆଖି ଆଗରେ ରଖି, ସେମାନଙ୍କ ସହ ଖରା-ବର୍ଷାରେ ମିଶି ପାରିବେ। ଆଜିର ଉଚ୍ଚଶିକ୍ଷିତ ଯୁବକମାନଙ୍କ ଠାରେ ଏହି ଭାବନା ଦେଖାଯାଉନାହିଁ। ନିଜେ ସେବକ ହୋଇ ସମାଜର ଅବହେଳିତ ଶ୍ରେଣୀର ଲୋକଙ୍କର ସେବା କରିବାକୁ ଛାତ୍ରମାନେ ଚେଷ୍ଟା କରୁନାହାନ୍ତି।

ଦେଶ ଆଜି ଭୟଙ୍କର ରାଜନୀତିକ ସଂକଟର ସମ୍ମୁଖୀନ ହୋଇଛି। ଏତେବେଳେ ଛାତ୍ରମାନେ ସଚେତନ ନହେଲେ, ଏ ଦେଶ ଧ୍ୱଂସାଭିମୁଖୀ ହେବ। ଛାତ୍ରମାନେ ରାଜନୀତିରେ ଅଂଶଗ୍ରହଣ କରି, ଉପସ୍ଥିତ ସମସ୍ୟା ପ୍ରତି ତୀକ୍ଷ୍ଣ ଦୃଷ୍ଟି ନିକ୍ଷେପପୂର୍ବକ, ସ୍ୱକୀୟ ଜ୍ଞାନାଲୋକ ଦ୍ୱାରା, ସ୍ୱଦେଶକୁ ବିଶ୍ୱର ସର୍ବଶ୍ରେଷ୍ଠ ସମ୍ମାନନୀୟ ରାଷ୍ଟ୍ରରେ ପରିଣତ କରିବା ପାଇଁ ବିଶେଷ ଯତ୍ନଶୀଳ ହେବା ବିଧେୟ। ଏହା ହିଁ ହେବ ଛାତ୍ର-ସମାଜର ରାଜନୀତି ପ୍ରବେଶର ଲକ୍ଷ୍ୟ। 'ରାଜନୀତି' ରାଷ୍ଟ୍ରର ଚଳିବାର ନୀତି। ନାଗରିକଙ୍କର ସୁରକ୍ଷା, ସାମାଜିକ ସମ୍ପର୍କ ଆଜିର ନିୟାମକ ହୋଇଥିବା ବେଳେ ଦୁଃଖଦ ଘଟଣା ହେଉଛି; ଛାତ୍ରୀଛାତ୍ରଙ୍କୁ ବିଶ୍ୱବିଦ୍ୟାଳୟ ସ୍ତରରେ ନିର୍ବାଚନକୁ ସ୍ଥଗିତ ରଖି ଆଜିର ଶାସକଗୋଷ୍ଠୀ ସେମାନଙ୍କର ଅଧିକାର ଉପରେ ହସ୍ତକ୍ଷେପ କରିଛନ୍ତି। ସମାଜରେ ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ସମାଜରେ କ'ଣ ଘଟୁଛି ବା ଘଟିବ ସେ ବିଷୟରେ ମୁଣ୍ଡ ଖେଳାନ୍ତି ନାହିଁ। 'ସମାଜ', 'ଜାତି', 'ଦେଶ' ଆଦି ଶବ୍ଦ ଓ ଏହାର ତାତ୍ତ୍ୱିକ ଅର୍ଥ, ସେମାନଙ୍କ ପକ୍ଷେ ମୂଲ୍ୟହୀନ। ତଥାପି ଏମାନେ ଗଣତନ୍ତ୍ର ରାଷ୍ଟ୍ରର ଏକ ଏକକ, ଏହା ଅନସ୍ୱୀକାର୍ଯ୍ୟ। ପକ୍ଷାନ୍ତରେ ସାମାଜିକ ପରିବର୍ତ୍ତନ ପାଇଁ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ବିଶ୍ୱବିଦ୍ୟାଳୟସ୍ତରୀୟ ନିର୍ବାଚନ ଅପରିହାର୍ଯ୍ୟ।

ଆଜିର ସମାଜରେ ଛାତ୍ର ରାଜନୀତିର ଭୂମିକା କ'ଣ ହେବା ଉଚିତ ସେ ପ୍ରସଙ୍ଗରେ ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ କାର୍ଯ୍ୟାବଳୀ ଦୃଷ୍ଟାନ୍ତ ସ୍ୱରୂପ ମାନସପଟରେ ଉଙ୍କିମାରେ। ମୁଖ୍ୟମନ୍ତ୍ରୀ ଆସନରେ ଅଧିରୂଢ଼ ଥାଇ ମଧ୍ୟ କୌଣସି ସ୍ଥାନକୁ ସରକାରୀ ଗାଡ଼ିରେ ପୋଲିସ ହେପାଜତ୍‌ରେ ନ ଯାଇ ସାଧାରଣ ନାଗରିକଙ୍କ ତୁଲ୍ୟ ବସ୍‌ରେ ଟିକେଟ୍ କରି ଯାଇଥାନ୍ତି। ତ୍ୟାଗର କି ଅପୂର୍ବ ଦୃଷ୍ଟାନ୍ତ! ତାଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟର ଏକ ଘଟଣା। ମୁଖ୍ୟ ଅତିଥି ରୂପେ ଢେଙ୍କାନାଳର ଏକ ସଭାସ୍ଥଳକୁ ଯିବା ପରିପ୍ରେକ୍ଷୀରେ ପଥରେ ଥିବା ଏକ ଗ୍ରାମର ଯୁବକଙ୍କ ସହ ତାଙ୍କ ଗାଁ ପୋଖରୀରୁ ଦଳ ଛାଣିବା କାର୍ଯ୍ୟରେ ନିଜକୁ ନିୟୋଜିତ କରି 'କର୍ମ ହିଁ ଜୀବନର ମାନଦଣ୍ଡ' ଏହି ମହାନ ଉକ୍ତିକୁ ବାସ୍ତବରେ ରୂପାୟିତ କରିପାରିଥିଲେ। ଆଚାର୍ଯ୍ୟ ବିନୋବା ଭାବେ ଏଥିପାଇଁ ତାଙ୍କୁ 'ଉତ୍କଳର ରାଜର୍ଷି' ରୂପେ ଆଖ୍ୟାୟିତ କରିଥିଲେ। ତାଙ୍କର ଅତୁଳନୀୟ ପାବନ-ବ୍ୟକ୍ତିତ୍ୱ ଛାତ୍ର-ସମାଜର ସର୍ବଦା ଧ୍ୟେୟ ହେଉ। ପରିଶେଷରେ ଜନ-ହିତୈଷୀ-ଦୂରଦୃଷ୍ଟି ସମ୍ପନ୍ନ ସଦା ଏ ଧରାର ହିତାକାଂକ୍ଷୀ ମହାମାନବଗଣଙ୍କର ଅମରବାଣୀ ମାନବ ଜାତିକୁ ଦିଗଦର୍ଶନ ଦେଇ ଆଗାମୀ ପିଢ଼ିକୁ ସୁମାର୍ଗରେ ପରିଚାଳିତ କରୁ।

**କଟକ, ମୋ: ୯୯୩୭୭୦୪୭୧୪**

## ଏଇ ଭାରତରେ

ମୌସୁମୀ ଆସିବା ପୂର୍ବରୁ ମଧ୍ୟ ବନ୍ୟା କଥା ଆଲୋଚନା ହେଉଛି। ଏହା ନଦୀ ବଢ଼ି ନୁହେଁ, ବରଂ ଅତ୍ୟଧିକ ବର୍ଷା ଯୋଗୁ ହେଉଥିବା ସହରୀ ବନ୍ୟା। ନିକଟରେ ବେଙ୍ଗାଲୁରୁରେ ବର୍ଷା ଯୋଗୁ ବନ୍ୟା ସ୍ଥିତି ଉପୁଜି ୩ ଜଣଙ୍କର ମୃତ୍ୟୁ ହେବା ସହ ଅନେକ ଲୋକ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଲୋକଙ୍କ ପାଖରେ ସହାୟତା ପହଞ୍ଚିବା ମଧ୍ୟ କଷ୍ଟକର ହୋଇଯାଇଥିଲା। ତେବେ ବନ୍ୟାରେ ଅସହାୟ ହୋଇପଡ଼ିଥିବା ଲୋକଙ୍କ ନିକଟରେ ଏବେ ସହାୟତା ପହଞ୍ଚାଇଦେବ ଏକ ଡ୍ରୋନ। ଏହାକୁ ଇଣ୍ଡିଆନ ରେସ୍କ୍ୟୁ ଏକାଡେମୀ ନିର୍ମାଣ କରିଛି। ଏହାର ନାମ ଇଚ୍ୟୁସ ୱାଟର ଡ୍ରୋନ୍। ଏହା ଏମର୍ଜେନ୍ସି ଟିମ୍‌କୁ ସାହାଯ୍ୟ କରିଛି ଓ ଶୀଘ୍ର ପୀଡ଼ିତଙ୍କ ନିକଟରେ ସହାୟତା ପହଞ୍ଚାଇ ଦେଇପାରୁଛି। ଟିମ୍‌କୁ ଗାଇଡ କରିବାରେ ପ୍ରମୁଖ ଭୂମିକା ନେଉଛି। ଏହି ୱାଟର ଡ୍ରୋନ୍ ପାଣିର ଉଚ୍ଚ ଲହଡ଼ିକୁ ଅତିକ୍ରମ କରି ଯାଇପାରୁଛି। ଏହା ୧୦୦ କେଜି ଜିନିଷ ନେଇପାରୁଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୪ ମେ ୧୯୭୬

- ଆଦିବାସୀମାନେ ଅଣଆଦିବାସୀଙ୍କୁ ଜମି ହସ୍ତାନ୍ତର କରିବା ବିରୁଦ୍ଧରେ ସମ୍ପୂର୍ଣ୍ଣ କଟକଣା ଜାରି କରିବା ପାଇଁ ମଧ୍ୟପ୍ରଦେଶ ମନ୍ତ୍ରିମଣ୍ଡଳ ନିଷ୍ପତ୍ତି ଗ୍ରହଣ କରିଛନ୍ତି।
- ନୂଆଦିଲ୍ଲୀଠାରେ ୬ ଏକର ଜମି ଉପରେ ନିର୍ମିତ ଏସିଆର ବୃହତ୍ତମ ଆନ୍ତଃରାଜ୍ୟ ବସ୍ ଟରମିନାଲ ଉଦ୍‌ଘାଟିତ।

## ଚିରନ୍ତନୀ

ଲଭିଅଛି ଯେ ସମ୍ପଦ
ଏ ମର ଜୀବନେ,
ମିଳଇ ସେ କେବେ
କେଉଁ ଅମର ଭୁବନେ ?
-(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 5 | | 3 | 8 | | | 4 |
| 6 | | | | | 4 | 1 | | 7 |
| 2 | 7 | | 1 | | | | | |
| 4 | | | | | 7 | | | 3 |
| | | | 3 | | | | | 9 |
| | | | | 1 | | | | |
| | 2 | | | | | 4 | | |
| | 5 | 1 | | 9 | | | 3 | |
| | | | | | | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 2 | 9 | 4 | 5 | 8 | 1 | 7 | 6 |
| 4 | 8 | 7 | 1 | 2 | 6 | 9 | 5 | 3 |
| 6 | 5 | 1 | 7 | 3 | 9 | 8 | 4 | 2 |
| 7 | 6 | 5 | 9 | 4 | 1 | 3 | 2 | 8 |
| 2 | 1 | 4 | 6 | 8 | 3 | 5 | 9 | 7 |
| 8 | 9 | 3 | 2 | 7 | 5 | 4 | 6 | 1 |
| 5 | 4 | 6 | 8 | 1 | 2 | 7 | 3 | 9 |
| 9 | 3 | 8 | 5 | 6 | 7 | 2 | 1 | 4 |
| 1 | 7 | 2 | 3 | 9 | 4 | 6 | 8 | 5 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ବିଜ୍ଞଜନ ବିଚାର କରିବେ କି

ମହାଶୟ,

ଏବେ ଦେଖାଯାଉଛି ଯେ, ମାତାପିତାମାନେ ନିଜ ନିଜ ପୁତ୍ର/କନ୍ୟାମାନଙ୍କ ନାମ ପୂର୍ବରୁ ବାବାଙ୍କ ଉପନାମ 'ସାଇ' ଯୋଡ଼ି 'ସାଇଜଗନ୍ନାଥ' 'ସାଇରାମ' 'ସାଇକୃଷ୍ଣ' 'ସାଇଲକ୍ଷ୍ମୀ' ଇତ୍ୟାଦି ନାମ ପ୍ରଦାନ କରୁଛନ୍ତି; ଯାହାକି ଏକ ଝୁଙ୍କ୍ ପାଲଟିଛି। ଏଠାରେ ଆମେ କହି ରଖୁଛୁ ଯେ, ଉକ୍ତ ଉପନାମରେ ଥିବା 'ବାବା' ବା ତାଙ୍କ ଅନୁଗାମୀଙ୍କୁ ଅପମାନ କରିବା ଆମର ଉଦ୍ଦେଶ୍ୟ ନୁହେଁ। ଆମର ଏଠାରେ କହିବାର କଥା ହେଲା ବିଶ୍ୱନିୟନ୍ତା ଜଗନ୍ନାଥ ପ୍ରଥମେ ନା ବାବା ପ୍ରଥମେ। ଏପରି କ୍ଷେତ୍ରରେ 'ସାଇ' ଉପନାମ ପରେ ଜଗନ୍ନାଥାଦି ଦେବଦେବୀଙ୍କ ନାମକୁ ରଖି ପୁତ୍ର/କନ୍ୟାମାନଙ୍କ ନାମ ଦେବା କେତେଦୂର ସମୀଚୀନ ? ଏହା କ'ଣ ଜଗନ୍ନାଥ, ରାମ, କୃଷ୍ଣ, ଦେବୀ ଲକ୍ଷ୍ମୀ ମା'ଙ୍କ ପ୍ରତି ଘୋର ଅପମାନ ନୁହେଁ ? ବିଜ୍ଞଜନମାନେ ବିଚାର କରିବେ।

**-ନରେନ୍ଦ୍ର କୁମାର ନାୟକ**
**ମହାଦେବ ବିହାର, ଚରମ୍ପା, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବିସ୍ଥାପନ ହେବାକୁ ଥିବା ୩୬୬ ପରିବାରକୁ ଥଇଥାନ ସହ ମିଳିବ ଆର୍ଥିକ ସହାୟତା

## ଟୁଇନ୍ ସିଟିରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟର ସମୀକ୍ଷାକଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୩।୫(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଲୋକସେବା ଭବନରେ ଭୁବନେଶ୍ୱର-କଟକ ଟୁଇନ୍ ସିଟିରେ କାର୍ଯ୍ୟକାରୀ ହେଉଥିବା ପୂର୍ତ୍ତ ବିଭାଗର ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବୈଠକରେ ଭୁବନେଶ୍ୱରର ସମନ୍ୱିତ ବିକାଶ ଯୋଜନା ସହ ଟ୍ରାଫିକ୍ ଭିଡ଼ ହ୍ରାସ ଯୋଜନା ସମ୍ପର୍କରେ ଆଲୋଚନା ହୋଇଛି। ଏହି ବିକାଶ ଯୋଜନାରେ ବିସ୍ଥାପିତ ହେବାକୁ ଥିବା ପ୍ରାୟ ୩୬୬ଟି ପରିବାରକୁ ଥଇଥାନ କରାଯିବା ସହ ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

ଜୟଦେବ ବିହାରରୁ ନନ୍ଦନକାନନ ପର୍ଯ୍ୟନ୍ତ ଏକ ଏଲିଭେଟେଡ୍ କରିଡର, ପଟିଆ ଷ୍ଟେଶନ ଛକରୁ ସୁଆଁଙ୍ଗ ମୌଜା ପର୍ଯ୍ୟନ୍ତ ଦୟା ୱେଷ୍ଟ କେନାଲ ରାସ୍ତା ନିର୍ମାଣ, ସୁନ୍ଦରପଦାରୁ ଜଟଣୀ ରାସ୍ତାର ପ୍ରଶସ୍ତୀକରଣ ଏବଂ କଳ୍ପନା ଛକ, ମ୍ୟୁଜିୟମ ଓ ଶିଶୁଭବନ ଛକରେ ୩ଟି ଫ୍ଲାଏଓଭର ସହ ଏଜି ଛକରେ ଏକ ଅଣ୍ଡରପାସ୍ ନିର୍ମାଣ ପାଇଁ ଯୋଜନା ରଖାଯାଇଛି। ସେହିପରି ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାଥ୍‌ମେଟିକ୍ସରୁ ପଥରଗାଡ଼ିଆ-ଉତ୍କଳ ହସ୍ପିଟାଲ- ରେଲ୍ ବିହାର ଦେଇ ଏକାମ୍ର କାନନ ପର୍ଯ୍ୟନ୍ତ ଲେଫ୍ଟ ପାରାଲାଲ୍ ରୋଡ୍ କାମ ମଧ୍ୟ ଜାରି ରହିଛି। ଏହା ସହ ଡମଣାରୁ ପ୍ରେସ୍ ଛକ, କଳାରାହାଙ୍ଗରୁ ବରିମୁଣ୍ଡ ଓ କେଲୁଚରଣ ପାର୍କରୁ ବରିମୁଣ୍ଡ ପର୍ଯ୍ୟନ୍ତ ୩ଟି ରାଇଟ୍ ଆକ୍ସେସ୍ ରୋଡ୍ ନିର୍ମାଣର ଯୋଜନା ରଖାଯାଇଛି। ଏକ ଇନର ରିଂ ରୋଡ୍ ମଧ୍ୟ ନିର୍ମାଣ କରାଯିବ। ଏହିସବୁ ନିର୍ମାଣ ଦ୍ୱାରା ଭୁବନେଶ୍ୱରରେ ପ୍ରତିଦିନ ବଢୁଥିବା ଟ୍ରାଫିକ୍ ସମସ୍ୟାର ସମାଧାନ ହୋଇପାରିବ ଏବଂ ଭୁବନେଶ୍ୱର ସହରର ସୌନ୍ଦର୍ଯ୍ୟକରଣରେ ବିଶେଷ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପୋଲିସ କମିଶନର ଏସ୍. ଦେବଦତ୍ତ ସିଂହ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଅନୁଜ କୁମାର ଦାସପଟ୍ଟନାୟକ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ

## ଓଏଏସ୍ ଅଧିକାରୀ ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୨୩।୫ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ଶୁକ୍ରବାର ବରିଷ୍ଠ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀ ସ୍ତରରେ ଅଦଳବଦଳ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ପିଏମ୍ ପୋଷଣ ଏବଂ ଏମ୍ଏମ୍ ପୋଷଣର ରାଜ୍ୟ କ୍ଷେତ୍ରୀୟ ଅଧିକାରୀ ଅନୁଜ କୁମାର ଦାସପଟ୍ଟନାୟକଙ୍କୁ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। ଏହି ବିଭାଗର ଅତିରିକ୍ତ ଦାୟିତ୍ୱ ତୁଲାଉଥିବା ଦେବ ପ୍ରସାଦ ଦାଶଙ୍କ ସ୍ଥାନରେ ଅନୁଜ ଅବସ୍ଥାପିତ ହୋଇଛନ୍ତି। ଦେବ ପ୍ରସାଦ ଏବେ ରାଜ୍ୟ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ଅଛନ୍ତି।

ସେହିପରି ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ସୁରେନ୍ଦ୍ର କୁମାର ପଣ୍ଡାଙ୍କୁ ପିଏମ୍ ପୋଷଣ ଏବଂ ଏମ୍ଏମ୍ ପୋଷଣର ରାଜ୍ୟ କ୍ଷେତ୍ରୀୟ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି। ଖୋର୍ଦ୍ଧା ଜିଲା ଟାଙ୍ଗୀର ପୂର୍ବତନ ତହସିଲଦାର ତଥା ନିକଟରେ ସାଧାରଣ ପ୍ରଶାସନ ବିଭାଗରେ ଯୋଗଦେଇଥିବା ଓଏଏସ୍ ଅଧିକାରୀ ମିତାଲି ପାତ୍ରଙ୍କୁ ମୟୂରଭଞ୍ଜର ବାରିପଦା ସିଡିଏମ୍ ଏବଂ ପିଏଚ୍ଓ କାର୍ଯ୍ୟାଳୟର ପ୍ରଶାସନିକ ଅଧିକାରୀ ଭାବେ ନିଯୁକ୍ତ କରାଯାଇଥିବାବେଳେ ଅଜୟ କୁମାର ପ୍ରଧାନଙ୍କୁ ଗୁଣପୁର ଆଇଟିଡିଏର ପିଏ ଭାବେ ନିଯୁକ୍ତ କରାଯାଇଛି। ସେହିଭଳି ବୌଦ୍ଧ ବିଡିଓ ଯୁଧିଷ୍ଠିର ମେହେରଙ୍କୁ ସରାଙ୍ଗସ୍ଥିତ ଇନ୍ଦିରା ଗାନ୍ଧୀ ଇନ୍ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିର ରେଜିଷ୍ଟ୍ରାର (ଆଇଜିଆଇଟି)ର ଭାବେ ବଦଳି କରାଯାଇଛି।

# ୨୭ ନୁହେଁ, ୨୬ରେ ସାବିତ୍ରୀ ଅମାବାସ୍ୟା ପାଇଁ ସରକାରୀ ଛୁଟି

ଭୁବନେଶ୍ୱର, ୨୩।୫(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାବିତ୍ରୀ ଅମାବାସ୍ୟା ପାଇଁ ସରକାରୀ ଛୁଟିକୁ ଆସନ୍ତା ୨୭ ପରିବର୍ତ୍ତେ ୨୬ ତାରିଖରେ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କିତ ପ୍ରସ୍ତାବକୁ ସେ ଶୁକ୍ରବାର ଅନୁମୋଦନ ଦେଇଛନ୍ତି। ତେଣୁ ଛୁଟି ତାରିଖକୁ ପରିବର୍ତ୍ତନ କରାଯାଇ ୨୭ ତାରିଖରେ ରାଜ୍ୟ ସରକାରଙ୍କ ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ଅନୁଷ୍ଠାନ ଖୋଲା ରଖିବାକୁ ଘୋଷଣା କରିଛନ୍ତି। ଏହି କ୍ରମରେ ଆସନ୍ତା ୨୬ରେ ସରକାରୀ ଛୁଟି ଘୋଷଣା କରାଯାଇଛି। ଏନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଜ୍ଞପ୍ତି ମଧ୍ୟ ଜାରି କରାଯାଇଛି। ଏହିଦିନ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ତଥା ମାଜିଷ୍ଟ୍ରେରିଆଲ କୋର୍ଟ ବନ୍ଦ ରଖାଯିବ ବୋଲି ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ଚଳିତ ବର୍ଷ ସାବିତ୍ରୀ ଅମାବାସ୍ୟା ପାଇଁ ସରକାରୀ ଛୁଟି ମେ ମାସ ୨୭ ତାରିଖକୁ ସ୍ଥିରୀକୃତ ହୋଇଥିଲା। ହେଲେ ପୁରୀ ମୁକ୍ତି ମଣ୍ଡପ, ଅନ୍ୟାନ୍ୟ ଧାର୍ମିକ ଅନୁଷ୍ଠାନ ଓ ପଞ୍ଜିକା ଗଣନକାରୀ ଅନୁଷ୍ଠାନଗୁଡ଼ିକ ସହ ଯୋଗାଯୋଗ ପରେ ଏହା ଜଣାଯାଇଛି। ୨୬ ତାରିଖରେ ହିଁ ସାବିତ୍ରୀ ଅମାବାସ୍ୟା ପାଳନ କରାଯିବ।

# ୩ରେ କୋଟିଆ କମିଟିର ପ୍ରଥମ ବୈଠକ

ଭୁବନେଶ୍ୱର, ୨୩।୫(ସୁନିତ୍ ମିଶ୍ର)

କୋଟିଆକୁ ନେଇ ଲାଗି ରହିଥିବା ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ଅଣ୍ଟା ଭିଡ଼ିଛନ୍ତି। ସରକାର ଗୁରୁବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ୧୬ ଜଣିଆ କମିଟି ଘୋଷଣା କରିଛନ୍ତି। ଏହି କମିଟି ହାତରେ ସମ୍ପୂର୍ଣ୍ଣ ଦାୟିତ୍ୱ ନ୍ୟସ୍ତ କରାଯିବା ପରେ ଗଣମାଧ୍ୟମକୁ ସୂଚନା ଦେଇ ଶୁକ୍ରବାର ମନ୍ତ୍ରୀ ପୂଜାରୀ କହିଛନ୍ତି, ଆସନ୍ତା ୩ ତାରିଖରେ କୋଟିଆ କମିଟିର ପ୍ରଥମ ବୈଠକ ହେବ। କୋଟିଆ ପାଇଁ ସ୍ୱତନ୍ତ୍ର ଅଧିକାରୀଙ୍କୁ ନିଯୁକ୍ତ କରାଯିବ। ଏଥିସହ କୋଟିଆ ପାଇଁ ଦୀର୍ଘ ଓ ସ୍ୱଳ୍ପ ମିଆଦୀ ଯୋଜନା କରାଯିବ। ମାମଲାର ପୁନର୍ବିଚାର ଲାଗି ସୁପ୍ରିମକୋର୍ଟରେ ଆବେଦନ କରାଯାଇଛି। କୋଟିଆବାସୀ ଓଡ଼ିଶା ସହିତ ଥିଲେ ଓ ରହିବେ ବୋଲି ସେ କହିଛନ୍ତି। ଏହାସହ ଖୁବ୍‌ଶୀଘ୍ର କୋଟିଆ ଲାଗି ସ୍ୱତନ୍ତ୍ର ଅଧିକାରୀ ନିଯୁକ୍ତ ହେବେ ବୋଲି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଦୀର୍ଘଦିନ ହେଲା କୋଟିଆ ସୀମା ବିବାଦ ଲାଗି ରହିଛି। ଏହାର ସମାଧାନ ଲାଗି ଗତ ଏପ୍ରିଲ ୨୨ ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହାପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଏକ ରାଜ୍ୟସ୍ତରୀୟ କମିଟି ଗଠନ କରାଯାଇଛି। ଏହି କମିଟିକୁ ନିର୍ଦ୍ଦେଶ ଦିଆଯାଇଛି, କୋଟିଆ ପଞ୍ଚାୟତକୁ ସ୍ୱତନ୍ତ୍ର ଦୃଷ୍ଟି ଦେବା ଲାଗି ଯୋଜନା ପ୍ରସ୍ତୁତ କରାଯିବ। ସମସ୍ତଙ୍କ ନିକଟରେ ଯେପରି ଗୋଟିଏ ଏଜେନ୍ସି ଜରିଆରେ ସବୁ ପ୍ରକାର ସରକାରୀ ସୁବିଧା ପହଞ୍ଚିବ ତାକୁ ନିଶ୍ଚିନ୍ତ କରିବେ।

# ବେଆଇନ ମାଦକଦ୍ରବ୍ୟ ବିରୋଧରେ ୩୧ରୁ ଜୁନ୍ ୨୬ ଯାଏ ସଚେତନତା କାର୍ଯ୍ୟକ୍ରମ

- ପାଲା, ଦାସକାଠିଆ, ଘୋଡ଼ାନାଚ, ପଥପ୍ରାନ୍ତ ନାଟକ ଜରିଆରେ ହେବ ସଚେତନତା
- ସ୍କୁଲସ୍ତରରେ ହେବ ପ୍ରବନ୍ଧ ପ୍ରତିଯୋଗିତା, ସଚେତନତା ରଥ ବୁଲିବ
- ପ୍ରତିଦିନ କେଉଁ କାର୍ଯ୍ୟକ୍ରମ ହେବ ତା'ର ତାଲିକା ପ୍ରସ୍ତୁତ ପାଇଁ ବିଭାଗକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୩।୫(ସୁନିତ୍ ମିଶ୍ର)

ନୂଆ ସରକାର ରାଜ୍ୟର ଶାସନ ଭାର ହାତକୁ ନେବା ପରେ ବେଆଇନ ମାଦକଦ୍ରବ୍ୟ କାରବାର ଅନେକାଂଶରେ ହ୍ରାସ ପାଇଛି। ଅବକାରୀ ବିଭାଗ, ପୋଲିସ ପ୍ରଶାସନ ଏବଂ ସ୍ପେଶାଲ ସ୍କ୍ୱାଡ୍ ଜରିଆରେ ନିୟମିତ ଚଢ଼ାଉ କରାଯାଇ ଅନେକ ବେଆଇନ ମଦଭାଟିକୁ ବନ୍ଦ କରାଯିବା ସହ ପ୍ରସ୍ତୁତି ସାମଗ୍ରୀ ଓ ଗାଡ଼ି ଜବତ କରାଯିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ତଥାପି ଏ ଦିଗରେ ଅଧିକ କାର୍ଯ୍ୟକରି ରାଜ୍ୟରୁ ବେଆଇନ ମାଦକଦ୍ରବ୍ୟ କାରବାରକୁ ସମ୍ପୂର୍ଣ୍ଣ ରୋକିବା ପାଇଁ ଆମ ସମସ୍ତଙ୍କୁ ଉଦ୍ୟମ କରିବାକୁ ପଡ଼ିବ ବୋଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଆସନ୍ତା ୩୧ରୁ ଜୁନ୍ ୨୬ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ବେଆଇନ ମାଦକଦ୍ରବ୍ୟ ସେବନ ଓ କାରବାର ରୋକିବା ଦିଗରେ ସଚେତନତା କାର୍ଯ୍ୟକ୍ରମ ନେଇ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଶୁକ୍ରବାର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ଏଥିରେ ଅଧ୍ୟକ୍ଷତାକରି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ବେଆଇନ ମାଦକଦ୍ରବ୍ୟ ସେବନ ଓ କାରବାର ବିରୋଧରେ ସାରା ରାଜ୍ୟରେ ହେବାକୁ ଥିବା କାର୍ଯ୍ୟକ୍ରମରେ ପ୍ରତ୍ୟେକ ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ବିଦ୍ୟାଳୟ ସ୍ତରରୁ ଆରମ୍ଭକରି ଗ୍ରାମପଞ୍ଚାୟତ ପର୍ଯ୍ୟନ୍ତ ରାଜ୍ୟର କୋଣ ଅନୁକୋଣରେ ସଚେତନତାର ବାର୍ତ୍ତାକୁ ପହଞ୍ଚାଇବାକୁ ପଡ଼ିବ। ପାଲା, ଦାସକାଠିଆ, ଘୋଡ଼ାନାଚ ଆଦି ସହ ବିଭିନ୍ନ ହାଟବଜାର ଅଞ୍ଚଳରେ ପଥପ୍ରାନ୍ତ ନାଟକ ଜରିଆରେ ବେଆଇନ ନିଶା ସେବନ କାରବାରର କୁପରିଣତି ନେଇ ସଚେତନତା ସୃଷ୍ଟି କାର୍ଯ୍ୟକ୍ରମକୁ ସଫଳ କରିବାକୁ ହେବ। ଏହାସହ ଜିଲା, ଉପଖଣ୍ଡ ଓ ବ୍ଲକ୍ ସ୍ତରରେ ସଚେତନତା ରଥ ଜରିଆରେ ସବୁବର୍ଗଙ୍କୁ ସଚେତନ କରାଇବା ନେଇ ଉପସ୍ଥିତ ସମସ୍ତ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତିଦିନ କ'ଣ କାର୍ଯ୍ୟକ୍ରମ କରାଯିବ ତା'ର ତାଲିକା ପ୍ରସ୍ତୁତ କରିବା ନେଇ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗ୍ରାମାଞ୍ଚଳରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସାମିଲ କରି ବିଦ୍ୟାଳୟ ସ୍ତରରେ ବେଆଇନ ନିଶା ସେବନ ସମ୍ବନ୍ଧରେ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜନ କରିବା ସହ ବେଆଇନ ମାଦକଦ୍ରବ୍ୟ କାରବାର ଓ ସେବନ ବିରୋଧରେ ନିୟମିତ ସଚେତନ କରିବାକୁ ପରାମର୍ଶ ଦିଆଯାଇଛି।

# ଜୁନ୍ ୨୫ରୁ ଯୁକ୍ତ ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷା

ଭୁବନେଶ୍ୱର, ୨୩।୫ (ଅନୁରାଧା ମହାରଣା)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଜୁନ୍ ୨୫ ଓ ୨୬ ତାରିଖରେ ଅନୁଷ୍ଠିତ ହେବ। ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିପାଇଁ ମେ ୨୮ରୁ ଜୁନ୍ ୨ ପର୍ଯ୍ୟନ୍ତ ଅନଲାଇନ୍ ଆବେଦନ ଚାଲିବ। ଜୁନ୍ ୨ ଓ ୩ ତାରିଖରେ ଦେୟ ପୈଠ କରିବାକୁ ପଡ଼ିବ। ରେଗୁଲାର ଓ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ ଏଗ୍ରିଗେଟ୍‌ରେ ପାସ୍ ମାର୍କ ୨୧୦ ରଖିଥିବେ ଏବଂ ମାତ୍ର କୌଣସି ଗୋଟିଏ ବିଷୟରେ ଫେଲ୍ ହୋଇଥିଲେ, ଇନ୍‌ଷ୍ଟାଣ୍ଟ ପରୀକ୍ଷା ଦେଇପାରିବେ। ୨୦୨୫ ଶିକ୍ଷାବର୍ଷରେ ଯେଉଁ କମ୍ପାର୍ଟମେଣ୍ଟାଲ ପରୀକ୍ଷାର୍ଥୀ କୌଣସି ବିଷୟରେ ପରୀକ୍ଷା ଦେଇ ଫେଲ୍ ହୋଇଥିଲେ ଏହି ପରୀକ୍ଷା ପାଇଁ ଆବେଦନ କରିପାରିବେ। ସେହିପରି କୌଣସି ପରୀକ୍ଷାର୍ଥୀ ଏକ ବିଷୟର ଉଭୟ ପ୍ରାକ୍ଟିକାଲ କିମ୍ବା ଥିଓରୀରେ ଫେଲ୍ ହୋଇଥିଲେ ତାଙ୍କୁ ଉଭୟ ପରୀକ୍ଷା ଦେବାକୁ ହେବ। ଥିଓରୀରେ ଫେଲ୍ ହୋଇ ପ୍ରାକ୍ଟିକାଲରେ ପାସ୍ ହୋଇଥିଲେ, କେବଳ ଥିଓରୀ ପରୀକ୍ଷା ଦେବାକୁ ହେବ। ସେହିପରି ପ୍ରାକ୍ଟିକାଲରେ ଫେଲ୍ ହୋଇ ଥିଓରୀରେ ପାସ୍ ହୋଇଥିଲେ, କେବଳ ପ୍ରାକ୍ଟିକାଲ ପରୀକ୍ଷା ଦେବାକୁ ହେବ। ତେବେ ପରୀକ୍ଷାରେ କପି କରି ଧରାପଡ଼ିଥିଲେ କିମ୍ବା ପରୀକ୍ଷା ଫଳ ସ୍ଥଗିତ ରହିଥିଲେ ଉକ୍ତ ପରୀକ୍ଷାର୍ଥୀ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଦେଇପାରିବେ ନାହିଁ।

# ଜିନମ୍ ସିକ୍ୱେସିଂ ପାଇଁ ଗଲା କୋଭିଡ୍ ସଂକ୍ରମିତଙ୍କ ନମୁନା

## ବହୁବିଧ ରୋଗୀ ମାସ୍କ ପିନ୍ଧିବା ଆବଶ୍ୟକ: ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୨୩।୫ (ବନ୍ଦନା ସେଠୀ)

ରାଜ୍ୟରେ ଚଳିତ ବର୍ଷର ପ୍ରଥମ କୋଭିଡ୍ ସଂକ୍ରମିତ ଚିହ୍ନଟ ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। କୋଭିଡ୍ ସଂକ୍ରମିତ ବ୍ୟକ୍ତିଙ୍କ ନମୁନା ସଂଗ୍ରହ କରାଯାଇ ଜିନମ ସିକ୍ୱେସିଂ ପାଇଁ ପଠାଯାଇଛି। ଏହା କୋଭିଡ୍‌ର ପୁରୁଣା ସବ୍‌ଭାରିଆଣ୍ଟ ନା ଆଉ କେଉଁ ପ୍ରଜାତିର, ତାହା ଜିନମ୍ ସ୍ୱିକ୍ୱେସିଂ ରିପୋର୍ଟ ଆସିବା ପରେ ଜଣାପଡିବ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି। କୋଭିଡ୍ ସଂକ୍ରମିତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ସେହିପରି ସଂକ୍ରମିତ ବ୍ୟକ୍ତିଙ୍କ ଘରେ କିମ୍ବା ଆଖପାଖରେ ଆଉ କେଉଁମାନଙ୍କଠାରେ କୋଭିଡ ଲକ୍ଷଣ ନାହିଁ ବୋଲି ସୂଚନା ଦିଆଯାଇଛି। ତେବେ ଯେଉଁମାନଙ୍କର ବହୁବିଧ ରୋଗ ରହିଛି ସେମାନେ ମାସ୍କ ପିନ୍ଧିବା ଆବଶ୍ୟକ। ସେହିପରି ଗର୍ଭବତୀ, ଛୋଟପିଲା ଓ ବୟସ୍କ ବ୍ୟକ୍ତି ସତର୍କ ରହିବା ସହିତ ମାସ୍କ ପିନ୍ଧିବା ଆବଶ୍ୟକ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

ସୂଚନାଯୋଗ୍ୟ, ବୁଧବାର ରାତିରେ ଭୁବନେଶ୍ୱରରୁ ରାଜ୍ୟର ପ୍ରଥମ କୋଭିଡ୍ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସମ୍ପୃକ୍ତ ବ୍ୟକ୍ତି ଜଣକ ୭୫ବର୍ଷୀୟ ହୋଇଥିବାବେଳେ ସେ ଦିଲ୍ଲୀ ଫେରନ୍ତା ବୋଲି ଜଣାପଡିଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ସହକାରୀ ଆବଶ୍ୟକ**
ମହିଳା ବୟସ 35-50ବର୍ଷ, ଯୋଗ୍ୟତା-ଏକାଦଶ ବା +2, ପ୍ରଥମଶ୍ରେଣୀ ଓଡିଶା ଉତ୍ତମ ଦୃଷ୍ଟି ଶକ୍ତି ସମ୍ପର୍ଣ ସନ୍ତାନ ସନ୍ତତି 12 ବର୍ଷରୁ ଉର୍ଦ୍ଧ ସର୍ବାଧିକ ତିନି ଜାତି-ସାଧାରଣ ବର୍ଗ ସେବା କାମ୍ୟ ବ୍ୟକ୍ତି 89ବର୍ଷ ରହିବା ଘର ବ୍ୟବସ୍ଥା ଅଛି। ଆଧାର କାର୍ଡ, ସ୍ୱାସ୍ଥ୍ୟ ଓ ଜାତି ପରିଚୟ ପତ୍ର ଆବଶ୍ୟକ। ପାରିଶ୍ରମିକ ସାକ୍ଷାତରେ ଯାହା ନିଷ୍ପତ୍ତି ହେବ। ପ୍ରତ୍ୟକ୍ଷରେ ଯୋଗାଯୋଗ କରନ୍ତୁ-9438572007, କର୍ତ୍ତା- ଲିଙ୍ଗରାଜ ପାଳ, (କଲୋନୀ), ଭଞ୍ଜନଗର

**REQUIREMENT**
Educated & Well behaved Candidate required for a Construction Site with good communication skill. Both Field & Office Work Bhubaneswar.
Mob. - 7381207777

**ଅନ୍ୱିକା ସର୍ଭିସେସ୍ (ଭୁଜ୍)**
ଗୁଜରାଟ ବିପୁଳ ସଂଖ୍ୟକ ଅଣକୁଶଳୀ ଶ୍ରମିକଙ୍କୁ ନିଯୁକ୍ତି ଦେଉଛି। ଦରମା 24000+3200, ପିଏଫ୍ + ରହିବା ସୁବିଧା, 12 ଘଣ୍ଟା ଡ୍ୟୁଟି। ଯୋଗାଯୋଗ : 9624019510, 9727054779, 7486050035, 9429927537, ନିଯୁକ୍ତି ମାଗଣା।

**SHRE HEALTH CARE HOSPITAL**
Athagarh, Cuttack
URGENTLY REQUIRED
G.N.M. Nurse
with good Salary & Boarding Lodging Free. Kindly Contact & Submitted Bio-Data immediately.
Contact
7381588664 / 9437654025

**WANTED**
Honest, Responsible Peon-cum-Caretaker for guest house, Salary as per experience, Free room, utilities. Must speak Hindi, English, Odia. Immediate joining in Bhubaneswar.
Send Biodata to 9438128790

See Career Appointment on every Wednesday & Saturday

**RECRUITMENT**
**ZENITH ENGINEERING & MANAGEMENT STUDIES**
Approved by AICTE, New Delhi, Affiliated to BPUT, Odisha
1. Principal : (Ph.D with 5-10 Year's Experience)
2. Professor / Asso. Prof. / Asst. Prof : PhD / M.Tech in Civil, EE, Mech., CSE, Mining with (0-5 years experience)
3. Lab Assistant : Civil, EE, Mech, CSE, Mining (B.Tech with 0-3 years experience)
4. Administrative Officer : Graduate & above with 3 years minimum experience in Educational field.
5. Placement Officers / Librarian & Accountant : Minimum 0-3 years experience in respective field.

Eligible candidates are requested to send their updated resume through the E-mail ID : zemsbbsr@gmail.com within 7days from the date of publication of the advertisement. You can also send through whatsapp
NH-16, Pitapalli, Khordha, 752057
Contact / WhatsApp : 8908018083

# ଓଲଟିଲା ମିନିଟ୍ରକ୍: ୨ ଦୁଲ୍‌ଦୁଲି କଳାକାର ମୃତ

## ଯାଉଥିଲେ ୨୬ କଳାକାର

ସୋନପୁର,୨୩।୪ (ମୃତ୍ୟୁଞ୍ଜୟ ଶତପଥୀ)



ଅଗ୍ନିଶମ ସେବାକେନ୍ଦ୍ରର କର୍ମଚାରୀମାନେ ଆହତଙ୍କୁ ଉଦ୍ଧାର କରୁଛନ୍ତି।

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ସୋନପୁର ଥାନା ହରଡ଼ଖୋଲ ଛକର ଛୁଇବନ୍ଧ ନିକଟରେ ଦୁଲଦୁଲି ବାଦ୍ୟ କଳାକାରଙ୍କୁ ନେଇ ଯାଉଥିବା ଗାଡ଼ି ଓଲଟି ପଡିବାରୁ ୨ କଳାକାରଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୨୪ କଳାକାର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭ଜଣ ଗୁରୁତର ହୋଇଛନ୍ତି। ମୃତ ବାଦ୍ୟ କଳାକାର ହେଲେ ବରଗଡ ଜିଲା ତୁରା ଅଞ୍ଚଳର ମଣ୍ଟୁ ଛତ୍ରିଆ(୨୪) ଓ ମାଷ୍ଟରଟିକ୍ରା ଅଞ୍ଚଳର ସୁଦାମ ସିକା(୨୪)।

ସୂଚନା ଅନୁଯାୟୀ, ବରଗଡ଼ ଜିଲାର ଦୁଲ୍‌ଦୁଲି କଳାକାରମାନେ ବୌଦ୍ଧ ଜିଲା ମନମୁଣ୍ଡାର ଏକ ବରଯାତ୍ରୀ ଦଳର ଶୋଭାଯାତ୍ରାରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ସାରି ଏହି ଦଳ କଳାହାଣ୍ଡି ଜିଲାକୁ ଅନ୍ୟ ଏକ ଶୋଭାଯାତ୍ରାରେ ବାଦ୍ୟ ଓ ନୃତ୍ୟ ପରିବେଷଣ ପାଇଁ ଯାଉଥିଲା। ଏକ ମିନିଟ୍ରକ୍ ଡାଲାରେ ଡିଜେ ସାଉଣ୍ଡ ସିଷ୍ଟମ ଥିବା ବେଳେ ଉପରେ ସ୍ୱତନ୍ତ୍ର ଭାବେ ନିର୍ମିତ ସେଲ୍ଫରେ ୨୬ କଳାକାର ଥିଲେ। ଶୁକ୍ରବାର ଭୋର ୪ଟାରେ ଡ୍ରାଇଭର ଭାରସାମ୍ୟ ହରାଇବାରୁ ଛୁଇବନ୍ଧ ନିକଟରେ ମିନିଟ୍ରକ୍ ରାସ୍ତାପାର୍ଶ୍ୱକୁ ଓଲଟି ପଡ଼ିଥିଲା। ଫଳରେ ମାଲ ପରିବହନ ଗାଡ଼ିରେ ଅସୁରକ୍ଷିତଭାବେ ଯାତ୍ରା କରୁଥିବା କଳାକାରମାନେ ଚାପି ହୋଇଯାଇଥିଲେ। ଖବରପାଇ ସୋନପୁର ଅଗ୍ନିଶମ ସେବାକେନ୍ଦ୍ର କର୍ମଚାରୀ ଓ ହରଡ଼ଖୋଲ ଫାଣ୍ଡି ପୋଲିସ ପ୍ରୋକଲିନ୍ ସହାୟତାରେ ମିନିଟ୍ରକ୍‌କୁ ଉଠାଇବା ସହ କଟରରେ କାଟି ସେମାନଙ୍କୁ ଉଦ୍ଧାର କରିଥିଲେ। ମଣ୍ଟୁ ଓ ସୁଦାମଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଅନ୍ୟମାନଙ୍କୁ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ୭ଜଣଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାଗ୍ରସ୍ତ ମିନିଟ୍ରକ୍(ନଂ.ଓଡି୧୭ଏବି-୦୦୮୭)କୁ ଜବତ କରିବା ସହ ଏକ ମାମଲା ରୁଜୁ ହୋଇଥିବା ହରଡ଼ଖୋଲ ଫାଣ୍ଡି ଅଧିକାରୀ ଦିଲୀପ କୁମାର ସାହୁ କହିଛନ୍ତି। ମାଲ୍ ପରିବହନ ଗାଡ଼ିରେ ଲୋକମାନେ ଅସୁରକ୍ଷିତ ଭାବେ ଯାତ୍ରା କରୁଥିବା ବେଳେ ପୋଲିସ ଓ ପରିବହନ ବିଭାଗ ଏଭଳି ଗାଡ଼ିଗୁଡିକୁ ଜବତ କରୁ ନ ଥିବାରୁ ଏଭଳି ଦୁର୍ଘଟଣା ଘଟୁଥିବା ବୁଦ୍ଧିଜୀବୀ ମହଲରେ ଅଭିଯୋଗ ହେଉଛି।

# ନୂଆଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ, ନୀତି ଆୟୋଗ ବୈଠକରେ ଯୋଗଦେବେ

## ୨୫ରେ ଏନ୍‌ଡିଏ ମୁଖ୍ୟମନ୍ତ୍ରୀମାନଙ୍କ ବୈଠକ

ଭୁବନେଶ୍ୱର, ୨୩।୫(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ୪ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଶନିବାର ଆୟୋଜିତ ନୀତି ଆୟୋଗରେ ମୁଖ୍ୟମନ୍ତ୍ରୀ ଯୋଗଦେବେ। ଅଧିକାଂଶ ରାଜ୍ୟର ଅର୍ଥମନ୍ତ୍ରୀ ଏହି ବୈଠକରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ରାଜ୍ୟର ଅର୍ଥ ବିଭାଗ ଦାୟିତ୍ୱ ମୁଖ୍ୟମନ୍ତ୍ରୀଙ୍କ ହାତରେ ଥିବାରୁ ସେ ଏହି ବୈଠକରେ ଯୋଗଦେବେ। ଅନ୍ୟପଟେ ଆସନ୍ତା ୨୫ରେ ଏନ୍‌ଡିଏ ମୁଖ୍ୟମନ୍ତ୍ରୀମାନଙ୍କ ବୈଠକ ନୂଆଦିଲ୍ଲୀଠାରେ ହେବା କାର୍ଯ୍ୟକ୍ରମ ରହିଛି। ତେଣୁ ଏହି ବୈଠକରେ ମଧ୍ୟ ମୁଖ୍ୟମନ୍ତ୍ରୀ ଯୋଗଦେବେ। ଉକ୍ତ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗଦେବା ଲାଗି ମୁଖ୍ୟମନ୍ତ୍ରୀ ମୁଖ୍ୟତଃ ନୂଆଦିଲ୍ଲୀ ଗସ୍ତ କରିଥିବା ତାଙ୍କ କାର୍ଯ୍ୟାଳୟର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ସେ ୨୬ ତାରିଖରେ ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିବା କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି।



## ସଂକ୍ଷେପରେ

### ଅଟୋ ଭିତରୁ ଯୁବକଙ୍କ ମୃତଦେହ ଜବତ

**ଖପ୍ରାଖୋଲ୨୩ା୫(ଅଭୟ ତ୍ରିପାଠୀ)**

ଖପ୍ରାଖୋଲ ବ୍ଲକ ଲରମ୍ବା ଥାନା ବାହାଲଭଟଲି ଦମେଇପାଲି ରାସ୍ତା କଡ଼ରେ ଥିବା ଏକ ଅଟୋ ଭିତରୁ ଜଣେ ଯୁବକଙ୍କ ମୃତଦେହ ପୋଲିସ ଶୁକ୍ରବାର ଜବତ କରିଛି। ମୃତ ଯୁବକ ଜଣକ ହେଲେ ପଦ୍ମପୁର ଥାନା ମହୁଲପାଲି ନିକଟ ଦର୍ବେକେଲା ଗାଁର କ୍ଷୀରୋଦ ମେହେର (୨୭) । ପ୍ରକାଶ ଯେ, ଅଟୋ ଭିତରେ ସମ୍ପୃକ୍ତ ଯୁବକ ଜଣକ ଶୋଇବା ଭଳି ଦୀର୍ଘ ସମୟ ଧରି ରହିଥିବାରୁ ଗ୍ରାମବାସୀ ସନ୍ଦେହ କରି ଲରମ୍ବା ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ତାର ପରିଚୟ ଖୋଜିଥିଲା। ପରେ ପରିବାର ଲୋକଙ୍କୁ ଖବର ଦେଇଥିଲା। ପରିବାର ଲୋକ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ଏନେଇ ଲରମ୍ବା ଥାନାରେ ନମ୍ବର ୯/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ଭାନୁ ପ୍ରକାଶ ଯାଦବ ପ୍ରକାଶ କରିଛନ୍ତି।

### ପରିବାରବର୍ଗଙ୍କୁ ଭେଟିଲେ କଣ୍ଟାବାଞ୍ଜି ବିଧାୟକ

**ପ୍ରଶାନ୍ତ ନିଆଲଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା**

**ବେଲପଡା,୨୩ା୫(ମନୋଜ କୁମାର ମିଶ୍ର)**

ନିକଟରେ ବଲାଙ୍ଗୀର ଜିଲା ବେଲପଡାସ୍ଥିତ ତଲପଡାର ପ୍ରଶାନ୍ତ ନିଆଲ (୪୫)ଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଥିଲା। ପରିବାର ଲୋକେ ତାଙ୍କୁ ହତ୍ୟା କରାଯାଇଥିବା ବେଲପଡା ଥାନାରେ ଅଭିଯୋଗ କରିଥିଲେ। ବୁଧବାର କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ମୃତ ପ୍ରଶାନ୍ତଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ବେଲପଡା ଥାନାକୁ ଆସି ଥାନାଧିକାରୀ ଅନନ୍ତ ପ୍ରଧାନଙ୍କ ସହ ଏ ନେଇ ଆଲୋଚନା କରିଥିଲେ । ବିଧାୟକଙ୍କ ସହ ବେଲପଡା ଭାଜପାର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ, ଗତ ୮ ତାରିଖ ଦିନ ପ୍ରଶାନ୍ତ ଓ ତାଙ୍କର ୩ ଜଣ ସାଙ୍ଗ ରାୟପୁରକୁ ମାର୍କେଟିଂ କରିବାକୁ ଯାଇଥିଲେ। ମାର୍କେଟିଂ ସାରି ସେଠାରୁ ଟ୍ରେନରେ ଫେରୁଥିବା ବେଳେ ମହାସମୁନ ଷ୍ଟେଶନରେ ପ୍ରଶାନ୍ତ ନିଖୋଜ ହୋଇଯାଇଥିବା ନେଇ ତାଙ୍କର ସାଙ୍ଗମାନେ ଜଣାଇଥିଲେ। ଶେଷରେ ତାଙ୍କର ମୃତଦେହ ଛତିଶଗଡ ରାଜ୍ୟ ରାୟପୁରର ଆରଙ୍ଗ ପୋଲିସ ଏକ ରେଳଲାଇନ୍‌ରୁ ଜବତ କରିଥିଲା। ପୋଲିସ ପରିଚୟ ନ ପାଇବାରୁ ସେଠାରେ ପୋତି ଦିଆଯାଇଥିଲା। ପରିବାର ଲୋକେ ଗତ ୧୫ ତାରିଖ ଦିନ ପ୍ରଶାନ୍ତଙ୍କ ମୃତଦେହ ଜବତ ହେବା ଜାଣିବାକୁ ପାଇଥିଲେ। ଏହାପରେ ମୃତକଙ୍କ ପରିବାର ଓ ଗ୍ରାମବାସୀ ବେଲପଡା ଥାନା ସମ୍ମୁଖରେ ରାସ୍ତା ଅବରୋଧ କରିଥିଲେ।

# ବଲାଙ୍ଗୀରରେ ରବି ଧାନ କିଣା ପ୍ରକ୍ରିୟାର ଶୁଭାରମ୍ଭ



ଭାଲେର ପାକ୍ସରେ ରବି ଧାନକିଣା ପାଇଁ ପୂଜାର୍ଚ୍ଚନା କରାଯାଉଛି।

**ବଲାଙ୍ଗୀର,୨୩ା୫(ବୀରେନ୍ଦ୍ର କୁମାର ଝାଙ୍କର)**

**ଭାଲେର ପାକ୍ସରେ ଧାନକିଣାର ଶୁଭାରମ୍ଭ କଲେ ଅତିରିକ୍ତ ଜିଲାପାଳ**

ବଲାଙ୍ଗୀର ଜିଲାରେ ଶୁକ୍ରବାର ଠାରୁ ରବି ଧାନ କିଣା ପ୍ରକ୍ରିୟାର ଶୁଭାରମ୍ଭ ହୋଇଛି। ପୁଇଁତଲା ବ୍ଲକ ଅନ୍ତର୍ଗତ ଭାଲେର ପାକ୍ସଠାରେ ଅତିରିକ୍ତ ଜିଲାପାଳ ପବିତ୍ର ବେହେରା ରବି ଧାନ କିଣାର ଶୁଭାରମ୍ଭ କରିଥିଲେ। ଚଳିତବର୍ଷ ପାଇଁ ଜିଲାସ୍ତରୀୟ ଧାନ କ୍ରୟ କମିଟିର ନିଷ୍ପତ୍ତି ଅନୁସାରେ ଆଜି ଠାରୁ ଜିଲାରେ ଧାନ କିଣା ଆରମ୍ଭ ହୋଇଛି। ଜିଲାରେ ୧୧୨ଟି ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ) ଓ ୧୦ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ସମୁଦାୟ ୧୨୨ଟି ଧାନ କ୍ରୟ କେନ୍ଦ୍ର (ମଣ୍ଡି) ଜରିଆରେ ପଞ୍ଜୀକୃତ ଚାଷୀମାନଙ୍କ ଠାରୁ ରବି ଧାନ କ୍ରୟ ଆରମ୍ଭ ହୋଇଛି। ଚଳିତବର୍ଷ ରବି ଧାନ ବିକ୍ରୟ ପାଇଁ ଜିଲାର ୧୧ ହଜାର ୬୫୩ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ସମୁଦାୟ ୨ ଲକ୍ଷ ୫ ହଜାର ୭୮୦ କୁଇଣ୍ଟାଲ ଧାନ କ୍ରୟର ଟାର୍ଗେଟ ପ୍ରଥମ ପର୍ଯ୍ୟାୟରେ ଜିଲାକୁ ମିଳିଛି। ଧାନ କିଣା ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀ, ସମବାୟ ସମିତି ଉପ-ନିବନ୍ଧକ ପ୍ରମୋଦ ବରିହାଙ୍କ ସମେତ ଯୋଗାଣ, ସମବାୟ, ନିୟନ୍ତ୍ରିତ ବଜାର କମିଟି, ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ)ର ଅଧିକାରୀ, କର୍ମଚାରୀ ଏବଂ ଚାଷୀମାନେ ଉପସ୍ଥିତ ଥିଲେ। ପାକ୍ସ ଗୋଦାମ ଘରେ ପ୍ରଥମେ ପୂଜାର୍ଚ୍ଚନା କରାଯାଇଥିଲା। ଏଡିଏମ୍ ବେହେରା ଓ ସମବାୟ ସମିତି ଉପ-ନିବନ୍ଧକ ବରିହା ପୂଜାର୍ଚ୍ଚନାରେ ବସିଥିଲେ। ପରେ ଜଣେ ଚାଷୀଙ୍କ ଧାନ କିଣା ଯାଇ ଧାନକ୍ରୟ ପ୍ରକ୍ରିୟାର ଶୁଭାରମ୍ଭ କରାଯାଇଥିଲା।

### ରବି ଧାନ କିଣାରୁ ଅନ୍ନପୂର୍ଣ୍ଣା ଏସ୍‌ଏଚ୍‌ଜି ବାଦ୍ ଅଭିଯୋଗ

**ଦ୍ୱନ୍ଦ୍ୱରେ ଚାଷୀ, ଏସ୍‌ଏଚ୍‌ଜି ସଦସ୍ୟା**

ଶୁକ୍ରବାର ଠାରୁ ବଲାଙ୍ଗୀର ଜିଲାରେ ରବି ଧାନ କିଣା ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ଗତ ତିନିବର୍ଷ ହେଲା ଖରିଫ ଓ ରବି ଧାନକିଣା ପ୍ରକ୍ରିୟାରେ ସାମିଲ ଥିବା ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ଜନକପୁର ଗାଁର ଅନ୍ନପୂର୍ଣ୍ଣା ଏସ୍‌ଏଚ୍‌ଜିକୁ ଚଳିତବର୍ଷ ରବି ଧାନ କିଣା ପ୍ରକ୍ରିୟାରୁ ବାଦ୍ ଦିଆଯାଇଥିବାରୁ ଚାଷୀ ଓ ଏସ୍‌ଏଚ୍‌ଜି ସଦସ୍ୟା ମହଲରେ ଦ୍ୱନ୍ଦ୍ୱ ଦେଖାଦେଇଛି। କେଉଁ କାରଣରୁ ରବି ଧାନ କିଣା ପ୍ରକ୍ରିୟାରୁ ସେମାନଙ୍କୁ ବାଦ୍ ଦିଆଗଲା ସେନେଇ ଅଭିଯୋଗ କରିବା ଏବଂ ତୁରନ୍ତ ଧାନକିଣା ପ୍ରକ୍ରିୟାରେ ସାମିଲ କରିବାକୁ ଅନ୍ନପୂର୍ଣ୍ଣ ଏସ୍‌ଏଚ୍‌ଜି ସଦସ୍ୟା ଓ ଗାଁର କେତେଜଣ ଚାଷୀ ଗୁରୁବାର ଜିଲାପାଳ କାର୍ଯ୍ୟାଳୟକୁ ଆସି ଏଡିଏମ୍ ପବିତ୍ର ବେହେରା ଓ ଏଡିଏମ୍ ଡ. ବିଜୟାନନ୍ଦ ସେଠୀଙ୍କୁ ଦାବିପତ୍ର ଦେଇଥିଲେ। ଏସ୍‌ଏଚ୍‌ଜି ସଭାନେତ୍ରୀ ସୁଜାତା ରାଉତ୍, ଜିଲା କୃଷକ ମହାସଂଘ ସମ୍ପାଦକ ସୌମେନ୍ଦ୍ର ପରିଚ୍ଛା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅଞ୍ଚଳର ୨୬ ଜଣ ଚାଷୀଙ୍କ ଟୋକନ୍ ଜେନେରେଟ୍ ହୋଇଛି। ସେମାନେ କେଉଁଠି ଧାନ ବିକିବେ ବୋଲି ପ୍ରଶ୍ନ କରିଥିଲେ। ଭାରପ୍ରାପ୍ତ ଜିଲାପାଳ ତଥା ଏଡିଏମ୍ ବେହେରା ଏ ସଂକ୍ରାନ୍ତରେ ଆବଶ୍ୟକ ପଦକ୍ଷେପ ନେବାକୁ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି।

# ଯୁରିଆ,ଖପ୍ରାଖୋଲରେ ରବି ଧାନ ମଣ୍ଡିର ଶୁଭାରମ୍ଭ



ଯୁରିଆରେ ରବି ଧାନ ମଣ୍ଡି ଶୁଭାରମ୍ଭ ଅବସରରେ ପୂଜା କରାଯାଉଛି।

**ଖପ୍ରାଖୋଲ,୨୩ା୫(ଅଭୟ ତ୍ରିପାଠୀ)**

ଖପ୍ରାଖୋଲ ବ୍ଲକ ଲୁହାସିଂହା ପ୍ରାଥମିକ କୃଷି ସମବାୟ ସମିତି ଯୁରିଆଠାରେ ରବି ଧାନ ମଣ୍ଡି ଶୁକ୍ରବାର ଶୁଭାରମ୍ଭ ହୋଇଛି। ଏହି ଅବସରରେ ପାକ୍ସ ଗୋଦାମ ପରିସରରେ ପୂଜା ପାଠ ହୋଇଥିଲା। ମୁଖ୍ୟଅତିଥି ଭାବେ ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ଯୋଗ ଦେଇଥିଲେ । ସମ୍ମାନିତ ଅତିଥିଭାବେ ଯୋଗାଣ ନିରୀକ୍ଷକ ବିକାଶ ବାର୍ଲା, ଯୋଗୀମୁଣ୍ଡ ଆରଏମସି ସଂପାଦକ କେ ଗଡତ୍ୟା,ପ୍ୟାକ୍ସ ସଭାପତି କନ୍ଦର୍ପ ସୁଆର ଯୋଗ ଦେଇଥିଲେ। ରବି ଧାନ ବିକ୍ରୟ ପାଇଁ ୯୧ ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ୧୪ ଜଣ ଚାଷୀଙ୍କ ନିକଟକୁ ପ୍ରଥମ ପର୍ଯ୍ୟାୟରେ ଟୋକନ ଆସିଥିବା ଜଣାଯାଇଛି। ଏହି ଅବସରରେ ଯଦୁ ରଣା, ଜୟନ୍ତ ମେହେର, ରାଜକିଶୋର ମେହେର ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ। ସେହିପରି ଖପ୍ରାଖୋଲ ପ୍ରାଥମିକ କୃଷି ସମବାୟ ସମିତି ତରଫରୁ ଆରଏମସି ଉପକେନ୍ଦ୍ରଠାରେ ରବି ଧାନ ମଣ୍ଡି ଶୁଭାରମ୍ଭ ହୋଇଛି। ପାକ୍ସ ସଭାପତି ଗୁନମଣି ଭୋଇ,ସଂପାଦକ ଶ୍ରୀପତି ଭୋଇ ପୂଜା ପାଠ ସହ ମଣ୍ଡି ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବାବୁ ସାହୁ, ସନ୍ତୋଷ ମିଶ୍ର, ଜେନାମଣି ସାହୁ, ବୃହସ୍ପତି ଭୋଇ, ଇନ୍ଦ୍ରମଣି ସାହୁ ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ।

# ବିଡିଓଙ୍କୁ ଦାବିପତ୍ର ପ୍ରଦାନ କଲେ ୩ ଗ୍ରାମବାସୀ



ବିଡିଓଙ୍କୁ ଦାବିପତ୍ର ଦେବା ପାଇଁ ଆସିଥିବା ୩ ଗ୍ରାମର ଲୋକେ।

**ବେଲପଡା,୨୩ା୫(ମନୋଜ କୁମାର ମିଶ୍ର)**

**ଘାଗୁର୍ଲି ପଞ୍ଚାୟତ ବର୍ଷେ ହେଲା ଉନ୍ନୟନ କାମ ବନ୍ଦ**

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ଘାଗୁର୍ଲି ପଞ୍ଚାୟତର ପଣ୍ଡକିମାଲ, ଡୁମେରବାହାଲ ଓ ଜାମଗୁରି ଗ୍ରାମରେ ଗତ ବର୍ଷେ ହେଲା ବିଭିନ୍ନ ଉନ୍ନୟନ କାମ ବନ୍ଦ ରହିଛି। ଫଳରେ ଉପରୋକ୍ତ ଗ୍ରାମର ଅଧିକାଂଶ ଦିନ ମଜୁରିଆ କାମ ନ ପାଇ ହଟହଟା ହୋଇ ଦାଦନ ଖଟିବା ପାଇଁ ବାଧ ହେଉଛନ୍ତି। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ବି କିଛି ଫାଇଲ ଖୋଲା ହୋଇନାହିଁ। ଏନେଇ ଏହି ୩ ଖଣ୍ଡ ଗାଁ ଲୋକେ ଶୁକ୍ରବାର ଦିନ ବେଲପଡା ବ୍ଲକ କାର୍ଯ୍ୟାଳୟକୁ ଯାଇ ବିଡ଼ିଓ ରାଜେଶ ମେହେରଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏ ସମ୍ପର୍କରେ ବିଡ଼ିଓ ମେହେରଙ୍କୁ ପଚାରିବାରେ ଉକ୍ତ ୩ ଗ୍ରାମ ଅପରଲାନ୍ତ ଯୋଜନାରେ ବୁଡି ଅଞ୍ଚଳ ଭାବରେ ଯାଉଛି। ସରକାରୀ ସ୍ତରରେ ଜମି ଅଧିଗ୍ରହଣ ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ଉନ୍ନୟନ କାମ ବନ୍ଦ ରହିଛି। କିନ୍ତୁ ଗ୍ରାମବାସୀଙ୍କ ଦାବିକୁ ଜିଲାପାଳଙ୍କୁ ଜଣାଇ ଦିଆଯିବ ବୋଲି ସେ କହିଥିଲେ। ଜିଲାପାଳ ଯଦି ଚାହିଁବେ ତେବେ ଏହିସବୁ ଗ୍ରାମରେ ଉନ୍ନୟନ କାମ ହୋଇପାରିବ ବୋଲି କହିଥିଲେ। ଅଭିଯୋଗ ଅନୁଯାୟୀ, ଉପରୋକ୍ତ ୩ଟି ଗାଁରେ ଏମ୍‌ଜିଏନଆରଇଜିଏସ ଯୋଜନା, ପାନୀୟ ଜଳ, ରାସ୍ତାଘାଟ, ପଙ୍କଉଦ୍ଧାର, ଆବାସ ଯୋଜନା,ସ୍କୁଲ ମରାମତି ଓ ଅନ୍ୟ କୌଣସି କାମ କରାଯାଉନାହି । ଫଳରେ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଜାମଗୁରୀ ଗ୍ରାମର ନୃପ ସାହୁ ଜମି ଅଧିଗ୍ରହଣକୁ ନେଇ ସରକାର କିମ୍ବା ପ୍ରଶାସନ ପଲ୍ଲୀସଭା କି ଗ୍ରାମସଭା ନ କରି କିପରି ଜମି ଅଧିଗ୍ରହଣ କରିବେ ଆଶ୍ଚର୍ଯ୍ୟର ବିଷୟ ବୋଲି କହିଛନ୍ତି। ଏହି ଅବସରରେ ୩ ଗ୍ରାମର ଲୋକେ ବେଲପଡା ତହସିଲଦାର ଅଭିଷେକ କିଷାନଙ୍କୁ ମଧ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ଭରତ ସାହୁ, ଯୁଗେଶ୍ୱର ସାହୁ, ଜିତେନ୍ଦ୍ର ସାହୁ, ପରକ୍ଷିତ ସାହୁ, ପବିତ୍ର ଭୁଏ, ଭଜ ଭୁଏ, ମହେଶ୍ୱର ଭୁଏ, ଜଗନ୍ନାଥ ଷାଣ୍ଡ, ଯୁଗେଶ୍ୱର ଧରୁଆ, ମୋହନ ସାହୁ, ମାଖନ ପରାଭୁଏ, ରୋହିତ ସାହୁ, ଲୁଳନ ସାହୁ, ଅରବିନ୍ଦ ସାହୁ,ଚମ୍ପେଶ୍ୱର ସାହୁ, ଥବିର ଭୁଏ, ତରଣୀ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ଗଣେଶ ସାହୁ ,ପରମାନନ୍ଦ ସାହୁ, ନିଲାମ୍ବର ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ପାଟଣାଗଡ,୨୩ା୫(ସଚ୍ଚିଦାନନ୍ଦ ମହାକୁର)**

ବଲାଙ୍ଗୀର ଜିଲା ପାଟଣାଗଡ ଥାନା ଗଙ୍ଗସାଗର ଗାଁର କଲ୍ଲାକଟାକୁ ଲାଗି ବନ୍ଦ ହୋଇ ପଡି ରହିଥିବା ଏକ କ୍ରସର ପଛପଟେ ଥିବା ଆମ୍ବ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଶୁକ୍ରବାର ଜବତ କରିଛି। ମୃତ ଯୁବକ ଜଣକ ହେଲେ ଗଙ୍ଗାସାଗର ଗାଁର ସୁରେନ୍ଦ୍ର ବରିହା (୪୮)। ସୁରେନ୍ଦ୍ରଙ୍କ ବାପା ଅଷ୍ଟରତ୍ନ ବରିହାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ପ୍ରକାଶ ଯେ, ସୁରେନ୍ଦ୍ର ତାଙ୍କ ସ୍ତ୍ରୀ, ପୁଅ ଓ ବାପା ମାଆଙ୍କ ସହିତ ଏକାଠି ରହୁଥିଲେ। ସେ ଚାଷକାମ କରୁଥିବା ବେଳେ ବିଭିନ୍ନ କ୍ଷେତ୍ରରେ ବାପାଙ୍କ ଉପରେ ନିର୍ଭର କରୁଥିଲେ। ସକାଳ ପ୍ରାୟ ସାଢେ ୮ ଟା ସମୟରେ ସୁରେନ୍ଦ୍ର ଘରୁ ବାହାରି ଯାଇଥିଲେ। ଘରକୁ ନ ଫେରିବାରୁ ଘର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ତେବେ ମଧ୍ୟାହ୍ନ ସମୟରେ ତାଙ୍କ ମୃତଦେହ ଆମ୍ବ ଗଛରେ ଝୁଲୁଥିବା ପରିବାର ଲୋକେ ଜାଣିବାକୁ ପାଇଥିଲେ। ଖବରପାଇ ପୋଲିସ ମୃତଦେହ ଜବତ କରିଥିଲା । ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ପ୍ରାଥମିକ ତଦନ୍ତରୁ ପାରିବାରିକ କଳହରୁ ସୁରେନ୍ଦ୍ର ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୋଲିସ ସନ୍ଦେହ କରୁଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି ।

### ଜନଗହଳି ସ୍ଥାନରେ ଜଳିଗଲା ବାଇକ୍: ଲୋକେ ଭୟଭୀତ



ରାସ୍ତାରେ ଜଳୁଥିବା ବାଇକ୍।

**ପାଟଣାଗଡ,୨୩ା୫(ସଚ୍ଚିଦାନନ୍ଦ ମହାକୁର)**

ଶୁକ୍ରବାର ପାଟଣାଗଡ ଏନଏସି ଛକର ଅନତି ଦୂର ଜନଗହଳି ସ୍ଥାନରେ ଏକ ବାଇକ୍ ହୁତୁ ହୁତୁ ହୋଇ ଜଳିବା ଦେଖିବାକୁ ମିଳିଥିଲା। ଫଳରେ ଆଖପାଖର ଲୋକେ ଭୟଭୀତ ହୋଇ ଯାଇଥିଲେ। ଏହି ବାଇକ୍‌ରେ ବରଗଡ଼ ଜିଲାର ନମ୍ବର ପ୍ଲେଟ ଥିବା ବେଳେ ଏହା ଲାଲ ରଙ୍ଗର ବୋଲି ଜଣାପଡିଛି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ସକାଳ ୯ ଟା ୫୦ ମିନିଟ ସମୟରେ ବ୍ରହ୍ମପୁରାପଟୁ ୨ ଜଣ ଯୁବକ ଉକ୍ତ ବାଇକ୍‌ରେ ଆସିଥିଲେ। ବାଇକ୍‌କୁ ରାସ୍ତା କଡରେ ରଖି ନିକଟରେ ଥିବା ଏକ ଦୋକାନକୁ ସଉଦା କିଣିବାକୁ ଯାଇଥିଲେ। ଏହି ସମୟରେ ବାଇକ୍‌ଟି ହଠାତ୍ ଜଳିବାକୁ ଲାଗିଥିଲା। କାଳେ ବାଇକ୍‌ର ଟାଙ୍କି ଫାଟିଯିବ ସେହି ଆଶଙ୍କା କରି ଲୋକେ ଦୂରକୁ ଦୌଡି ପଳାଇ ଥିଲେ। ଖବରପାଇ ପାଟଣାଗଡ ଏସଡିପିଓ ସଦାନନ୍ଦ ପୂଝାରୀ ଘଟଣାସ୍ଥଳରେ ପହଞ୍ଚି ଥିଲେ । ପରେ ଦମକଳ ବାହିନୀ ପହଞ୍ଚି ବାଇକ୍‌ରେ ଲାଗିଥିବା ନିଆଁକୁ ଲିଭାଇଥିଲେ। ଏଥିରେ କାହାର କିଛି କ୍ଷତି ହୋଇ ନ ଥିବାବେଳେ ପୋଲିସ ପୋଡି ଯାଇଥିବା ବାଇକ୍‌କୁ ଜବତ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

# ଏସ୍‌ଏଚ୍‌ଜିକୁ ମାଛଚାଷ ସବ୍‌ସିଡି ବାବଦ ଟଙ୍କା ପ୍ରଦାନରେ କେଁ

**ଲୋଇସିଂହା,୨୩ା୫(ସୁଶାନ୍ତ ବାରିକ)**

**ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ବେଖାତିର ଅଭିଯୋଗ**

ସ୍ୱାସ୍ଥ୍ୟମନ୍ତ୍ରୀ ଓ ଲୋଇସିଂହା ବ୍ଲକରେ ନିକଟରେ ଅନୁଷ୍ଠିତ ବ୍ଲକସ୍ତରୀୟ ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ ପରେ ବଲାଙ୍ଗୀର ଜିଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରୁ ସ୍ୱୟଂ ସହାୟିକା ଗୋଷ୍ଠୀକୁ ମାଛ ଚାଷ ବାବଦରେ ମିଳିବାକୁ ଥିବା ସବ୍‌ସିଡି ଟଙ୍କା ପ୍ରଦାନ କରାଯାଇଛି । ତେବେ ମିଳିବାକୁ ଥିବା ସମ୍ପୂର୍ଣ୍ଣ ସବ୍‌ସିଡି ଟଙ୍କା ଦିଆ ନ ଯାଇ ଆଂଶିକ ଭାବେ ଦିଆଯାଇଛି । ସବ୍‌ସିଡି ପ୍ରଦାନରେ କେଁ ରଖାଯାଇଥିବା ବେଳେ କେତେକ ଏସ୍‌ଏଚ୍‌ଜିକୁ ଉଦ୍ଦେଶ୍ୟମୂଳକ ଭାବେ ବାଦ୍ ଦିଆଯାଇଥିବା ଅଭିଯୋଗ ହୋଇଛି । ଏପରି କି ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ନିର୍ଦ୍ଦେଶକୁ ପାଳନ କରିବାରେ ଜିଲା ମତ୍ସ୍ୟ ଅଧିକାରୀ ବେଖାତିର ମନୋଭାବ ପୋଷଣ କରୁଥିବା ଏସ୍‌ଏଚ୍‌ଜି ସଦସ୍ୟାମାନେ ଅଭିଯୋଗ କରିଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ,୨୦୨୪-୨୫ ଆର୍ଥିକ ବର୍ଷରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତର ୧୪ଟି ଏସଏଚଜି ସଦସ୍ୟାମାନଙ୍କୁ ସ୍ୱାବଲମ୍ବୀ ହେବା ପାଇଁ ପଞ୍ଚାୟତ ପକ୍ଷରୁ ୫ ବର୍ଷ ଲାଗି ମାଛ ଚାଷ କରିବାକୁ ଲିଜ୍ ପ୍ରଦାନ କରାଯାଇଛି। ସରକାରଙ୍କ ପକ୍ଷରୁ ଲିଜ୍‌ଧାରୀ ଏସଏଚଜିକୁ ୫ ବର୍ଷ ମଧ୍ୟରୁ ପ୍ରଥମ ୩ ବର୍ଷ ପାଇଁ ସବସିଡି ବ୍ୟବସ୍ଥା ରହିଛି। ବର୍ଷକୁ ୩ଟି ପର୍ଯ୍ୟାୟରେ ଯଥା ଯାଆଁଳା, ଖାଦ୍ୟ ଓ ଔଷଧ ବାବଦକୁ ସରକାର ସବସିଡି ପ୍ରଦାନ କରୁଛନ୍ତି। ଲୋଇସିଂହାର କୁଶଙ୍ଗ ଗ୍ରାମର ମା' ସମଲେଶ୍ୱରୀ ଓ ଶ୍ରୀ ଗଣେଶ, କଦଳୀପାଲିର ମା'ଧନଲକ୍ଷ୍ମୀ , ପିପିଲିପାଲିର ଉତ୍କଳ ତୁଳସୀ, ନେଗିପାଲିର ମା' ସନ୍ତୋଷୀ, ସଲତରପାଲିର ଗ୍ରାମପତି, କୁଟୁରାପାଲିର ମା'ଲକ୍ଷ୍ମୀ, ପଥରଖଣ୍ଡିର ମା' ଭବାନୀ, ସୁଜିଆର ଫତେଇ, ମାହାରପାଲିର ଶିବଶକ୍ତି, ରାଘୁପଦରର ଜୟଧନ ଲକ୍ଷ୍ମୀ, ପନେସରାର ମା' ଅନ୍ନପୂର୍ଣ୍ଣା, ତଳିଉଡାର ସରସ୍ୱତୀ, ଭାଲିଆମୁଣ୍ଡାର ବିବେକାନନ୍ଦ ଆଦି ଏସଏଚଜି ସଦସ୍ୟାମାନେ ସ୍ୱାବଲମ୍ବୀ ପାଇଁ ପୋଖରୀ ଲିଜ୍ ନେଇ ମାଛଚାଷ କରୁଛନ୍ତି । ଲୋଇସିଂହା ବ୍ଲକ ତଥା ଜିଲା ପାଇଁ କୁଆଡେ ୨ ହେକ୍ଟର ପରିସୀମା ନିମନ୍ତେ ସବସିଡି ଧାର୍ଯ୍ୟ ହୋଇଛି।ବ୍ଲକର ସମସ୍ତ ଏସଏଚଜିକୁ ନିର୍ଦ୍ଧାରିତ ସମୟରେ ଯାଆଁଳା ବାବଦକୁ ପାଇବାକୁ ଥିବା ସବ୍‌ସିଡି ମିଳିଯାଇଥିଲା। ହେଲେ ସେପ୍ଟେମ୍ବର ୨୦୨୪ ସୁଦ୍ଧା ମିଳିବାକୁ ଥିବା ଖାଦ୍ୟ ବାବଦ ଲକ୍ଷାଧିକ ସବସିଡି ଟଙ୍କା ପ୍ରଦାନରେ ଅହେତୁକ ବିଳମ୍ବ କରାଯାଇଥିଲା। ସବ୍‌ସିଡି ପାଇବା ପାଇଁ ଏସଏଚଜି ସଦସ୍ୟାମାନେ ବ୍ଲକ ଓ ଜିଲା କାର୍ଯ୍ୟାଳୟ ଧାଇଁ ନୟାନ୍ତ ହୋଇପଡିଥିଲେ। ହେଲେ କୌଣସି ସୁଫଳ ମିଳି ନ ଥିଲା । ଫଳରେ ଗତ ସୋମବାର ଲୋଇସିଂହା ବ୍ଲକରେ ଅନୁଷ୍ଠିତ ଜିଲାପାଳ ଓ ଏସପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଥିଲେ। ଶିବିରରେ ଉପସ୍ଥିତ ସ୍ୱାସ୍ଥ୍ୟମନ୍ତ୍ରୀ ଅଭିଯୋଗ ଶୁଣିବା ପରେ ଏ ଦିଗରେ ଶୀଘ୍ର ପଦକ୍ଷେପ ନେବାକୁ ଜିଲା ମତ୍ସ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଜିଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରୁ ୧୪ଟି ଏସଏଚଜିକୁ ଖାଦ୍ୟ ବାବଦକୁ ସବସିଡି ଦେବାକୁ ଥିବା ୩ ଲକ୍ଷ ୨୪ ହଜାର ଟଙ୍କା ମଧ୍ୟରୁ ମାତ୍ର ୧ ଲକ୍ଷ ୮ ହଜାର ଲେଖାଁଏ କେତେକ ଏସଏଚଜିକୁ ଦିଆଯାଇଛି। କଦଳୀପାଲିର ମା'ଧନଲକ୍ଷ୍ମୀ ସମେତ ଅନ୍ୟ କେତେକ ଏସଏଚଜି ଏଥିରୁ ବାଦ ପଡିଥିବା ଅଭିଯୋଗ ହୋଇଛି।

# 'ସେବା ବ୍ୟକ୍ତି ଜୀବନକୁ ଅମରତ୍ୱ ପ୍ରଦାନ କରେ'

**ବଲାଙ୍ଗୀର,୨୩ା୫(ବୀରେନ୍ଦ୍ର କୁମାର ଝାଙ୍କର)**




ଅତିଥିମାନେ ସ୍ମରଣିକା 'ସ୍ମୃତିରେ ସୋମନାଥ' ଉନ୍ମୋଚନ କରୁଛନ୍ତି।

**ଜନସେବକ ସୋମନାଥ ମିଶ୍ରଙ୍କ ଜନ୍ମ ଶତବାର୍ଷିକୀ ପାଳିତ**

ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ପୂଜ୍ୟପୂଜା ସେବା ସଙ୍ଗଠନ ଓ ସୋମନାଥ ମିଶ୍ର ସ୍ମୃତି କମିଟି ମିଳିତ ଆନୁକୂଲ୍ୟରେ ଜନସେବକ ସୋମନାଥ ମିଶ୍ରଙ୍କ ଜନ୍ମ ଶତବାର୍ଷିକୀ ସଭାପତି ମଦନ ମୋହନ ରଥଙ୍କ ଅଧ୍ୟକ୍ଷତାରେ ଚୁଡାପାଲି ନିକଟସ୍ଥ ବାନ୍ଧନଭାଡି ଗାଁରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବାଲ ସାହିତ୍ୟ ପୁରସ୍କାରପ୍ରାପ୍ତ ଡ. ଯୁଗଳ କିଶୋର ଷଡଙ୍ଗୀ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶିବପ୍ରସାଦ ପଣ୍ଡା ଓ ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ଡ. ପ୍ରେମଚାନ୍ଦ ମହାନ୍ତି ଯୋଗଦାନ କରିଥିଲେ।

ନିଃସ୍ୱାର୍ଥପର ସେବା ବ୍ୟକ୍ତି ଜୀବନକୁ ଅମରତ୍ୱ ପ୍ରଦାନ କରେ। ସ୍ୱର୍ଗତ ସୋମନାଥ ମିଶ୍ର ତାଙ୍କ ଜୀବନକୁ ସେବା ପାଇଁ ଉତ୍ସର୍ଗୀକୃତ କରିଥିଲେ ବୋଲି ଅତିଥି, ବକ୍ତାମାନେ ମତପ୍ରକାଶ କରିଥିଲେ। ସଭାର ସ୍ମୃତି କମିଟି ଆବାହକ କାହ୍ନୁଚରଣ ମିଶ୍ର ଶତବାର୍ଷିକୀ ପାଳନର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ସଭାକୁ ସମ୍ପାଦକ ମଧୁ ସାହୁ ପରିଚାଳନା କରିଥିଲେ। କସ୍ତୁରୀ ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଏକ ସ୍ମରଣିକା 'ସ୍ମୃତିରେ ସୋମନାଥ' ଉନ୍ମୋଚିତ ହୋଇଥିଲା । ସ୍ମରଣିକା ସମ୍ପାଦକ କବି ରନ୍ମୟ ତ୍ରିପାଠୀ ସମୀକ୍ଷା କରିଥିଲେ। ପରେ ଡ. ଶ୍ରୀକର ମିଶ୍ରଙ୍କୁ ସୋମନାଥ ମିଶ୍ର ସ୍ମୃତି ସମ୍ମାନ ୨୦୨୫ ପ୍ରଦାନ କରାଯାଇଥିଲା । ଉଲ୍ଲେଖନୀୟ କାମ କରିଥିବାରୁ ସ୍ୱର୍ଗତ ତେଜରାଜ ବେହେରା, ସ୍ୱର୍ଗତ ନାରାୟଣ ନାଏକ, ସ୍ୱର୍ଗତ ଛେଲିଆ ବିଶ୍ୱାଲ ଓ ସ୍ୱର୍ଗତ ଧ୍ରୁବ ଚରଣ ବେହେରାଙ୍କୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଥିଲା। ହାଇଦ୍ରାବାଦସ୍ଥିତ ଚା' ମିଶନ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ସମ୍ମାନିତ କରାଯାଇଥିଲା। ସଭାରେ ଡ. ନାରାୟଣ ମିଶ୍ର, ବିରଞ୍ଚି ନାରାୟଣ ଦାସ, ଧନେଶ୍ୱର ବିଶ୍ୱାଲ ଓ ଉଦୟ ସିଂ ଠାକୁର ବକ୍ତବ୍ୟ ରଖିଥିଲେ। ହୃଷିକେଶ ପୁରୋହିତ ଏକ ଗୀତ ପରିବେଷଣ କରିଥିଲେ । ଆଦ୍ୟାଶକ୍ତି ନାରୀ ସଙ୍ଗଠନ, ଶିଶୁ ବିକାଶ କେନ୍ଦ୍ର ଓ ଅଙ୍କୁର ଶିଶୁ ସାହିତ୍ୟ ପକ୍ଷରୁ ସହଯୋଗ କରାଯାଇଥିଲା। ସଭାରେ ଭଜନ, ଝୋଟି ଓ ପୁରାଣ ପଠନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସୁନାଧର ବନଛୋର, ସୁରଥ ସାହୁ, ଦୁର୍ଗା ସାହୁ, ପ୍ରଶାନ୍ତ ଷଡଙ୍ଗୀ, ଡ. ଅଶୋକ କୁମାର ସେଠୀ, ଧୀରେନ୍ଦ୍ର ନାରାୟଣ ସିଂଦେଓ, ମାଳତି ଉଦ୍‌ଗାତା, ନିହାରିକା ମିଶ୍ର, ଶାନ୍ତନୁ ମିଶ୍ର, ଅର୍ଚ୍ଚନା ମିଶ୍ର, ବିନି ମିଶ୍ର, ଶ୍ରୀୟା ମିଶ୍ର, ପ୍ରକାଶ ରଞ୍ଜନ ମିଶ୍ର, ଝସକେତନ ମିଶ୍ର ଓ ମିଶ୍ର ପରିବାର ସହଯୋଗ କରିଥିଲେ। ଶେଷରେ ପୂଜ୍ୟପୂଜା ସଙ୍ଗଠନ ସଭାପତି କେଶବ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସଚେତନତା ପରେ ବି ହ୍ରାସ ପାଉନି ଦୁର୍ଘଟଣା

ସୋନପୁର, ୨୩।୫(ମୃତ୍ୟୁଞ୍ଜୟ ଶତପଥୀ)



ବୈଠକରେ ଉପସ୍ଥିତ ଅତିରିକ୍ତ ଜିଲାପାଳ ଓ ସଡକ ସୁରକ୍ଷା କମିଟି ସଦସ୍ୟମାନେ।

**ସୁବର୍ଣ୍ଣପୁରରେ ସଡ଼କ ସୁରକ୍ଷା କମିଟି ବୈଠକ**

- ଯାଞ୍ଚ ହେବ ବିଦ୍ୟାଳୟ ଗାଡ଼ିର କାଗଜପତ୍ର
- ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଲାଗିବ ସ୍ପିଡ୍‌ବ୍ରେକର

ସୁବର୍ଣ୍ଣପୁର ଜିଲା ସଡ଼କ ସୁରକ୍ଷା କମିଟିର ବୈଠକ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପଧାନଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନା ବୈଠକ ସମ୍ପର୍କରେ ସୂଚନା ଦେବା ସହ ଏପ୍ରିଲ ମାସରେ ଜିଲାରେ ଦୁର୍ଘଟଣାଜନିତ ୪ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ଦେଇଥିଲେ। ସଚେତନତା ପରେ ବି ଜିଲାରେ ଦୁର୍ଘଟଣା ଓ ତଦ୍‌ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଉ ନ ଥିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଅତିରିକ୍ତ ଜିଲାପାଳ କହିଥିଲେ, ମଣିଷ ଜୀବନ ବହୁ ମୂଲ୍ୟବାନ। କିନ୍ତୁ ସାମାନ୍ୟ ଅସାବଧାନତା ଓ ଡ୍ରାଇଭରଙ୍କ ଅବହେଳା କାରଣରୁ ଦୁର୍ଘଟଣା ଘଟୁଛି। ଶୁକ୍ରବାର ଭୋର ସମୟରେ ହରଡଖୋଲ ନିକଟରେ ଦୁର୍ଘଟଣା ଘଟି ୨ ଜଣ ଦୁଲଦୁଲି କଳାକାରଙ୍କ ମୃତ୍ୟୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସ୍କୁଲକୁ ଯାତାୟତ କରୁଥିବା ଯାନଗୁଡ଼ିକର ଫିଟ୍‌ନେସ ଓ ପରମିଟ୍ ଯାଞ୍ଚ କରିବା ନେଇ ଆଲୋଚନା ହୋଇଥିଲା। ଏଥିପାଇଁ ସମ୍ପୃକ୍ତ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଗାଡିର ତାଲିକା ମଗାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ସେହିପରି ସ୍କୁଲ ସେଫ୍ଟି କମିଟି ଓ ସ୍କୁଲ ସଡକ ସୁରକ୍ଷା କମିଟି ଗଠନ ନେଇ ଆଲୋଚନା ହୋଇଥିଲା। ଏକ ସପ୍ତାହ ମଧ୍ୟରେ କମିଟି ଗଠନ କରାଯାଇ ତାଲିକା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟକୁ ପଠାଯିବ ବୋଲି ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର କହିଥିଲେ। କମିଟି ଗଠନ ପରେ ଛାତ୍ରୀଛାତ୍ରଙ୍କୁ ସଡକ ସୁରକ୍ଷା ସମ୍ପର୍କରେ ସଚେତନ କରାଯିବ।

ଦୁର୍ଘଟଣା ପ୍ରବଣ ବୁଢାରଜା ଛକ, ଗ୍ରୀଡକୋ ଛକ, ପାଣିସିଆଲି ସତସଙ୍ଗ ଛକ, କଚେରି ଛକ, କୁଞ୍ଜ ଛକ ଓ ନଳିନୀ ଛକରେ ସ୍ପିଡ୍ ବ୍ରେକର ଲାଗାଇବା ପାଇଁ ନିଷ୍ପତ୍ତି ହୋଇଥିଲା। ତେବେ ବୈଠକରେ ନିଷ୍ପତ୍ତି ସତ୍ତ୍ୱେ ସହରର ବ୍ଲକ ଛକରୁ ଜୟଗୁରୁ ମାର୍କେଟ୍ ପର୍ଯ୍ୟନ୍ତ ରାସ୍ତାର ଉଭୟପାର୍ଶ୍ୱରେ ଜବରଦଖଲକାରୀଙ୍କୁ ହଟାଯାଉନି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଷ୍ଟ୍ରିଟ୍ ଲାଇଟ୍ ଲାଗୁନି। ସେହିପରି ସହରର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଇବା ପାଇଁ ପୌରପରିଷଦ ତତ୍ପରତା ପ୍ରକାଶ କରୁନି। ଏନେଇ ବୈଠକରେ ଅସନ୍ତୋଷ ପ୍ରକାଶ ପାଇବା ସହ ଅଧ୍ୟକ୍ଷତା କରୁଥିବା ଅତିରିକ୍ତ ଜିଲାପାଳ ପ୍ରଧାନ ସ୍ୱତନ୍ତ୍ର ଭାବେ ଚିଠି ଲେଖିବେ ବୋଲି ସୂଚନା ଦେଇଥିଲେ। ପୋଲିସ ଓ ପରିବହନ ବିଭାଗ ପକ୍ଷରୁ ହେଲମେଟ ଚେକିଂ, ଟ୍ରିପୁଲ ରାଇଡିଂ, ମଦ୍ୟପାନ କରି ଗାଡି ଚାଳନା ଓ ଡ୍ରାଇଭିଂ ସମୟରେ ମୋବାଇଲ ଫୋନ୍ ବ୍ୟବହାର ହେଉଥିବା ଯାନଗୁଡ଼ିକୁ କଡାକଡି ଯାଞ୍ଚ କରିବା ପାଇଁ ନିଷ୍ପତ୍ତି ହୋଇଛି। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଗୋପାଳ ଚନ୍ଦ୍ର ମଲ୍ଲିକ, ଡିଏସ୍‌ପି ଚନ୍ଦ୍ରଶେଖର ଶବର, ଏମଭିଆଇ ବିଶ୍ୱ ରଞ୍ଜନ ସାହୁ, ଜିଲା ସଡକ ସୁରକ୍ଷା କମିଟିର ମୃତ୍ୟୁଞ୍ଜୟ ଶତପଥୀ, ସ୍ୱାଧୀନ କୁମାର ମେହେର, ଅଞ୍ଜଳି ନେଗୀ, ବେସରକାରୀ ବସ ମାଲିକ ସଂଘର ସଭାପତି ଦୀପକ କୁମାର ମହାପାତ୍ର, ଟ୍ରକ୍ ମାଲିକ ସଂଘର ରାଜୀବ କୁମାର ପଟ୍ଟନାୟକ ଓ ଚିତ୍ତ ପଟ୍ଟନାୟକ ଉପସ୍ଥିତ ରହି ନିଜର ମତାମତ ପ୍ରଦାନ କରିଥିଲେ।

## ବଢୁଛି ଅବାଧ ମଦ କାରବାର

ବୀରମହାରାଜପୁର, ୨୩।୫(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର କେତେକ ଅଞ୍ଚଳରେ ଅବାଧ ମଦ କାରବାର ବଢ଼ି ଚାଲିଛି। ଗତ କିଛିବର୍ଷ ହେବ ବେଆଇନଭାବେ ବିଭିନ୍ନ ସ୍ଥାନରେ ମଦ କାରବାର ବଢ଼ି ଚାଲିଥିବାବେଳେ ଅବକାରୀ ବିଭାଗ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି। ବୀରମହାରାଜପୁର, ପିତାମହୁଲ, ଲୁତୁରପଙ୍କରେଦେଶୀ ମଦଭାଟି ରହିଛି। ହେଲେ ବୀରମହାରାଜପୁର ବ୍ଲକର କେତେକ ଛକରେ ଥିବା ପାନ ଦୋକାନ ଓ ଅନ୍ୟାନ୍ୟ ଦୋକାନରେ ଦେଶୀ ମଦ କାରବାର ବେଧଡକ ଚାଲିଛି। ଏପରିକି କେତେକ ସ୍ଥାନରେ ପ୍ରତ୍ୟହ ମଦ ପ୍ରସ୍ତୁତି କରାଯାଇ ସେଠାରୁ ଜିଲା ଓ ଜିଲା ବାହାରକୁ ମଦ ପଠାଯାଉଥିବା ଜଣାପଡିଛି। ଗ୍ରାମାଞ୍ଚଳରେ ଲାଇସେନ୍ସପ୍ରାପ୍ତ ମଦ ଦୋକାନ ନ ଥିବା ବେଳେ ଲୋକେ ସୁବିଧାରେ କିଣି ପାରୁଛନ୍ତି। ଫଳରେ ଗ୍ରାମର କମ୍ ବୟସର ପିଲାମାନେ ମଦ୍ୟପାନ କରି ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି। ଏହାକୁ କେନ୍ଦ୍ର କରି ପରିବାରରେ ଅଶାନ୍ତି ଲାଗି ରହୁଛି। ଯଦି ଏଭଳି ମଦ କାରବାର ଚାଲୁରହେ ତେବେ ମଦ ମୃତ୍ୟୁ ପରି ଘଟଣା ଯେ ନ ଘଟିବ କହିହେବ ନାହିଁ। ଜିଲା ଅବକାରୀ ବିଭାଗ, ପୋଲିସ ଓ ବନ ବିଭାଗ ମିଳିତ ଚଢାଉ କଲେ ଏହି ଅଞ୍ଚଳରେ ଚାଲିଥିବା ଅବାଧ ମଦ କାରବାରରେ ଅଙ୍କୁଶ ଲାଗିପାରେ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି। ଏ ନେଇ ବୀରମହାରାଜପୁର ଅବକାରୀ ଥାନା ଅଧିକାରୀ ଭରତ ମିଶ୍ରଙ୍କୁ ପଚାରିବାରୁ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଉଛି। ବେଆଇନ ମଦ କାରବାରରେ ଲିପ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଉଛି ବୋଲି ସେ କହିଛନ୍ତି।

## କାର୍ଯ୍ୟକ୍ଷମ ହେଉନି ଥଣ୍ଡା ପାନୀୟଜଳ ପ୍ରକଳ୍ପ



କାର୍ଯ୍ୟକ୍ଷମ ଅପେକ୍ଷାରେ ଥଣ୍ଡା ପାନୀୟଜଳ ପ୍ରକଳ୍ପ।

ଅମରପାଲି, ୨୩।୫(ପୀତାମ୍ବର ସାହୁ)

**ସାପ୍ତାହିକ ବଜାରରେ ପାଣି ପାଇଁ ଲୋକେ ହନ୍ତସନ୍ତ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡି ପଞ୍ଚାୟତର କର୍ଡାପାଲସ୍ଥିତ ସାପ୍ତାହିକ ବଜାରରେ ଥିବା ଥଣ୍ଡା ପାନୀୟ ଜଳପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇ ପାରିନାହିଁ। ଫଳରେ ଲୋକେ ପାନୀୟ ଜଳ ପାଇଁ ନାହିଁ ନ ଥିବା ହଇରାଣ ହେଉଛନ୍ତି। କର୍ଡାପାଲ ସାପ୍ତାହିକ ବଜାର ପ୍ରତି ଗୁରୁବାର ବସିଥାଏ। ଏଠାରେ ଦୈନିକ ବ୍ୟବହାର ଯୋଗ୍ୟ ଜିନିଷ ସମେତ ପନିପରିବା ଆଦି ସାମଗ୍ରୀ ବିକ୍ରୀ ହୋଇଥାଏ। ଏହା ସହିତ ଏହି ବଜାର ଗୋରୁ ମଧ୍ୟ କିଣାବିକା ହୋଇଥାଏ। ତେଣୁ ଦୂରଦୁରାନ୍ତରୁ ମଧ୍ୟ ଏହି ବଜାରକୁ ଲୋକେ କିଣାବିକା କରିବା ପାଇଁ ଆସିଥାନ୍ତି। ଏଠାରେ ପାନୀୟ ଜଳର ଘୋର ସମସ୍ୟା ଦେଖା ଦେଉଥିବାରୁ ଏକ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ୨୦୨୧-୨୨ ଆର୍ଥିକ ବର୍ଷରେ ପ୍ରାୟ ୧୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ପ୍ରକଳ୍ପ କାମ ହୋଇଥିଲା। ପ୍ରକଳ୍ପ ହେଲେ ଏହି ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଦୂର ହେବା ବୋଲି ଲୋକେ ଆଶା କରିଥିଲେ। ଏହି ବଜାର ଉପରେ ମୁର୍ଷୁଣ୍ଡି, ଲୁତୁରପଙ୍କ, କେନଝିରିଆପାଲି, ବହଲପଦର, ଦୁର୍ଜନଟେଲା ଆଦି ପଞ୍ଚାୟତର ଲୋକେ ନିର୍ଭର କରିଥାନ୍ତି। ଏଠାରେ ଥିବା ନଳକୂପର ପାଣି ଫ୍ଲୋରାଇଡଯୁକ୍ତ ହୋଇଥିବାରୁ ତାହା ପାନୀୟ ଯୋଗ୍ୟ ହୋଇ ପାରୁନାହିଁ। ଏହି ଅଞ୍ଚଳର ଲୋକେ ଉକ୍ତ ନଳକୂପର ପାଣି ପିଇ କିଡ଼ନୀ ଭଳି ମାରାତ୍ମକ ରୋଗରେ ଆକ୍ରାନ୍ତ ହେଉଛନ୍ତି। ତେଣୁ ଏହି ପ୍ରକଳ୍ପ ହେଲେ ଅଞ୍ଚଳର ଲୋକେ ବିଶୁଦ୍ଧ ପାନୀୟ ଜଳ ପାଇବାର ଆଶା କରିଥିଲେ। ମାତ୍ର ଆଜିକୁ ପ୍ରାୟ ୨ ବର୍ଷ ହୋଇଯାଇଥିଲେ ମଧ୍ୟ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରିନାହିଁ। ମିଳୁଥିବା ସୂଚନା ଅନୁସାରେ ଉକ୍ତ ପ୍ରକଳ୍ପର ପ୍ରାୟ ସମସ୍ତ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ଉକ୍ତ ପ୍ରକଳ୍ପକୁ ଏଯାଏ ବିଦ୍ୟୁତ୍ ସଂଯୋଗ ହୋଇପାରିନାହିଁ। ଫଳରେ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ବଜାରକୁ ଆସୁଥିବା ଲୋକେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ଏ ନେଇ ଆରଡବ୍ଲ୍ୟୁଏସ୍‌ଏସ୍ ବିଭାଗୀୟ ଯନ୍ତ୍ରୀ ମଞ୍ଜୁଲତା ଗୌଡ଼ଙ୍କୁ ପଚାରିବାରୁ ଉକ୍ତ ପ୍ରକଳ୍ପ ଆମ ବିଭାଗକୁ ଏଯାଏ ହସ୍ତାନ୍ତର ହୋଇ ନ ଥିବା ପ୍ରକାଶ କରିଛନ୍ତି। ତେଣୁ ଉକ୍ତ ପ୍ରକଳ୍ପକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରି କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହେଉଛି।

### ସଂକ୍ଷେପରେ

## ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ବିନିକା, ୨୩।୫(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସହରାଞ୍ଚଳ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ସନ୍ଧ୍ୟାରେ ଏକଜିକ୍ୟୁଟିଭ ଅଫିସର ମାନସ ରଞ୍ଜନ ଭୋଇଙ୍କ ଅଧ୍ୟକ୍ଷତାରେ ଆଗାମୀ ଘୋଷଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନଗରପାଳ ସୁବାଷ ଚନ୍ଦ୍ର ଭୁଏ, କମିଟି ସଦସ୍ୟ ସର୍ଜନ ପଣ୍ଡା, ଶୀତଳ ପ୍ରସାଦ ମହାକୁଡ଼, ବିଟୁ ମିଶ୍ର, ରଞ୍ଜନ ମିଶ୍ର, ସନ୍ତୋଷ ସାହୁ, ଦିନ ମେହେର, ପରିଷଦର ସମସ୍ତ କାଉନସିଲରଙ୍କ ସମେତ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ରଥଯାତ୍ରା କିପରି ଶାନ୍ତିଶୃଙ୍ଖଳାର ସହିତ ହୋଇପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲଶ। ନାରାୟଣ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସୋନପୁର କେଭି ଶିକ୍ଷକଙ୍କ ପରଲୋକ



ଶେଷଦେବ ବାଗ।

ସୋନପୁର, ୨୩।୫(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର କେନ୍ଦ୍ରୀୟ ବିଦ୍ୟାଳୟର ଶିକ୍ଷକ ଶେଷଦେବ ବାଗଙ୍କ ଗୁରୁବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୪୩ ବର୍ଷ ହୋଇଥିଲା। ସବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି। ସେ କିଛି ମାସ ହେବ ଲିଭର ସିରୋସିସ ରୋଗରେ ପୀଡିତ ହୋଇ ଚିକିତ୍ସିତ ଥିଲେ। ସେ ସୋନପୁର କେନ୍ଦ୍ରୀୟ ବିଦ୍ୟାଳୟରେ ପାଞ୍ଚ ବର୍ଷ କାମ କରିବା ପରେ ବଲାଙ୍ଗୀର କେନ୍ଦ୍ରୀୟ ବିଦ୍ୟାଳୟକୁ ବଦଳି ହୋଇଥିଲା।ପରେ ପୁଣି ସୋନପୁର କେନ୍ଦ୍ରୀୟ ବିଦ୍ୟାଳୟକୁ ୨୦୨୩ରେ ବଦଳି ହୋଇଥିଲେ। ତାଙ୍କ ଘର ଜିଲାର ଡୁଙ୍ଗୁରିପାଲି ଅଞ୍ଚଳରେ। ଚାରି ମାସ ପୂର୍ବରୁ ତାଙ୍କ ମା ଓ ବାପାଙ୍କ ମୃତ୍ୟୁ ହୋଇଥିଲା । ତାଙ୍କ ପତ୍ନୀ ଏବଂ ଏକ ଶିଶୁପୁତ୍ରକୁ ଅଛନ୍ତି। ଏହି ଖବର ଜଣାପଡିବା ପରେ କେନ୍ଦ୍ରୀୟ ବିଦ୍ୟାଳୟର ସମସ୍ତ ଅଭିଭାବକ, ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଓ ବିଦ୍ୟାଳୟ କର୍ମଚାରୀ ଗଭୀର ଶୋକ ପ୍ରକାଶ କରିବା ସହିତ ତାଙ୍କ ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରିଛନ୍ତି।

# ଟାଙ୍ଗରସାହିବାସୀଙ୍କୁ ମିଳିଲା ଟ୍ୟାଙ୍କର ଜଳ



ଟ୍ୟାଙ୍କର ଜଳଯୋଗାଣ ଅବସରରେ ସରପଞ୍ଚ ଶ୍ରୀୟା କର୍ମୀ ଓ ଅନ୍ୟମାନେ।

ବୀରମହାରାଜପୁର, ୨୩।୫(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଉଫୁଲା ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇଛି। ରାତି ପାହିଲେ ଲୋକଙ୍କ ପାଣିଚିନ୍ତା। ଏ ନେଇ ଅଞ୍ଚଳବାସୀ ବିଭିନ୍ନ ସମୟରେ ପଞ୍ଚାୟତ ଅଫିସରୁ ଆରମ୍ଭ କରି ଜିଲାପାଳ ଅଫିସ ଯାଏ ଅଭିଯୋଗ କରି ଆସିଛନ୍ତି। ହେଲେ ସେମାନଙ୍କୁ କୌଣସି ସୁଫଳ ମିଳି ନ ଥିଲା। ଶେଷରେ ଶୁକ୍ରବାର ପଞ୍ଚାୟତ ତରଫରୁ ସମ୍ପୃକ୍ତ ପଞ୍ଚାୟତର ଜଳକ୍ଲିଷ୍ଟ ଟାଙ୍ଗର ସାହିବାସୀଙ୍କୁ ଟ୍ୟାଙ୍କର ଯୋଗେ ଜଳଯୋଗାଣ କରାଯାଇଛି। ସକାଳ ୭ଟା୩୦ରେ ଉଫୁଲା ସରପଞ୍ଚ ଶ୍ରୀୟା କର୍ମୀ ପିଇବା ପାଣି ଟ୍ୟାଙ୍କର ସହ ଟାଙ୍ଗରସାହି, ପଥର ଟାଙ୍ଗର ବସ୍ତି ଓ ଗୌଡ଼କେଲା ଗାଁରେ ପହଞ୍ଚି ଜଳଯୋଗାଣ କରିଥିଲେ। ଏଠାରେ ସୂଚାଇ ଦିଆଯାଇପାରେ ଉଫୁଲା ପଞ୍ଚାୟତର ଟାଙ୍ଗର ସାହି, ପଥର ଟାଙ୍ଗର ପଡ଼ାରେ ପାନୀୟ ଜଳଯୋଗାଇ ଦେବା ଦାବିରେ ମହିଳାମାନେ କିଛିଦିନ ତଳେ ରାସ୍ତା ଅବରୋଧ କରିଥିଲେ। ପାନୀୟ ଜଳଯୋଗାଇ ଦେବା ପ୍ରତିଶ୍ରୁତି ଦେଇଥିଲା ପ୍ରଶାସନ। ମାତ୍ର ଉଭୟ ଗ୍ରାମବାସୀଙ୍କ ପାଇପ ଜଳଯୋଗାଣ ଜରୁରୀ ଥିବା ବିଡ଼ିଓ ରାଜୀବ କୁମାର ହାଁସଦା ଓ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ପ୍ରତିଶ୍ରୁତି ଦେଇଥିଲେ। ବ୍ଲକ ପ୍ରଶାସନ ଓ ଜଳକ୍ଲିଷ୍ଟ ଗ୍ରାମବାସୀଙ୍କ ସହ ସରପଞ୍ଚ କର୍ମୀ ଆଲୋଚନା କରିଥିଲେ। ଆଲୋଚନା ମୁତାବକ ସ୍ଥାୟୀ ପାଇପ ଜଳଯୋଗାଣ ବ୍ୟବସ୍ଥା ହେବା ପର୍ଯ୍ୟନ୍ତ ବିକଳ୍ପ ବ୍ୟବସ୍ଥା ସ୍ୱରୂପ ଟ୍ୟାଙ୍କର ଯୋଗେ ପିଇବା ଜଳ ଯୋଗାଣ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହି ନିଷ୍ପତ୍ତି ଓ ପ୍ରତିଶ୍ରୁତି ଅନୁସାରେ ବିଧାୟକ ଇଂ. ରଘୁନାଥ ଜଗଦଲା ତାଙ୍କ ଉନ୍ନୟନ ପାଣ୍ଠିରୁ ପ୍ରାପ୍ତ ନୂତନ ଟ୍ୟାଙ୍କରରେ ପାନୀୟ ଜଳ ଉଫୁଲା ପଞ୍ଚାୟତ ଅଞ୍ଚଳକୁ ନିଆଯାଇଥିଲା। ସରପଞ୍ଚ କର୍ମୀଙ୍କ ସହ ପିଇଓ ମିତାଞ୍ଜଳି ରଥ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଯୋଗାଣ ସହାୟକ ଦେବେନ୍ଦ୍ର ପଣ୍ଡା, ମଧୁସୂଦନ ଚାନ୍ଦ, ୱାର୍ଡସଭ୍ୟ ସୁଶାନ୍ତ ଜଗଦଲା, ମାରୁତି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ସୁବର୍ଣ୍ଣପୁରର ଉନ୍ନତି ପାଇଁ ମୋହନ ସରକାର ସଙ୍କଳ୍ପବଦ୍ଧ

ସୋନପୁର/ବୀରମହାରାଜପୁର/ବିନିକା, ୨୩।୫(ମୃତ୍ୟୁଞ୍ଜୟ ଶତପଥୀ/ ଯୁଗଳ କିଶୋର ମିଶ୍ର/ରାମଗୋପାଳ ବାଘ)



ବୀରମହାରାଜପୁରରେ ମନ୍ତ୍ରୀ ରବିନାରାୟଣ ନାଏକ ବିକଶିତ ଗାଁ ବିକଶିତ ଓଡିଶା ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

**ଏକାଧିକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ**

ଓଡ଼ିଶାରେ ନୂଆ ସରକାର ଆସିବା ପରେ ସାମାଜିକ ସୁରକ୍ଷା ଯୋଜନାକୁ ବ୍ୟାପକ କରାଯାଇଛି। ପଞ୍ଚାୟତିରାଜ ବ୍ୟବସ୍ଥା ଅଧିକ ସଶକ୍ତ ଓ ସୁଦୃଢ ହୋଇଛି। ମୋହନ ମାଝୀ ସରକାର ସୁବର୍ଣ୍ଣପୁର ଜିଲାର ଉନ୍ନତି ପାଇଁ ସଙ୍କଳ୍ପବଦ୍ଧ। ଜିଲାର ଉନ୍ନତି ପାଇଁ ସ୍ୱତନ୍ତ୍ର କାର୍ଯ୍ୟ ଖସଡା ପ୍ରସ୍ତୁତ ହୋଇଛି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ, ଜଳସେଚନ, କୃଷିର ବିକାଶ ଓ କୃଷକ ଏବଂ ମହିଳାଙ୍କ ଆର୍ଥିକ ଉନ୍ନତି ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି। ରାଜ୍ୟ ପଞ୍ଚାୟତିରାଜ, ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ତଥା ଜିଲା ପ୍ରଭାରୀ ରବିନାରାୟଣ ନାଏକ ଶୁକ୍ରବାର ସୋନପୁର ସର୍କିଟ୍ ହାଉସଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଏହା କହିଛନ୍ତି। ଜିଲାର ବିକାଶକୁ ଆଗକୁ ନେବା ପାଇଁ ବିଭାଗ ଭିତରେ ସମନ୍ୱୟ ରଖିବାକୁ ମନ୍ତ୍ରୀ କହିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାକୁ ତୃଣମୂଳସ୍ତରରେ ପହଞ୍ଚାଇବା ସହ ଯୋଗ୍ୟ ହିତାଧିକାରୀଙ୍କୁ ଯୋଜନାର ଲାଭ ମିଳିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ମନ୍ତ୍ରୀ ପ୍ରଥମେ ଉଲୁଣ୍ଡା ବ୍ଲକର ନାଏକପଡା-କପାସିରା-ମୁଣ୍ଡୋଘାଟ ଭାୟା ପଲାସ ରାସ୍ତାର ନିର୍ମାଣ ଓ ଉନ୍ନତିକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ୭କୋଟି ୯୫ଲକ୍ଷ ଟଙ୍କା ବ୍ୟୟରେ ଏହି ରାସ୍ତା ନିର୍ମାଣ କରାଯିବ।

ପରେ ମନ୍ତ୍ରୀ ନାଏକ ବୀରମହାରାଜପୁର ବ୍ଲକ ଚମ୍ପାମାଳ ରେ ୭ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଅଙ୍ଗନୱାଡି କେନ୍ଦ୍ରର ଉଦ୍‌ଘାଟନ କରିଥିଲେ। ବ୍ଲକରେ ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମ ଅଧିନରେ ପ୍ରାୟ ୨କୋଟି ୧୯ଲକ୍ଷ ବ୍ୟୟ ଅଟକଳରେ ୬୩ଟି ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ସ୍ୱଚ୍ଛ ଭାରତ ମିଶନ ଅନ୍ତର୍ଗତ ବ୍ଲକସ୍ତରୀୟ ଆବର୍ଜନା ପୃଥକୀକରଣ କେନ୍ଦ୍ରର ଶିଳାନ୍ୟାସ, ବ୍ଲକ ସଦର ମହକୁମା ଗ୍ରାମ ପଞ୍ଚାୟତ ନିମନ୍ତେ ୧୦ଲକ୍ଷ ଟଙ୍କା ଓ ଅନ୍ୟ ଗ୍ରାମ ପଞ୍ଚାୟତ ପାଇଁ ୩ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମିତ ଘର ପରିଦର୍ଶନ କରିବା ସହ ମନ୍ତ୍ରୀ ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳ ଅନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ଇଂ. ରଘୁନାଥ ଜଗଦଲା, ଜିଲା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର, ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ଏମ୍‌ପି ନୋମିନି ନଳିନୀ ପଣ୍ଡା,ଭାଜପା ଜିଲା ସଭାପତି ବେଣୁଧର ଦାସ ମଞ୍ଚାସୀନ ଥିଲେ। ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ପୂର୍ବତନ ଜିଲା ଭାଜପା ସଭାପତି ପ୍ରମୋଦ କୁମାର ମହାପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ଭୋଇ, ଶରତ ମିଶ୍ର, ଏକଲବ୍ୟ ବେହେରା ଉପସ୍ଥିତ ଥିଲେ। ଜିଲା ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ପଲ୍ଲବିରାଣୀ ରାଜ, ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ଜଗଦଲା, ଲୁତୁରପଙ୍କ ସରପଞ୍ଚ ସୂର୍ଯ୍ୟ ନାରାୟଣ ନନ୍ଦ, ଚମ୍ପାମାଳ ସମିତି ସଭ୍ୟ ଲକ୍ଷ୍ମୀନାରାୟଣ ପୁରୋହିତଙ୍କ ସମେତ ବହୁ ସରକାରୀ କର୍ମଚାରୀ, ଭାଜପା ନେତା ଓ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ। ବିଡ଼ିଓ ରାଜୀବ ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ ।

ଏହି କାର୍ଯ୍ୟକ୍ରମ ପରେ ମନ୍ତ୍ରୀ ସହରାଞ୍ଚଳ ଅଲେଖ ନଗରରେ ୧୬କୋଟି ୪୪ଲକ୍ଷ ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଶିଳାନ୍ୟାସ କରିଥିଲେ। ଜାମପାଲିଠାରେ ନିର୍ମିତ ପାନୀୟ ଜଳ ବିଶୋଧନାଗାର ପରିଦର୍ଶନ କରି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଥିଲେ। ସ୍ୱତନ୍ତ୍ର ଅତିଥିଭାବେ ବୀରମହାରାଜପୁର ବିଧାୟକ ଜଗଦଲା, ଜିଲାପାଳ ଦାସ, ସିଡିଏମଓ ପ୍ରଦୀପ ଗୁରୁ, ବିଡିଓ ମଞ୍ଜୁ ଖମାରୀ, ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ସତ୍ୟନାରାୟଣ ପାଣିଗ୍ରାହୀ, ସମ୍ମାନୀତ ଅତିଥିଭାବେ ଭାଜପା ଜିଲା ସଭାପତି ବେଣୁଧର ଦାସ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ପ୍ରମୋଦ ମହାପାତ୍ର, ବିଜୟ ମହାକୁଡ଼, ବିଶ୍ୱମ୍ଭର ମିଶ୍ର, ଜିଲା ପରିଷଦ ସଦସ୍ୟା ପ୍ରମିଳା କଳତା, ବରିଷ୍ଠ ଭାଜପା ନେତା ବାବୁଲୁ ବିଶି, ନଗର ସଭାନେତ୍ରୀ ଚନ୍ଦ୍ରମା ଅଗ୍ରୱାଲ ଯୋଗଦେଇଥିଲେ।

କାର୍ଯ୍ୟକ୍ରମ ଶେଷରେ ମନ୍ତ୍ରୀ ସୋନପୁରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମୋଟ ୩୮କୋଟି ୭୮ଲକ୍ଷ ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଥିବା ସୂଚନା ଦେଇଥିଲେ। ଜିଲାର ଭିତ୍ତିଭୂମିର ବିକାଶ ପାଇଁ ରୋଡମ୍ୟାପ୍ ପ୍ରସ୍ତୁତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରୀଙ୍କ ସହିତ ବୀରମହାରାଜପୁର ବିଧାୟକ ଇଂ, ଜଗଦଲା, ଜିଲାପାଳ ଦାସ, ମୁଖ୍ୟ ଉନ୍ନୟନ ଅଧିକାରୀ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

# ହିତାଧିକାରୀଙ୍କୁ ଦୀର୍ଘସ୍ଥାୟୀ ଜୀବିକା ଯୋଗାଇବା ଉପରେ ଗୁରୁତ୍ୱ

## ପିଏମ୍ ଜନମନର ସମୀକ୍ଷା ବୈଠକ

**ସୁନ୍ଦରଗଡ଼, ୨୩।୫(ଜୟ ନାରାୟଣ ମେଣ୍ଡୁଲି)**



ବୈଠକରେ ଜିଲାପାଳଙ୍କ ସହ ଅନ୍ୟମାନେ।

ସୁନ୍ଦରଗଡ଼ ଜିଲା ବିକାଶ ଭବନଠାରେ ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ ବା ପିଏମ୍ ଜନମନ ଯୋଜନାର ସମୀକ୍ଷା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହା ସହିତ ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଅନ୍ତର୍ଗତ ଜିଲାରେ ସୂଚନା ଶିକ୍ଷା ଯୋଗାଯୋଗ (ଆଇ.ଇ.ସି) କାର୍ଯ୍ୟକ୍ରମ କରାଯିବା ଉପରେ ଆଲୋଚନା କରାଯାଇଥିଲା। ଜିଲାପାଳ ମନୋଜ ମହାଜନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଲହୁଣୀପଡ଼ା ବ୍ଲକରେ କାର୍ଯ୍ୟକାରୀ ହୋଇଥିବା ପିଏମ ଜନମନ ଉପରେ ସମୀକ୍ଷା କରାଯାଇଥିଲା। ପିଏମ ଜନମନ ପାଉଡ଼ି ଭୂୟାଁ ଜନଜାତି ବାସ କରୁଥିବା ଲହୁଣୀପଡ଼ା ବ୍ଲକର ୯ ଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ୫୨ଟି ଗ୍ରାମରେ କାର୍ଯ୍ୟକାରୀ ହୋଇଛି। ଏହି ଗ୍ରାମ ଗୁଡିକରେ ବିଭିନ୍ନ ଯୋଜନା ଓ ପ୍ରକଳ୍ପ ଆଦି କାର୍ଯ୍ୟକାରୀ ହୋଇଛି। ସେହି କାର୍ଯ୍ୟ ଓ ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ସମ୍ପର୍କରେ ଏହି ବୈଠକରେ ସମୀକ୍ଷା କରାଯାଇଥିଲା। ସେହି ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ଗ୍ରାମ୍ୟ ଗୃହ ନିର୍ମାଣ ,ରାସ୍ତା ସଂଯୋଗୀକରଣ, ପାନୀୟ ଜଳ ଯୋଗାଣ, ମୋବାଇଲ ମେଡିକାଲ ଚିକିତ୍ସା ସେବା, ହଷ୍ଟେଲ ନିର୍ମାଣ, ମୋବାଇଲ ଟାୱାର ସେବା, ବିଦ୍ୟୁତିକରଣ, ଅଙ୍ଗନୱାଡ଼ି କେନ୍ଦ୍ର ଆଦି ରହିଛି। ସେହିଭଳି ହିତାଧିକାରୀଙ୍କୁ ଜଙ୍ଗଲ ଜମି ଅଧିକାର ପ୍ରଦାନ, ସେମାନଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ଅନ୍ତର୍ଗତ ଜୀବିକା ପ୍ରଦାନ, କୌଶଳ ବିକାଶ ମାଧ୍ୟମରେ ସେମାନଙ୍କୁ ଅଧିକ ରୁ ଅଧିକ ଉପାର୍ଜନକ୍ଷମ କରାଇବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଜିଲାପାଳ ମହାଜନ ଏହି ନିର୍ମାଣ କାର୍ଯ୍ୟ ଗୁଡ଼ିକ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ ଏବଂ ସମୟ ସୀମା ମଧ୍ୟରେ ସଂପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଭାଗୀୟ ଅଧିକାରୀମାନେ ସମୟେ ସମୟେ ସମୀକ୍ଷା କରିବାକୁ କହିଥିଲେ ଏବଂ ସବୁ କାର୍ଯ୍ୟର ଶତ ପ୍ରତିଶତ ପରିପୂର୍ଣ୍ଣତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିଭଳି ହିତାଧିକାରୀଙ୍କୁ ଦୀର୍ଘ ସ୍ଥାୟୀ ଜୀବିକା ଯୋଗାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାସହିତ ବୈଠକରେ ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଅନ୍ତର୍ଗତ ଜିଲାରେ ସୂଚନା ଶିକ୍ଷା ଯୋଗାଯୋଗ କାର୍ଯ୍ୟକ୍ରମ କରାଯିବା ଉପରେ ଆଲୋଚନା କରାଯାଇଥିଲା। ପ୍ରକାଶଥାଉ କି, ଯେଉଁ ଗ୍ରାମରେ ୫୦ ପ୍ରତିଶତ ଆଦିବାସୀ ଜନସଂଖ୍ୟା ରହିଥିବେ ସେହି ଗ୍ରାମ ଗୁଡିକରେ ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବ। ଜିଲାର ୧୭ଟି ବ୍ଲକର ୮୧୨ଟି ଗ୍ରାମରେ ଆସନ୍ତା ଜୁନ ୧୫ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଉପରେ ସୂଚନା ଶିକ୍ଷା ଯୋଗାଯୋଗ କାର୍ଯ୍ୟକ୍ରମ କରାଯିବ। ଏହି ବୈଠକରେ ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ କାର୍ଯ୍ୟକ୍ରମ ଅନ୍ତର୍ଗତ କେନ୍ଦ୍ରୀୟ ସ୍ତରର ୧୭ଟି ମନ୍ତ୍ରଣାଳୟ ଏବଂ ରାଜ୍ୟ ସ୍ତରର ୧୩ଟି ବିଭାଗ ଦ୍ୱାରା ୨୫ଟି ସେବା ପ୍ରଦାନ କରାଯିବା ଉପରେ ଆଲୋଚନା କରାଯାଇଥିଲା। ଜନଜାତିଙ୍କ ସାମଗ୍ରୀକ ବିକାଶ ନିମନ୍ତେ ବିଶେଷ ଦୃଷ୍ଟି ଦିଆଯିବା ସହିତ ଭିତ୍ତିଭୂମି, ସ୍ୱାସ୍ଥ୍ୟ, ଶିକ୍ଷା , ଜୀବିକା ଉପରେ ପରିପୂର୍ଣ୍ଣତା ଆଣିବା ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ବୈଠକରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଡିଏମଏଫର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଷମା ବିଲୁଙ୍ଗ, ବଣାଇ ଉପ ଜିଲାପାଳ ଅକ୍ଷୟ ପିଲ୍ଲେ, ସୁନ୍ଦରଗଡ଼ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଧୀରେନ୍ଦ୍ର ସେଠୀ, ପାନପୋଷର ପ୍ରକଳ୍ପ ପ୍ରଶାସକ ବିକ୍ରାନ୍ତ କିସ୍ପଟ୍ଟା, ବଣାଇର ପ୍ରକଳ୍ପ ପ୍ରଶାସକ ସନ୍ଦିପ ଟପ୍ପୋ, ଜିଲା ଶିକ୍ଷା ଅଧିକାର ଅମୂଲ୍ୟ ପଧାନ, ଜିଲା ମଙ୍ଗଳ ଅଧିକାରୀ ଭାଗିରଥି ପଟେଲ, ସମସ୍ତ ବିଭାଗୀୟ ଅଧିକାରୀ ଏବଂ ଲହୁଣୀପଡ଼ା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ବ୍ଲକର ବିଭିନ୍ନ ଅଧିକାରୀମାନେ ଯୋଗ ଦେଇଥିଲେ।

# ସାଗରପାଲିରେ ଖୋଲିଲା ମିଲେଟ ଶକ୍ତି ଟିଫିନ କେନ୍ଦ୍ର



ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ସୁନ୍ଦରଗଡ, ୨୩।୫(ଜୟ ନାରାୟଣ ମେଣ୍ଡୁଲି)**

ଓଡ଼ିଶା ଶ୍ରୀ ଅନ୍ନ ଅଭିଯାନ ଓ ମିଶନ ଶକ୍ତିର ମିଳିତ ଆନୁକୂଲ୍ୟରେ ସାଗରିକା ସ୍ୱୟଂ ସହାୟକ ଗୋଷ୍ଠୀ ତରଫରୁ ସାଗରପାଲି ଗ୍ରାମରେ ଶୁକ୍ରବାର ଏକ ପୃଷ୍ଟିଶସ୍ୟ ଟିଫିନ କେନ୍ଦ୍ର ଆରମ୍ଭ କରାଯାଇଛି। ଟାଙ୍ଗରପାଲି ବ୍ଲକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସରୋଜିନୀ ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ସେବକର ଟାଙ୍ଗରପାଲି ବ୍ଲକ ସଂଯୋଜକ ଅମୀୟ ରଞ୍ଜନ ଲେଙ୍କା ସଭା ପରିଚାଳନା କରିଥିଲେ। ପ୍ରଥମେ ୱାସନର ସୂପର୍ଣ୍ଣା ସାଗରପାଲିର ସମସ୍ତ ସଭ୍ୟାମାନଙ୍କୁ ଟିଫିନ କେନ୍ଦ୍ରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମିଶନ ଶକ୍ତିର ବ୍ଲକ ସଂଯୋଜିକା ରୀନା ସଂଯୁକ୍ତା ଲାକ୍ରା ଟିଫିନ କେନ୍ଦ୍ରର ସମସ୍ତ ଆୟ ଓ ବ୍ୟୟର ହିସାବ ରଖିବା ସଙ୍ଗେ ସଙ୍ଗେ ମାଣ୍ଡିଆରୁ ପ୍ରସ୍ତୁତ ଭଲ ଟିଫିନ ତିଆରି କରିବାକୁ କହିଥିଲେ। ଶେଷରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସରୋଜିନୀ ମିଶ୍ର ସାଗରପାଲି ଗ୍ରାମରେ ମାଣ୍ଡିଆରୁ ପ୍ରସ୍ତୁତ ଟିଫିନ ବିକ୍ରି କରିବା ସହିତ ପାଖ ବଜାରରେ ବିକ୍ରି କରି ଅଧିକ ଅର୍ଥ ଆୟ କରିପାରିବେ ବୋଲି ମତାମତ ଦେଇଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ମିଶନ ଶକ୍ତିର ବିପିଏସିଏ ନିହାରିକା ପଟେଲ, ଏମ ବିକେ,ସି ଆର ପି , ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାଙ୍କ ଦ୍ୱାରା ମାଣ୍ଡିଆ ଓ ଅନ୍ୟାନ୍ୟ ପୃଷ୍ଟି ଶସ୍ୟରେ ପ୍ରସ୍ତୁତ ଆରିସା, ଠେରେରି ,କାଠି ନିମକୀ ,କାକରା ,ଲଡୁ ,ବରା ,ଆଳୁଚପ ,ସିଙ୍ଗଡା, ସର୍ବତ ,ମିକ୍ସଚର ,ତିଖୁର ,ଭଜିଆ ,ସିଜିରୀ ପିଠା ଆଦି ତିଆରି କରି ବିକ୍ରି କରାଯାଇଥିଲା। ସେବକର ଟାଙ୍ଗରପାଲି ଅତିରିକ୍ତ ବ୍ଲକ ସଂଯୋଜକ ବର୍ଷା ସାହୁ, ଆକାଶ ଚୌଧୁରୀ, ସୁମନ୍ତ ଖମାରି ପ୍ରମୁଖ ପରିଚାଳନା କରିଥିଲେ।

## ସଂକ୍ଷେପରେ

### କେମିକାଲ ଲଗାଇ ଲୁଟିନେଲେ ସୁନାଗହଣା

**ରାଉରକେଲା, ୨୩।୫(ସଙ୍ଗୀତା ଜେନା):** ଛେଣ୍ଡ ଥାନା ଅଞ୍ଚଳରେ ଦିନ ଦ୍ୱିପ୍ରହରରେ ଘରେ ପଶି କେମିକାଲ ଲଗାଇ ଜଣେ ମହିଳାଙ୍କଠାରୁ ସୁନାଗହଣା ଲୁଟ୍ ହୋଇଛି। ଏ ନେଇ ମହିଳାଙ୍କ ସ୍ୱାମୀ ରାଜେନ୍ଦ୍ର ରଥ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା (ନଂ.୧୨୮/୨୫) ରୁଜୁ କରି ତଦନ୍ତ କରୁଛି। ସୂଚନା ଅନୁଯାୟୀ, ଶୁକ୍ରବାର ମଧ୍ୟାହ୍ନ ସାଢ଼େ ୧୨ଟା ସମୟରେ ଛେଣ୍ଡ ଥାନା ଅଧୀନ ଏଲ୍‌ସିଆର ବ୍ଲକରେ ରହୁଥିବା ଜଣେ ମହିଳାଙ୍କ ଘକୁ ୨ଜଣ ଦୁର୍ବୃତ୍ତ ଉଜାଲା କମ୍ପାନୀରୁ ଆସିଥିବା କହି ପଶିଥିଲେ। ସେମାନେ ପ୍ରଥମେ ରୂପା ପାଉଁଜି ସଫା କରିବା ପରେ ଘରେ ଅନ୍ୟ ସୁନାଗହଣା ସଫା କରିବାକୁ ପ୍ରଲୋଭିତ କରିଥିଲେ। ଅବସର ପାଇ ଦୁର୍ବୃତ୍ତ ଦ୍ୱୟ ମହିଳାଙ୍କ ଉପରେ କିଛି କେମିକାଲ ପକାଇ ସୁନାହାର, କାନର ଏବଂ ମୁଦି ନେଇ ଫେରାର ହୋଇଯାଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ଫରେନ୍ସିକ ଟିମ୍ ଘଟଣାର ତଦନ୍ତ କରିଛି।

### ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀଙ୍କୁ ମିଳିଲା ଅନ୍ତର୍ଜାତୀୟ ବେଷ୍ଟ ଟିଚର ଆୱାର୍ଡ




**ସୁନ୍ଦରଗଡ଼, ୨୩।୫(ଜୟ ନାରାୟଣ ମେଣ୍ଡୁଲି):** ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ପୌରପାଳିକାସ୍ଥିତ ମଡେଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ଚୌଧୁରୀ ଅନ୍ତର୍ଜାତୀୟ ବେଷ୍ଟ ଟିଚର ଆୱାର୍ଡ ଲାଭ କରିଛନ୍ତି। ଗତ ୨୦ ତାରିଖରେ ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ୱାର୍ଲ୍ଡ ଚାରିଟି ୱେଲ୍‌ଫେୟାର ଫାଉଣ୍ଡେଶନ ତରଫରୁ ଆୟୋଜିତ ୱାର୍ଲ୍ଡ ଚାରିଟି ଆୱାର୍ଡସ୍ ପ୍ରଦାନ ଉତ୍ସବରେ ତାଙ୍କୁ ଏହି ସମ୍ମାନ ମିଳିଛି। ଏହି ଅନୁଷ୍ଠାନ ଦ୍ୱାରା ଶିକ୍ଷୟିତ୍ରୀ ଚୌଧୁରୀ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ତାଙ୍କ ଶିକ୍ଷକତାରେ ପିଲାଙ୍କ ପ୍ରତି ଥିବା ସ୍ନେହ ଓ ଶିକ୍ଷାଦାନ ଶୈଳୀ ଲାଗି ସେ ଏହି ପୁରସ୍କାର ପାଇଁ ମନୋନୀତ ହୋଇପାରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ତଥା ରାଜ୍ୟ ବାହାରୁ ମନୋନୀତ ହୋଇଥିବା ୫୦ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକ ସମ୍ମାନିତ ହୋଇଥିଲେ। ଓଡ଼ିଶାରୁ ୬ ଶିକ୍ଷୟିତ୍ରୀ ଶିକ୍ଷକ ଏହି ପୁରସ୍କାର ଲାଭ କରିଥିବା ବେଳେ ପ୍ରିୟଦର୍ଶିନୀ ଚୌଧୁରୀ ସୁନ୍ଦରଗଡ଼ ଜିଲାରୁ ଏକମାତ୍ର ଶିକ୍ଷୟିତ୍ରୀଭାବେ ଏହି ପୁରସ୍କାର ପାଇ ଜିଲା ପାଇଁ ଗୌରବ ଆଣିଛନ୍ତି। ତାଙ୍କର ଏହି ସମ୍ମାନ ପାଇଁ ଜିଲାର ଶିକ୍ଷୟିତ୍ରୀ ଶିକ୍ଷକ ଓ ଶୁଭେଚ୍ଛୁ ତଥା ଛାତ୍ରୀଛାତ୍ର ମହଲରେ ଖୁସିର ଲହରି ଖେଳିଯାଇଛି। ଏହି ପୁରସ୍କାର ନିଜର ପରିଶ୍ରମ, ମା'ବାପାଙ୍କ ଆଶୀର୍ବାଦ ଓ ସ୍ୱାମୀଙ୍କ ସହଯୋଗ ଦ୍ୱାରା ସମ୍ଭବ ହୋଇପାରିଥିବା ସେ କହିଛନ୍ତି।

# ବିଳମ୍ବରେ ବାଲିବନ୍ଧ ନିର୍ମାଣକୁ ନେଇ ଅସନ୍ତୋଷ



ସଫେଇ ନଦୀରେ ନିର୍ମିତ ବାଲିବନ୍ଧ।

**ବଡ଼ଗାଁ, ୨୩।୫(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଫୁଲାରୀ ପଞ୍ଚାୟତ ଛାମୁଣ୍ଡା ନିକଟସ୍ଥ ସଫେଇ ନଦୀରେ ବଡ଼ଗାଁ ବନ ବିଭାଗ ପକ୍ଷରୁ ଗତ ସପ୍ତାହରେ ଏକ ବାଲିବନ୍ଧ ନିର୍ମାଣ ଆରମ୍ଭ କରାଯାଇଛି। ସ୍ଥାନୀୟ ଗ୍ରାମବାସୀ ବିଳମ୍ବରେ ବାଲିବନ୍ଧ ନିର୍ମାଣକୁ ସରକାରଙ୍କ ଅନାବଶ୍ୟକ ଖର୍ଚ୍ଚ ବୋଲି କହିବା ସହ ଏହା କୌଣସି କାମରେ ଆସିବ ନାହିଁ ବୋଲି ଅଭିଯୋଗ କରିଛନ୍ତି। ବିଳମ୍ବରେ ବାଲିବନ୍ଧ ନିର୍ମାଣ ଯୋଗୁ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଉଲ୍ଲେଖଯୋଗ୍ୟ, କୌଣସି ସ୍ଥାନରେ ସରକାରୀ ଅର୍ଥ ବିନିଯୋଗ ପୂର୍ବରୁ ଜନସାଧାରଣଙ୍କ ଅବଗତି ନିମନ୍ତେ ସୂଚନାଫଳକ ଲାଗିବା ନିୟମ ରହିଥିବା ବେଳେ ଏଠାରେ ତାହା ପାଳନ ହୋଇନାହିଁ। ଫଳରେ ସ୍ଥାନୀୟ ଗ୍ରାମବାସୀ ବ୍ୟୟ ଅଟକଳ ସମ୍ବନ୍ଧରେ ଅଜ୍ଞ ରହିଥିବା ପ୍ରକାଶ କରିଛନ୍ତି। ତେବେ ବଡ଼ଗାଁ ବନ ବିଭାଗ ପକ୍ଷରୁ ବାଲିବସ୍ତାରେ ନିର୍ମାଣ ହେଉଥିବା ଏହି ବାଲିବନ୍ଧ ଗ୍ରୀଷ୍ମ ଆରମ୍ଭରୁ ନିର୍ମାଣ ହୋଇଥିଲେ ଗ୍ରାମବାସୀଙ୍କ କାମରେ ଆସିଥାନ୍ତା ବୋଲି ପ୍ରକାଶ କରିବା ସହ ବର୍ଷାରେ ଧୋଇଯିବ ବୋଲି କହିଛନ୍ତି। ଏନେଇ ନିର୍ମାଣ ଦାୟିତ୍ୱ ତୁଲାଇଥିବା ଫରେଷ୍ଟର ତୃପ୍ତି ନାଏକଙ୍କୁ ସ୍ଥାନୀୟ ଗ୍ରାମବାସୀ ପଚାରିବାରୁ, ବିଳମ୍ବରେ ଟଙ୍କା ଆସିଥିବା ଯୋଗୁ କାମ ବିଳମ୍ବ ହୋଇଥିବା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବଡ଼ଗାଁ ରେଞ୍ଜର ପ୍ରଦୀପ କୁମାର ଭୂତିଆଙ୍କୁ ପଚାରିବାରୁ, ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।

# ଡିଜେଲ ଚୋର ଫେରାର, କାର୍ ଜବତ କଲା ପୋଲିସ

**ବଡ଼ଗାଁ, ୨୩।୫(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ପୋଲିସ ଗୁରୁବାର ବିଳମ୍ବିତ ରାତିରେ ଡିଜେଲ ଚୋରି କରି ଫେରାର ମାରୁଥିବା ଏକ କାରକୁ ଗୋଡ଼ାଇ ଧରିଥିଲେ ମଧ୍ୟ ଚୋରମାନେ ଫେରାର ହୋଇଯାଇଛନ୍ତି। ସୂଚନା ଅନୁଯାୟୀ, ଗୁରୁବାର ରାତି ପ୍ରାୟ ସାଢେ ଗୋଟାଏ ସମୟରେ ଟିକିଲିପଡା ଗାଁ ନିକଟ ରାଜ୍ୟ ରାଜପଥ ୧୦ ରେ ଛିଡା ହୋଇଥିବା ଦୁଇ ଟ୍ରକରୁ ଡିଜେଲ ଚୋରି ହେଉଥିବା ବଡ଼ଗାଁ ପୋଲିସକୁ ସୂଚନା ମିଳିଥିଲା। ସୂଚନା କ୍ରମେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଥିଲା। ପୋଲିସ ଗାଡି ଦେଖି ଚୋରମାନେ କାରରୁ ଓହ୍ଲାଇ ଦୌଡ଼ି ଫେରାର ହୋଇଯାଇଥିଲେ। ବଡ଼ଗାଁ ପଟୁ ଯାଇଥିବା ପୋଲିସ ଗାଡି ଓ ଜରଙ୍ଗଲୋଇଠାରେ ରାତିକାଳୀନ ପେଟ୍ରୋଲିଂ କରୁଥିବା ଉଭୟ ଗାଡ଼ି ଚୋରମାନଙ୍କୁ ଗୋଡାଇଥିଲେ। ଚୋରମାନେ ଜରଙ୍ଗଲୋଇ ନିକଟରେ କାର ଛାଡ଼ି ଫେରାର ମାରିଥିଲେ। ବଡ଼ଗାଁ ଥାନା ଏଏସଆଇ ବିଜୟ କର, ଉମାକାନ୍ତ ନାଏକ, ଅରୁପାନନ୍ଦ ଦାସ ସଦଳବଳେ କାରକୁ ପିଛା କରିଥିଲେ। ପୋଲିସ କାର ସହ ଚୋରି ହୋଇଥିବା ୨ ଶହ ଲିଟର ଡିଜେଲ ଜବତ କରିଛି। କାର ନମ୍ବରରୁ ଚୋରମାନେ ଅତି ଶୀଘ୍ର ଧରାଯିବେ ବୋଲି ବଡ଼ଗାଁ ଥାନା ଆଇଆଇସି ବାଲୁଙ୍କେଶ୍ୱର ନାଏକ ସୂଚନା ଦେଇଛନ୍ତି।

# କୁତ୍ରା ବସ୍‌ଷ୍ଟାଣ୍ଡ ପାଲଟିଛି କାର୍, ଟ୍ରକ୍ ପାର୍କିଂ ସ୍ଥଳ



କୁତ୍ରା ବସ୍ ଷ୍ଟାଣ୍ଡର ରାସ୍ତା ମଝିରେ କାର୍ ପାର୍କିଂ କରାଯାଇଛି।

**କୁତ୍ରା, ୨୩।୫(ଦେବାଶିଷ ସାହୁ)**

କୁତ୍ରା ୧୦ ନମ୍ବର ରାଜ୍ୟ ରାଜପଥର ଉଭୟ ପାର୍ଶ୍ୱରେ ରହିଛି ୨ଟି ବସ୍‌ଷ୍ଟାଣ୍ଡ। ସୁନ୍ଦରଗଡ଼ ପଟରୁ ଆସୁଥିବା ବସଗୁଡ଼ିକ ରାଉରକେଲା ପଟ ଷ୍ଟାଣ୍ଡ ଓ ରାଉରକେଲାରୁ ଆସୁଥିବା ବସ୍‌ଗୁଡିକ ସୁନ୍ଦରଗଡ଼ ପଟ ବସ ଷ୍ଟାଣ୍ଡରେ ଛିଡ଼ା ହୋଇଥାଏ। ଯାତ୍ରୀମାନେ ବସରେ ବସି ନିଜ ନିଜ ଗନ୍ତବ୍ୟ ସ୍ଥଳକୁ ଯାତାୟାତ କରିଥାନ୍ତି। କିନ୍ତୁ ଏହି ଉଭୟ ବସ ଷ୍ଟାଣ୍ଡରେ ବସ ଛିଡ଼ା କରିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସରକାରଙ୍କ ପକ୍ଷରୁ ବସ ଛିଡା ହେବା ପାଇଁ ବସ ଷ୍ଟାଣ୍ଡ ନିର୍ମାଣ କରାଯାଇଛି। ହେଲେ ବସ ବଦଳରେ କାର ଓ ବଡ ବଡ ଟ୍ରକଗୁଡିକ ପାର୍କିଂ ହେଉଛି। ଯାହା ଫଳରେ ବସଗୁଡିକ ମଝି ରାସ୍ତାରେ ଛିଡା ହେଉଛି। ଫଳରେ ଟ୍ରାଫିକ ସମସ୍ୟା ଦେଖିଦେବା ସହ ଅନେକ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଛି। ରାଜ୍ୟ ରାଜପଥ ଉପରେ ବସ ଗୁଡିକ ଛିଡା ହେଉଥିବାରୁ ରାସ୍ତାରେ ଯାତାୟାତ କରୁଥିବା ଛୋଟବଡ ଗାଡିଗୁଡିକ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ସ୍ଥାନୀୟ ବାସିନ୍ଦା ଓ ଯାତ୍ରୀମାନେ ମଧ୍ୟ ଘୋର ଅସୁବିଧା ଭୋଗୁଛନ୍ତି। ତେଣୁ ପୋଲିସ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଏହାର ସମାଧାନ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ଯୋଗ ଆମ ପାଇଁ ଏକ ଅଭ୍ୟାସ ହେବା ଦରକାର

**ହେମଗିର, ୨୩।୫(ଚୈତନ୍ୟ ପଟେଲ)**



ସୁନ୍ଦରଗଡ଼ ଜିଲା ହେମଗିର ରେଞ୍ଜ ଅନ୍ତର୍ଗତ ବରବାହାଲିଠାରେ ଗୁରୁବାର ବନ ସୁରକ୍ଷା ସମିତିର ୧୦ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏଥିରେ ହେମଗିର ବନାଞ୍ଚଳର ସମସ୍ତ ବନ ବିଭାଗୀୟ ଅଧିକାରୀ, ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର କର୍ମକର୍ତ୍ତା, ବରବାହାଲି ବନ ସୁରକ୍ଷା ସମିତି, ରାଇଛୁଆଁ ବନ ସୁରକ୍ଷା ସମିତି, ରୋହିଣୀ ବନ ସୁରକ୍ଷା ସମିତି ଏବଂ କେଶରଝିମା ବନ ସୁରକ୍ଷା ସମିତିର ସଭ୍ୟାସଭ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, ଛାତ୍ରୀଛାତ୍ର ଓ ଯୁବ ଗୋଷ୍ଠୀ ଯୋଗଦେଇଥିଲେ। ହେମଗିର ବନାଞ୍ଚଳ ଅଧିକାରୀ ପ୍ରକାଶ ଚନ୍ଦ୍ର ନାଏକ ଯୋଗ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଓ ଯୋଗ ଗୁରୁ ଜଗଦୀଶ ପଧାନ ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ବର୍ତ୍ତମାନ ସମୟରେ ମଣିଷ ସମାଜ ପାଇଁ ଯୋଗ କ୍ରିୟାର ଆବଶ୍ୟକତା ଓ ଏହା ମଣିଷର ବାହ୍ୟ ଚେତନା ସହିତ ଅନ୍ତରଚେତନାର ସାମଗ୍ରିକ ବିକାଶ କିପରି ସମ୍ଭବ ତାହା ଉପରେ ସମସ୍ତଙ୍କୁ ଜଣାଇଥିଲେ। ଯୋଗ ଏକ ବ୍ୟାୟାମ ହୋଇ ରହିନାହିଁ। ଏହା ଆମ ପାଇଁ ଏକ ଅଭ୍ୟାସ ହେବା ଦରକାର ବୋଲି ମଧ୍ୟ ବନାଞ୍ଚଳ ଅଧିକାରୀ କହିଥିଲେ। ଏହି ଯୋଗ କାର୍ଯ୍ୟକ୍ରମରେ ପ୍ରାୟ ୧୧୦ ଜଣ ସକ୍ରିୟ ଯୋଗଦାନ କରିଥିଲେ। ଶେଷରେ ସ୍ଥାନୀୟ ପୋଖରୀ ହୁଡ଼ାରେ ବରଗଛ ଚାରା ରୋପଣ କରାଯାଇଥିଲା। ସୁସ୍ଥ ସମାଜ ପାଇଁ ସୁସ୍ଥ ବାତାବରଣର ବାର୍ତ୍ତା ଦେବା ସହ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

# ଗାଁ ଆମ୍ବ ପସରାର ଶୁଭାରମ୍ଭ

**ସୁନ୍ଦରଗଡ଼, ୨୩।୫(ଜୟ ନାରାୟଣ ମେଣ୍ଡୁଲି)**

ଆମ୍ବ ବିକ୍ରୟକୁ ପ୍ରୋତ୍ସାହନ ଯୋଗାଇବା ତଥା ମହିଳା ଚାଷୀମାନଙ୍କୁ ସହଯୋଗ କରିବା ଉଦ୍ଦେଶ୍ୟରେ ଶୁକ୍ରବାର ଗାଁ ଆମ୍ବ ପସରା ବା ମେଙ୍ଗୋ ଅନ ହୁଇଲ କାର୍ଯ୍ୟକ୍ରମର ଆରମ୍ଭ କରାଯାଇଛି। ଜିଲାପାଳ ମନୋଜ ସତ୍ୟବାନ ମହାଜନ ବିକାଶ ଭବନ ପରିସରରୁ ପତାକା ଦେଖାଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ ବିଭିନ୍ନ କିସମର ଆମ୍ବ, ସପୁରୀ, ଲିଚୁ ଆଦି ଉପଲବ୍ଧ ହୋଇଛି। କାର୍ଯ୍ୟକ୍ରମରେ ଜିଲାପାଳ ମହାଜନ ଲେଫ୍ରିପଡ଼ା ଏବଂ ନୂଆଗାଁ ବ୍ଲକର କୃଷକ ଉତ୍ପାଦକ ସଂଘର ସଦସ୍ୟଙ୍କୁ ସେମାନଙ୍କର ଅମଳ କ୍ଷମତା ବୃଦ୍ଧି କରିବା ପାଇଁ ଆଧୁନିକ ଆମ୍ବ ତୋଳା ମେଶିନ ପ୍ରଦାନ କରିଥିଲେ। ଅନ୍ୟପକ୍ଷରେ ଲେଫ୍ରିପଡ଼ା ଏବଂ ନୂଆଗାଁ କୃଷକ ଉତ୍ପାଦକ ସଂଘ ମହିଳା ଚାଷୀଙ୍କ ଦ୍ୱାରା ଉତ୍ପାଦିତ ଆମ୍ବ ଏବେ ସୁନ୍ଦରଗଡ଼ ଏବଂ ରାଉରକେଲାରେ ବିଭିନ୍ନ ପ୍ରଦର୍ଶନୀ ମାଧ୍ୟମରେ ବିକ୍ରି ହେଉଛି। ପ୍ରଶାସନର ଏହି ପଦକ୍ଷେପ ମହିଳା ଚାଷୀମାନଙ୍କୁ ଆର୍ଥିକ ଭାବରେ ସଶକ୍ତ କରିବା ସହ ସ୍ଥାନୀୟ ଉତ୍ପାଦକୁ ବଜାରକୁ ଆଣିବା କ୍ଷେତ୍ରରେ ବିଶେଷ ସହାୟକ ହେବ। କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଜିଲା ଖଣିଜ ପ୍ରତିଷ୍ଠାନର ମୁଖ୍ୟ ନିର୍ବାହୀ ଅଧିକାରୀ ସୁଷମା ବିଲୁଙ୍ଗ, ବଣାଇ ଉପଜିଲାପାଳ ଅକ୍ଷୟ ପିଲ୍ଲେ, ଓରମାସର ଉପ କାର୍ଯ୍ୟ ନିର୍ବାହୀ ଅଧିକାରୀ କେଶବ ଝା, ଅନ୍ୟାନ୍ୟ ଜିଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଅତିରିକ୍ତ ଶାସନ ସଚିବଙ୍କ କୁତ୍ରା ପିଏମଶ୍ରୀ ହାଇସ୍କୁଲ ପରିଦର୍ଶନ

**କୁତ୍ରା, ୨୩।୫ (ଦେବାଶିଷ ସାହୁ)**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଦୁର୍ଗା ପ୍ରସାଦ ମହାପାତ୍ର, ପଞ୍ଚସଖା ଶିକ୍ଷାସେତୁ ଆଞ୍ଚଳିକ ପରିଚାଳକ ଭୁବନେଶ୍ୱର ଆଦିତ୍ୟ ଚୌଧୁରୀ ଶୁକ୍ରବାର କୁତ୍ରା ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏହି ସମୟରେ ସଚିବ ଓ ଅନ୍ୟ ଅଧିକାରୀମାନେ ଚଳିତ ମାଟ୍ରିକ ପରୀକ୍ଷାରେ ବିଦ୍ୟାଳୟର ୧୭ ଜଣ ଏ-୧ ପାଇବା ସହିତ ଜିଲା ଟପ୍ପର ମଧ୍ୟ ଏହି ବିଦ୍ୟାଳୟର ଜାଣି ଖୁସି ବ୍ୟକ୍ତ କରିଥିଲେ। ପରେ ବିଦ୍ୟାଳୟର ଶିଶୁ ବାଟିକା, ବିଜ୍ଞାନଗାର, କମ୍ପ୍ୟୁଟର ଲ୍ୟାବ୍, ଲାଇବ୍ରେରି ପ୍ରଭୃତି ବିଷୟରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହିତ ଆଲୋଚନା କରି ସୁବିଧା ଅସୁବିଧା ବିଷୟରେ ପଚାରି ବୁଝିଥିଲେ। ଲାଇବ୍ରେରି ବହି ଅନୁସରଣ କରିବାକୁ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଉପଦେଶ ଦେଇଥିଲେ। ଅନୁଷ୍ଠାନର ପରିବେଶ ଓ ଔଷଧୀୟ ଉଦ୍ୟାନ ବୁଲି ଖୁସି ହୋଇଥିଲେ। ଏହି ଅବସରରେ ଭିନ୍ନକ୍ଷମ ଶିକ୍ଷା ସଂଯୋଜକ ଅମାତ୍ୟ ପ୍ରଧାନ, କୁତ୍ରା ବିଇଓ ଅନନ୍ତ ନାଏକ, ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ, ହିନ୍ଦୀ ଶିକ୍ଷକ ଧୃତିସୁନ୍ଦର ସାହୁଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ।



ଉପସ୍ଥିତ ଅତିରିକ୍ତ ଶାସନ ସଚିବ ଓ ଅନ୍ୟମାନେ।

# ସ୍ୱାସ୍ଥ୍ୟ, ଆତ୍ମଚେତନା ପାଇଁ ଯୋଗ ଅନିବାର୍ଯ୍ୟ

## ଉଜ୍ଜ୍ୱଳପୁର ବନାଞ୍ଚଳରେ ଅନ୍ତର୍ଜାତୀୟ ଯୋଗ ଦିବସ

**ସୁନ୍ଦରଗଡ଼, ୨୩।୫(ଜୟ ନାରାୟଣ ମେଣ୍ଡୁଲି)**



ଛାତ୍ରୀଛାତ୍ରମାନେ ଯୋଗ କରୁଛନ୍ତି।

ଅନ୍ତର୍ଜାତୀୟ ଯୋଗ ଦିବସର ୧୦ବର୍ଷ ପୂର୍ତ୍ତି ଅବସରରେ ଗୁରୁବାର ସୁନ୍ଦରଗଡ ବନଖଣ୍ଡ ଅନ୍ତର୍ଗତ ଉଜ୍ଜ୍ୱଳପୁର ବନାଞ୍ଚଳର ଗମ୍ଭାରି ବଡବାହାଲପଡା ଓ ସାଗରପାଲି ବନ ସୁରକ୍ଷା ସମିତିରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅବସରରେ ହରିତ ଯୋଗାଭ୍ୟାସ ଓ ସାମୂହିକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉଜ୍ଜ୍ୱଳପୁର ବନାଞ୍ଚଳ ଅଧିକାରୀ ଦେବଦତ୍ତ ନନ୍ଦ ଯୋଗଦେଇ ସ୍ୱାସ୍ଥ୍ୟ, ମନୋବଳ ଓ ଆତ୍ମଚେତନା ପାଇଁ ଯୋଗ ଅନିବାର୍ଯ୍ୟ। ତେଣୁ ଦୈନନ୍ଦିନ ଜୀବନରେ ସମସ୍ତେ ଯୋଗାଭ୍ୟାସକୁ ସୁନିଶ୍ଚିତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଉଜ୍ଜ୍ୱଳପୁର କ୍ଷେତ୍ର ପରିଚାଳନା ଏକକ ଓ ସହଯୋଗୀ ଅନୁଷ୍ଠାନ ସେବକର କର୍ମକର୍ତ୍ତାଙ୍କ ମିଳିତ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବନ ସୁରକ୍ଷା ସମିତିର ସଭ୍ୟାସଭ୍ୟ, ଶିକ୍ଷାର୍ଥୀ, ବୁଦ୍ଧିଜୀବୀମାନେ ବହୁ ସଂଖ୍ୟାରେ ଯୋଗଦାନ କରିଥିଲେ। ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗଗୁରୁ ଗୋବିନ୍ଦ ଚନ୍ଦ୍ର ବିଶାଳ ଯୋଗଦାନ କରି ଅଂଶଗ୍ରହଣକାରୀଙ୍କୁ ଯୋଗାଭ୍ୟାସ କରାଇବା ସହିତ ଏହାର ସୁଫଳ, ବିଭିନ୍ନ ରୋଗ ବ୍ୟାଧିରୁ ମୁକ୍ତି ସହିତ ପ୍ରକୃତି ଓ ମଣିଷ ସମାଜର ବିକାଶ କେମିତି ହୋଇପାରିବ ବିସ୍ତୃତ ଭାବେ ବୁଝାଇଥିଲେ। ଯୋଗ ଦୈହିକ, ମାନସିକ ଓ ଆତ୍ମିକ ଶାନ୍ତି ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ଉପାୟ। ଏହାକୁ ଦୈନନ୍ଦିନ ଜୀବନର ଅଂଶ କରିବା ଦ୍ୱାରା ଆମେ ଏକ ସୁସ୍ଥ ଓ ସୁଦୃଢ଼ ସମାଜ ଗଠନ କରିପାରିବା ବୋଲି ଯୋଗଗୁରୁ ଗୋବିନ୍ଦ ଚନ୍ଦ୍ର ବିଶାଳ ମତ ପ୍ରଦାନ କରିଥିଲେ। ଏହି ଅବସରରେ ଉଭୟ ଗମ୍ଭାରି ବଡବାହାଲପଡା ଓ ସାଗରପାଲି ବନ ସୁରକ୍ଷା ସମିତିରେ ସାମୂହିକ ବୃକ୍ଷରୋପଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉଜ୍ଜ୍ୱଳପୁର ବନପାଳ ହେମବତୀ ସିଂ ଓ ନୂଆ ବନପାଳ ବିନୋଦ କୁମାର ପଟ୍ଟନାୟକ ଯୋଗଦାନ କରି ବୃକ୍ଷରୋପଣର ଉପକାରିତା ଉପରେ ଆଲୋଚନା କରିଥିଲେ। ବୃକ୍ଷ ବିନା ପୃଥିବୀର କୌଣସି ଜୀବ ଜୀବନଯାପନ କରିପାରିବ ନାହିଁ। ତେଣୁ ବୃକ୍ଷରୋପଣ କେବଳ ଏକ ପାରିବେଶିକ କାର୍ଯ୍ୟ ନୁହେଁ, ବରଂ ଏହା ହେଉଛି ଆମ ଜୀବନ ବଞ୍ଚାଇବା ପାଇଁ ଏକ ଅନିବାର୍ଯ୍ୟ ଅଭିଯାନ ବୋଲି ଉପସ୍ଥିତ ଅତିଥିମାନେ ମତପ୍ରଦାନ କରିଥିଲେ।

## ଲୁଟ୍ ପରେ ଘର ଜାଳିଦେଇଥିବା ଅଭିଯୋଗ

ସମ୍ବଲପୁର,(ପ୍ରମୋଦ ବହିଦାର): ଘରେ ନ ଥିବାର ସୁଯୋଗରେ ନିଜ ପରିବାର ଲୋକ ତାଙ୍କ ଘରେ ପଶି ଟଙ୍କା ଓ ଅସବାବପତ୍ର ଲୁଟି ନେଇଛନ୍ତି। ଲୁଟ୍ ପରେ ତାଙ୍କ ଘରେ ନିଆଁ ଲଗାଇ ପୋଡି ଦେଇଥିବା ଅଭିଯୋଗ କରିଛନ୍ତି ରେଙ୍ଗାଲି ଥାନା ବଡ଼ପଡ଼ାର ମହିମା ଓରାମ। ଏନେଇ ସେ ତାଙ୍କ ଭାଇ, ଭାଉଜ ଓ ବଡ଼ଭଉଣୀଙ୍କ ନାମରେ ଏତଲା ଦେଇଛନ୍ତି। ଏତଲା ଆଧାରେ ଥାନାରେ ଏକ ମାମଲା(ନଂ.୧୦୮/୨୫) ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଛି। ପୋଲିସ ଘଟଣାର ତଦନ୍ତ କରୁଛି। ଏପର୍ଯ୍ୟନ୍ତ କାହାରିକୁ ଗିରଫ କରାଯାଇ ନ ଥିବା ପୋଲିସ କହିଛି।

# ନିର୍ମାଣରେ ମାନକୁ ଦିଆଯାଉନି ଗୁରୁତ୍ୱ


ଆବର୍ଜନା ସଫା କରା ନ ଯାଇ ଚାଲିଛି ଡ୍ରେନ୍ ନିର୍ମାଣ ।


ନିର୍ମାଣ ହୋଇଥିବା ରାସ୍ତାରୁ ଚିପ୍ସ ଉଠି ବିଛେଇ ହୋଇ ପଡିଛି।

**■ଉପର ଠାଉରିଆଭାବେ ନିର୍ମାଣ ହେଉଛି ଡ୍ରେନ୍**

**■କାମ ଠିକ୍ ଚାଲିଛି, ଶୀତଲଷଷ୍ଠୀ ପୂର୍ବରୁ ସରିବ: ମହାନଗର ନିଗମ ଆୟୁକ୍ତ**

ସମ୍ବଲପୁର,୨୩ା୫(ପ୍ରମୋଦ ବହିଦାର)

ସମ୍ବଲପୁରରେ ବିଶ୍ୱ ପ୍ରସିଦ୍ଧ ଭ୍ରାମ୍ୟମାଣ ଯାତ୍ରା ଶୀତଲଷଷ୍ଠୀ ପାଇଁ ଆଉ ଦିନ କେଇଟା ବାକି। ଏଥିପାଇଁ ସମ୍ବଲପୁର ସହରସାରା ଜବରଦଖଲ ଉଚ୍ଛେଦ ସହିତ ବିଭିନ୍ନ ରାସ୍ତା ଓ ଡ୍ରେନ୍ ନିର୍ମାଣ କାମ ଆଗେଇ ଚାଲିଛି। ମାତ୍ର ନିର୍ମାଣକୁ ଦେଖିଲେ କାମର ମାନକୁ ଆଦୌ ଧ୍ୟାନ ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ଶୁକ୍ରବାର ବଡ଼ବଜାରର ଶୀତଳେଶ୍ୱର ବାବା ଓ ଠାକୁରପଡ଼ାର ଗୁପ୍ତେଶ୍ୱର ବାବାଙ୍କ ଶୀତଲଷଷ୍ଠୀ କମିଟି ଅସନ୍ତୋଷ ପ୍ରକାଶ କରିଛି। ଉଭୟ କମିଟି କହିଛି ବର୍ଷତମାମ ସହରର ରାସ୍ତା, ଡ୍ରେନ୍ ଆଦି ବିପର୍ଯ୍ୟସ୍ତ ଅବସ୍ଥାରେ ପଡ଼ି ରହୁଥିବା ବେଳେ ଶୀତଲଷଷ୍ଠୀ ଯାତ୍ରାରେ ଅବ୍ୟବହିତ ପୂର୍ବରୁ ଉନ୍ନୟନ କାମ ମନେ ପଡ଼ିଥାଏ। ଶୀତଲଷଷ୍ଠୀ ଯାତ୍ରାରେ ଠାକୁରଙ୍କ ମେଢ଼ ନଗର ପରିକ୍ରମା କରିବାକୁ ତିନୋଟି ପ୍ରମୁଖ ମାର୍ଗ ବଡ଼ ସଡ଼କ, ସାନ ସଡ଼କ ଓ ଗେଟିରୋଡ଼ ରାସ୍ତାର ନିର୍ମାଣ କାମ ତରବରିଆଭାବେ ଜାରି ରହିଛି। ବଡ଼ବଜାରରୁ କ୍ଷେତରାଜପୁର ରାସ୍ତା ଓ ଗୋପାଳମାଳ ବୁଢ଼ାରଜାର ମରାମତି କାମ ଆରମ୍ଭ ହୋଇଛି। ହେଲେ ନିର୍ମାଣ କାମ ନିମ୍ନମାନର ମନେ ହେଉଛି। ପୂର୍ବରୁ ନିର୍ମାଣ ହୋଇଥିବା କଙ୍କ୍ରିଟ୍ ରାସ୍ତା ଉପରେ ପିଚୁ ଓ ଚିପ୍ସର ମିଶ୍ରଣକୁ ଢ଼ଳେଇ କରାଯାଉଛି। ଏହା କଙ୍କ୍ରିଟ୍‌କୁ ଧରି ପାରୁ ନଥିବା ବେଳେ ସ୍ଥାନେସ୍ଥାନେ ପିଚୁ ଉଠିଯାଇ ଚିପ୍ସଗୁଡ଼ିକ ରାସ୍ତାରେ ବିଛେଇ ହୋଇ ପଡୁଛି।

ରାସ୍ତାକୁ ଖୋଳି ନିର୍ମାଣ କରିବା ନିୟମ ଥିବା ବେଳେ ଏଠାରେ ତାହାର ଉଲ୍ଲଂଘନ କରାଯାଇଛି। ଫଳରେ ରାସ୍ତାପାର୍ଶ୍ୱସ୍ଥ ଘରସ୍‌ଗୁଡ଼ିକର ବେସମେଣ୍ଟ ରାସ୍ତାର ଉଚ୍ଚତାରୁ ନିମ୍ନକୁ ଚାଲିଯାଉଛି। ବର୍ଷାଦିନେ ରାସ୍ତାର ବର୍ଷାଜଳ ଲୋକଙ୍କ ଘର ଭିତରକୁ ପଶିବା ଆଶଙ୍କା ସୃଷ୍ଟି ହୋଇଛି। ଏହାସହ ରାସ୍ତା ଉଚ୍ଚ ହେବା ଯୋଗୁ ଡ୍ରେନ୍‌ଗୁଡ଼ିକର ସଂଯୋଗୀକରଣ ପାଇଁ ବିଭିନ୍ନ ସ୍ଥାନରେ ଥିବା ମ୍ୟାନହୋଲ ବା ଇନ୍ସପେକ୍ସନ ଚ୍ୟାମ୍ବରଗୁଡ଼ିକ ମଧ୍ୟ ପୋତି ହୋଇଯାଇଛି। କେତେକ ସ୍ଥାନରେ ଏଥିପାଇଁ ରାସ୍ତା ମଧ୍ୟଭାଗରେ ଗର୍ତ୍ତ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ବ୍ୟସ୍ତ ବହୁଳ ଅଞ୍ଚଳ ତଥା ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳୀ ଗୋଲବଜାର ସଂଲଗ୍ନ ବୈଦ୍ୟନାଥଛକ, ନନ୍ଦପଡ଼ାଛକ ଓ କୁଞ୍ଜେଲପଡ଼ା ଛକରେ ଏଭଳି ଇନ୍ସପେକ୍ସନ୍ ଚ୍ୟାମ୍ବର ପାଇଁ ରାସ୍ତା ମଝିରେ ଗର୍ତ୍ତ ହୋଇଛି। ପଥଚାରୀଙ୍କ ପାଇଁ ଏହା ବିପଦ ସୃଷ୍ଟି କରୁଛି। ସେହିପରି କେତେକ ସ୍ଥାନରେ ଡ୍ରେନ ନିର୍ମାଣରେ ଚରମ ଅବହେଳା ଦେଖିବାକୁ ମିଳିଛି। ବଡ଼ସଡ଼କରେ ଡ୍ରେନ୍ ନିର୍ମାଣ କାମ ଚାଲିଛି। ଏହି ରାସ୍ତାର କୁଞ୍ଜେଲପଡ଼ା ଛକରେ ମାଟିତଳେ ଡେନ୍‌ର ଆବର୍ଜନା ଜଳ ନିଷ୍କାସନ ପାଇଁ ନିର୍ମାଣ ହୋଇଥିବା ଜଙ୍କସନ ଆବର୍ଜନା ପୂର୍ଣ୍ଣ ହୋଇଛି। ଛକ ମଧ୍ୟଭାଗରେ ଥିବା ଡ୍ରେନ୍ ଇନ୍ସପେକ୍ସନ ଚ୍ୟାମ୍ବର ପିଚୁ ଢ଼ଳେଇରେ ପୋତି ହୋଇ ଯାଇଛି। ଏଭଳି ପରିସ୍ଥିତିରେ ଡ୍ରେନ୍‌କୁ ଅବରୋଧ କରୁଥିବା ଆବର୍ଜନାକୁ ସଫେଇ କରା ନ ଯାଇ ସେହି ଅବସ୍ଥାରେ ନିର୍ମାଣ ଜାରି ରହିଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଏ ସମ୍ପର୍କରେ ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ବେଦଭୂଷଣ କହିଛନ୍ତି, ବର୍ତ୍ତମାନ ସହରର ରାସ୍ତା ଓ ଡ୍ରେନ୍ କାମ ଚାଲିଛି। କାମ ଅଧୁରା ଥିବାରୁ ଏହା ନିମ୍ନ ମାନର ଭଳି ଦେଖାଯାଉଛି। ଆଗକୁ ରାସ୍ତା ଉପରେ ଦ୍ୱିତୀୟ ପ୍ରସ୍ତ ପିଚୁ ଢ଼ଳେଇ ହୋଇଗଲେ ସମ୍ପୂର୍ଣ୍ଣ ହୋଇଯିବ। ସେହିପରି ବିଭିନ୍ନ ସ୍ଥାନରେ ରହିଥିବା ଇନ୍ସପେକ୍ସନ ଚ୍ୟାମ୍ବରଗୁଡ଼ିକୁ ସମତଳ କରାଯିବ। ସେହିପରି ଡ୍ରେନ୍ ନିର୍ମାଣରେ ମଧ ରହିଥିବା ତ୍ରୁଟିକୁ ସୁଧୁରା ଯିବ। ସମସ୍ତ ନିର୍ମାଣ ଓ ମରାମତି କାମ ନିଶ୍ଚିତ ଭାବେ ଶୀତଲଷଷ୍ଠୀ ଯାତ୍ରା ପୂର୍ବରୁ ସମାପ୍ତ କରାଯିବ ବୋଲି ସେ କହିଛନ୍ତି। ତେବେ ରାସ୍ତାପାର୍ଶ୍ୱସ୍ଥ ଘରଗୁଡ଼ିକ ବେସମେଣ୍ଟଠାରୁ ଉଚ୍ଚ ହୋଇ ଯାଉଥିବା ବେଳେ ଏହାର ପ୍ରତିକାର ସମ୍ପର୍କରେ ସେ କିଛି କହି ନ ଥିଲେ।

# ମହିଳାଙ୍କୁ ହତ୍ୟା ଅଭିଯୋଗ

ସମ୍ବଲପୁର,୨୩ା୫(ପ୍ରମୋଦ ବହିଦାର)

ସମ୍ବଲପୁର ସଦର ଥାନା ଅନ୍ତର୍ଗତ ତାଲପାଲି ଗ୍ରାମରେ ଜଣେ ମହିଳାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଉଛନ୍ତି ତାଲପାଲି ଗ୍ରାମର କିଶୋର ପାଣ୍ଡେଙ୍କ ସ୍ତ୍ରୀ ମାନସୀ ପାଣ୍ଡେ(୨୬)। ମୃତାଙ୍କ ଭାଇ କୁନୁ ସେଠ୍ ଶଶୁର ଘର ଲୋକେ ତାଙ୍କ ଭଉଣୀଙ୍କୁ ପିଟି ହତ୍ୟା କରିଛନ୍ତି ବୋଲି ସଦର ଥାନାର ଏତଲା ଦେଇଛନ୍ତି। ତାଙ୍କ ଏତଲା ଆଧାରରେ ସଦର ଥାନାରେ ଭାରତୀୟ ନ୍ୟାୟ ସଂହିତାର ଦଫା ୮୦, ୮୫ ଓ ୧୦୩ରେ ଏକ ମାମଲା (ନଂ.୧୨୮/୨୫) ରୁଜୁ କରି ମୃତାଙ୍କ ସ୍ୱାମୀ କିଶୋର ପାଣ୍ଡେଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି। ଅପରପକ୍ଷରେ ମହିଳାଙ୍କ ସ୍ୱାମୀ କହିଛନ୍ତି, ଶୁକ୍ରବାର ସକାଳେ ଉଭୟ ପତିପତ୍ନୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ସେ ଆତ୍ମହତ୍ୟା କରିଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି କହିଛନ୍ତି ତାଙ୍କ ସ୍ୱାମୀ। ସଦର ଥାନା ପୋଲିସ ଶୁକ୍ରବାର ସନ୍ଧ୍ୟାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ମାନସୀଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଦୁଇବର୍ଷ ତଳେ ମାନସୀଙ୍କର ତାଲିପାଲିର କିଶୋର ପାଣ୍ଡେଙ୍କ ସହିତ ବିବାହ କରିଥିଲେ। ମାତ୍ର ବିବାହ ପରଠାରୁ ଉଭୟଙ୍କ ମଧ୍ୟରେ ସମ୍ପର୍କ ଭଲ ନ ଥିଲା। ବ୍ୟବଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର ପ୍ରକୃତ କାରଣ ଜଣା ପଡ଼ିବ ବୋଲି ପୋଲିସ କହିଛି।

# ଶିବିରରେ ୮୦ ୟୁନିଟ୍ ରକ୍ତ ସଂଗୃହୀତ


ରକ୍ତଦାନ ଶିବିରରେ ଅତିଥି ଓ ଅଧିକାରୀମାନେ ।

ସମ୍ବଲପୁର,୨୩ା୫(ବି.ଶଙ୍କର)

ଟିପିଡବ୍ଲ୍ୟୁଓଡିଏଲର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ବିଭାଗ (ସିଏସ୍‌ଆର) ପକ୍ଷରୁ ରକ୍ତଦାନ ଶିବିର ଶୁକ୍ରବାର ସମ୍ବଲପୁର ଇଷ୍ଟ ଇଲେକ୍ଟ୍ରିକାଲ ଡିଭିଜନ୍ ଅଫିସଠାରେ ଆୟୋଜିତ ହୋଇଯାଇଛି। ସମ୍ବଲପୁର ମାରୱାଡି ଯୁବାମଞ୍ଚ ସହଯୋଗରେ ଅନୁଷ୍ଠିତ ଏହି ଶିବିରରେ ଟିପିଡବ୍ଲ୍ୟୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମାଙ୍କ ସମେତ କମ୍ପାନୀର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଏବଂ ଯୁବମଞ୍ଚ ସଦସ୍ୟମାନେ ଉପସ୍ଥିତ ଥିଲେ । ଏଥିରେ ଟିପିଡବ୍ଲ୍ୟୁଓଡିଏଲର ଅନେକ କର୍ମଚାରୀ ଏବଂ ସ୍ଥାନୀୟ ଅଞ୍ଚଳରୁ ବହୁ ସଂଖ୍ୟକ ସ୍ୱେଚ୍ଛାସେବୀ ରକ୍ତଦାନ କରିଥିଲେ। ଶିବିର ମୋଟ ୮୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି । ଏହି ୮୦ ଜଣ ରକ୍ତଦାତାଙ୍କ ମଧ୍ୟରୁ ୭୨ଜଣ ପୁରୁଷ ଏବଂ ୮ ଜଣ ମହିଳା ରକ୍ତଦାତା ରହିଥିଲେ । ସେମାନଙ୍କ ମଧ୍ୟରେ ୫ ଜଣ ପ୍ରଥମ ଥର ପାଇଁ ରକ୍ତଦାନ କରିଥିଲେ । ସୂଚନାଯୋଗ୍ୟ ଯେ, ଟିପିଡବ୍ଲ୍ୟୁଓଡିଏଲର ସିଏସଆର କାର୍ଯ୍ୟକଳାପ ଅଧିନରେ ତିନୋଟି ମୋବାଇଲ ହେଲଥ ଡିସପେନସାରି ଭ୍ୟାନ୍ ନିୟୋଜିତ କରାଯାଇଛି। ଏହି ଅବସରରେ ଟିପିଡବ୍ଲ୍ୟୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା କହିଛନ୍ତି, ବର୍ଷକ ମଧ୍ୟରେ ବିଭିନ୍ନ ବିଭାଗ କାର୍ଯ୍ୟାଳୟରେ ଏହି ପ୍ରକାର ରକ୍ତଦାନ ଶିବିର ସଫଳତାର ଆୟୋଜନ କରିଥିବାରୁ ଆମେ ଗର୍ବିତ । ଆଗାମୀ ଦିନରେ କମ୍ପାନୀ ପକ୍ଷରୁ ସିଏସଆର କାର୍ଯ୍ୟକ୍ରମକୁ ତୀବ୍ରତର କରାଯିବ ଏବଂ ସମାଜର ଦୁର୍ବଳ ଶ୍ରେଣୀ ଲୋକଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ କମ୍ପାନୀ ସିଏସ୍‌ଆର ବଜେଟକୁ ବୃଦ୍ଧି କରିବ ।


ଅତିଥିଙ୍କ ଗହଣରେ ସମବେତ ଛାତ୍ରୀଛାତ୍ର।

# ବ୍ୟକ୍ତିଙ୍କ ମୃତଦେହ ଜବତ

ସମ୍ବଲପୁର,୨୩ା୫(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ନିଶାନଭଙ୍ଗା ଅଞ୍ଚଳରୁ ଶୁକ୍ରବାର ସନ୍ଧ୍ୟାରେ ପୋଲସ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ପାରିପାର୍ଶ୍ୱିକ ପରିସ୍ଥିତିରୁ ବ୍ୟକ୍ତି ଜଣକ ଆତ୍ମହତ୍ୟା କରିଛନ୍ତି ବୋଲି ଅନୁମାନ କରୁଛି ପୋଲିସ। ଏହାକୁ ନେଇ ରେଙ୍ଗାଲି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଭିମ୍‌ସାର ପଠାଇଛି। ତେବେ ପରିଚୟ ମିଳି ନ ଥିବାରୁ ମୃତଦେହ ଭିମ୍‌ସାର ଶବଗୃହରେ ରଖାଯାଇଛି ବୋଲି ପୋଲିସ କହିଛି। ମିଳିଥିବା ସୂଚନାରୁ ପ୍ରକାଶ, ରେଙ୍ଗାଲି ରେଳ ଫାଟକଠାରୁ କିଛି ଦୂରରେ ନିସାନଭଙ୍ଗାଠାରେ ଏକ ପରିତ୍ୟକ୍ତ ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକଙ୍କଠାରୁ ରେଙ୍ଗାଲି ପୋଲିସ ଖବର ପାଇଥିଲା। ମୃତକଙ୍କ ଗଳା ଏକ ଗାମୁଛାରେ ଗୁଡ଼େଇ ହୋଇଥିବା ବେଳେ ତାହା ଛିଣ୍ଡି ଯାଇଥିଲା। ତେବେ ତାଙ୍କ ପରିଚୟ ମିଳିନାହିଁ। ବ୍ୟବଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

# ଜୁନ୍ ୧ରୁ କାର୍ଯ୍ୟକ୍ଷମ ହେବ ହୀରାକୁଦ ବନ୍ଧ ବନ୍ୟା ନିୟନ୍ତ୍ରଣ କକ୍ଷ

ସମ୍ବଲପୁର,୨୩ା୫(ପ୍ରମୋଦ ବହିଦାର)

ଆଗାମୀ ବର୍ଷାଋତୁରେ ଆସନ୍ନ ବର୍ଷାକୁ ଦେଖି ଯେକୌଣସି ସମୟରେ ହୀରାକୁଦ ଜଳଭଣ୍ଡାରରୁ ମହାନଦୀକୁ ବନ୍ୟାଜଳ ନିଷ୍କାସନ କରାଯାଇ ପାରେ ବୋଲି ନଦୀବନ୍ଧ କର୍ତ୍ତୃପକ୍ଷ ସୂଚନା ଜାରି କରିଛନ୍ତି। ବନ୍ୟାଜଳ ନିଷ୍କାସନ ସମୟରେ ମହାନଦୀ ଶଯ୍ୟାରେ ଚଳପ୍ରଚଳ ବା ଅନ୍ୟାନ୍ୟ ବ୍ୟବହାର ପାଇଁ ନଦୀକୁ ଯିବା ବେଳେ ସତର୍କତା ଅବଲମ୍ବନ କରିବାକୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି। ସୂଚନା ଅନୁସାରେ ବନ୍ୟାଜଳ ନିଷ୍କାସନ ସମୟରେ ଜଳଭଣ୍ଡାରର୍ ବାମ ସ୍ପିଲୱେରେ ସାଇରନ ବଜାଇବା ବ୍ୟବସ୍ଥା ହୋଇଛି। ନିରବଚ୍ଛିନ୍ନ ଭାବେ ୨ ମିନିଟ ଧରି ବାଜିବ। ଏହିପରି ୨ ଥର ୨୦ ସେକେଣ୍ଡ ଅନ୍ତରେ ୩୦ ସେକେଣ୍ଡ ଲେଖାଏ ବାଜିବ। ଜଳ ନିଷ୍କାସନର ୨ଘଣ୍ଟା ପୂର୍ବରୁ ସାଇରନ ବାଜିବା ଆରମ୍ଭ ହେବ। ମାତ୍ର ଜଳ ନିଷ୍କାସନ ସମୟରେ ବଜୁଥିବା ସାଇରନ ଉକ୍ତ ସାଇରନ ଠାରୁ ଭିନ୍ନ ରହିବ ବୋଲି ହୀରାକୁଦ ବନ୍ଧ ମଣ୍ଡଳ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ସୁଧିର କୁମାର ସାହୁ ସୂଚନା ଦେଇଛନ୍ତି। ଅପରପକ୍ଷରେ ହୀରାକୁଦ ବନ୍ଧ ମହାନଦୀ ବେସିନ ମୁଖ୍ୟଯନ୍ତ୍ରୀଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ ଆସନ୍ତା ଜୁନ ୧ରୁ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ୨୪ ଘଣ୍ଟିଆ ବନ୍ୟାନିୟନ୍ତ୍ରଣ କକ୍ଷ ଖୋଲିବ। ବୁର୍ଲାଠାରେ ଥିବା ହୀରାକୁଦ ଜଳଭଣ୍ଡାର ପ୍ରକଳ୍ପର ମୁଖ୍ୟ ନିୟନ୍ତ୍ରଣ କେନ୍ଦ୍ରରେ ମୁଖ୍ୟଯନ୍ତ୍ରୀ ଓ ମହାନଦୀ ବେସିନ ମ୍ୟାନେଜରଙ୍କ ତତ୍ତ୍ୱାବଧାନରେ ଏହି ନିୟନ୍ତ୍ରଣ କକ୍ଷ ପରିଚାଳିତ ହେବ। ଏଥିରେ ତାଙ୍କୁ ହୀରାକୁଦ ମୁଖ୍ୟବନ୍ଧ ଜିଭିଜନ, ଅଧୀକ୍ଷଣ ଯନ୍ତ୍ରୀ ଜଳଭଣ୍ଡାର ପରିଚାଳନା ପାଇଁ ସମସ୍ତ ପ୍ରକାର ସହାୟତା କରିବେ ବୋଲି ନିର୍ଦ୍ଦେଶନାମ ଜାରି କରାଯାଇଛି।

## ଜେଡିଏ ପକ୍ଷରୁ ପୁରାତନଙ୍କୁ ବିଦାୟ ଓ ନୂତନଙ୍କୁ ସ୍ୱାଗତ

# ଭିମ୍‌ସାରରେ ସ୍ମୃତି ଶତଦଳ ସମାରୋହ

ସମ୍ବଲପୁର,୨୩ା୫(ପ୍ରମୋଦ ବହିଦାର)

ବୁର୍ଲା ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଚିକିତ୍ସା ଓ ଗବେଷଣା କେନ୍ଦ୍ର(ଭିମ୍‌ସାର)ର କନିଷ୍ଠ ଡାକ୍ତର ସଂଘ(ଜେଡିଏ-୨୦୨୩) ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ 'ସ୍ମୃତି ଶତଦଳ' ଶୀର୍ଷକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଭିମ୍‌ସାର ପରିସରସ୍ଥ ନବନିର୍ମିତ କଲାମ ପ୍ରେକ୍ଷାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୨୦୨୧-୨୪ ବ୍ୟାଚ୍ ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କୁ ବିଦାୟ ଓ ନୂତନ ଇଣ୍ଟର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। ମୁଖ୍ୟଅତିଥିଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ଯୋଗଦେଇ ଡାକ୍ତରଙ୍କ ଉପରେ ଅସୀମ ବିଶ୍ୱସ ରଖି ଡାକ୍ତରଖାନରେ ଚିକିତ୍ସା ପାଇଁ ଭର୍ତ୍ତି ହେଉଥିବା ରୋଗୀଙ୍କ ଚିକିତ୍ସା କ୍ଷେତ୍ରରେ ଚିକିତ୍ସକଙ୍କ ଗୁରୁଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ଭିମସାରର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଡା. ଭାବଗ୍ରାହୀ ରଥ, ଭିମସାର ଭାରପ୍ରାପ୍ତ ଅଧିକ୍ଷକ ପ୍ରଫେସର ଡା. ଅଶୋକ କୁମାର ନାୟକ, ଷ୍ଟୋର ମେଡ଼ିକାଲ ଅଧିକାରୀ ଡା. ଅଶୋକ ପାଣିଗ୍ରାହୀ ଓ ଜେଡିଏ ପରାମର୍ଶଦାତା ପ୍ରଫେସର ଡା. ବେଣୁଧର ପାଣ୍ଡେ ସମ୍ମାନିତ ଅତିଥିଭାବେ ଯୋଗଦେଇ ଚିକିତ୍ସା କ୍ଷେତ୍ରରେ ଡାକ୍ତରଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। ଜେଡିଏ ସଭାପତି ଡା. ପୁନିତ ଛାବରିଆ, ସାଧାରଣ ସମ୍ପାଦକ ଡା. ଯଯାତି କେଶରୀ ପାଣିଗ୍ରାହୀ ଜେଡିଏର ଅନ୍ୟତମ ପରାମର୍ଶଦାତା ଡା. ଅମ୍ଲାନ କେଶରୀ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଞ୍ଚସ୍ଥ ହୋଇଥିଲା।

# ଜାତୀୟ ଯୋଗ ଅଲିମ୍ପିଆଡ, ଭାଗନେବେ ଜିଲାର ୪ ଛାତ୍ରୀଛାତ୍ର

ସମ୍ବଲପୁର,୨୩ା୫(ଭବାନୀ ଶଙ୍କର ଭୋଇ)


ଜାତୀୟ ଯୋଗ ଅଲିମ୍ପିଆଡ ପାଇଁ ଚୟନ ହୋଇଥିବା ଜନାର୍ଦ୍ଦନ ପୂଜାରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ର।

ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମଠାରେ ଉଦ୍‌ଯାପିତ ହୋଇଥିବା ରାଜ୍ୟସ୍ତରୀୟ ଯୋଗ ଅଲିମ୍ପିଆଡ଼ରେ ସମ୍ବଲପୁର ଜିଲାର ୪ଜଣ ଛାତ୍ରୀଛାତ୍ର କୃତିତ୍ୱ ହାସଲ କରି ଜାତୀୟସ୍ତର ପାଇଁ ଚୟନ ହୋଇଛନ୍ତି। ଶୁକ୍ରବାର ସେମାନେ ସମ୍ବଲପୁର ଫେରିବା ପରେ ସିଟି ରେଳ ଷ୍ଟେଶନରେ ଜିଲା ବିଦ୍ୟାଳୟ କ୍ରୀଡ଼ା ସଂଘ ସଭ୍ୟ ପ୍ରତାପ ଚନ୍ଦ୍ର ସେନାପତି, ପି. ସୁଧାଂଶୁ, ଭୀମସେନ ବାରିକ, ରାଜାରାମ ପଣ୍ଡା, ଚିତ୍ତରଞ୍ଜନ ପଣ୍ଡା ଓ ସତ୍ୟରଞ୍ଜନ ପଣ୍ଡା ବିଜୟୀ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ କରିଥିଲେ। ଗତ ୨୦ତାରିଖରୁ ଆରମ୍ଭ ହୋଇଥିବା ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସମ୍ବଲପୁର ଜିଲାରୁ ତ୍ରିବିକ୍ରମ ରଣା ଓ ସୁମିତ୍ରା ଛତରଙ୍କ ତତ୍ତ୍ୱାବଧାନରେ ୮ଜଣ ଛାତ୍ରୀ ଓ ୪ ଜଣ ଛାତ୍ର ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ସିନ୍ଦୁରପଙ୍କସ୍ଥିତ ଜନାର୍ଦ୍ଦନ ପୂଜାରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ କବିତା ମାଝି ୧୭ ବର୍ଷ ବାଳିକା ବିଭାଗରେ ପ୍ରଥମ ସ୍ଥାନ ଏବଂ ତାନିଆଁ ନେଗି ତୃତୀୟ ସ୍ଥାନ ହାସଲ କରିଥଲେ। ସେହିପରି ବିଦ୍ୟା ବନଛୋର ୧୪ ବର୍ଷ ବାଳିକା ବିଭାଗରେ ଦ୍ୱିତୀୟ ଓ ଅଙ୍କିତ ବେହେରା ୧୪ ବର୍ଷ ବାଳକ ବିଭାଗରେ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ଚାରିଜଣ ଯାକ ପ୍ରତିଯୋଗୀ ଆସନ୍ତା ଜୁନ ମାସରେ କନ୍ୟାକୁମାରୀଠାରେ ହେବାକୁ ଥିବା ଜାତୀୟ ଯୋଗ ଅଲିମ୍ପିଆଡ଼ରେ ଭାଗ ନେବାପାଇଁ ମନୋନୀତ ହୋଇଛନ୍ତି। ସମସ୍ତ ଛାତ୍ରୀଛାତ୍ର ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ସତ୍ୟରଞ୍ଜନ ପଣ୍ଡା ଓ ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ଚିତ୍ତରଞ୍ଜନ ପଣ୍ଡାଙ୍କଠାରୁ ତାଲିମ ନେଉଥିଲେ। ସେମାନଙ୍କର ସଫଳତା ଯୋଗୁ ଜିଲା ତଥା ବିଦ୍ୟାଳୟର ଗୌରବ ବୃଦ୍ଧି ହୋଇପାରିଛି। ଜନାର୍ଦ୍ଦନ ପୂଜାରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବର୍ଷତମାମ ଶାରୀରିକ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ଯୋଗ ଜରିଆରେ ବିଦ୍ୟାଳୟର ସୁନାମ ବୃଦ୍ଧି ପାଇ ପାରିଛି ।

# ଛାତ୍ରୀଛାତ୍ରଙ୍କଠାରେ ପ୍ରତିଭାର ଅଭାବ ନାହିଁ

ସମ୍ବଲପୁର,୨୩ା୫(ବି.ଶଙ୍କର)



ଯୁକ୍ତ୨ ପରୀକ୍ଷାରେ ସଫଳ ହୋଇଥିବା ଛାତ୍ରୀଛାତ୍ରଙ୍କ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ।

**ବିକାଶ ସମ୍ବଲପୁରର ସଫଳତା ସମାରୋହ**

ଛାତ୍ରୀଛାତ୍ରଙ୍କଠାରେ ପ୍ରତିଭାର ଅଭାବ ନାହିଁ। ତାକୁ ପ୍ରସ୍ଫୁଟିତ କରିବାକୁ ହେଲେ ଉପଯୁକ୍ତ ଭିତ୍ତିଭୂମି, ଅଭିଜ୍ଞ ଶିକ୍ଷକ ଏବଂ ସମୟପୋଯୋଗୀ ପାଠ୍ୟ ଖସଡା ଦରକାର। ଯାହାକି ଛାତ୍ରୀଛାତ୍ରଙ୍କ ପ୍ରତିଭାର ବିକାଶ ପାଇଁ ବିକାଶ ବିଦ୍ୟାଳୟ ହିଁ ଏକ ଉପଯୁକ୍ତ ସ୍ଥାନ । ଶୁକ୍ରବାର ସମ୍ବଲପୁର ଜିଲା ଶାସନ ସ୍ଥିତ ବିଦ୍ୟା ବିକାଶ ବିଦ୍ୟାଳୟ ପରିସରସ୍ଥ ସଭାକକ୍ଷରେ ଯୁକ୍ତ୨ ପରୀକ୍ଷାରେ ସଫଳତା ହୋଇଥିବା ଛାତ୍ରୀଛାତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିଥି ଓ ବକ୍ତାମାନେ ଉପରୋକ୍ତ ମତ ପ୍ରକାଶ କରିଥିଲେ । ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା ସମାରୋହରେ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ତଥା ୫୦୦ କ୍ଲବରେ ସାମିଲ ହୋଇଥିବା ୩୪ ଜଣ କୃତୀ ଛାତ୍ରୀଛାତ୍ର, ଅଭିଭାବକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଡ.ଦିବ୍ୟସିଂହ ମହନ୍ତ ସ୍ୱାଗତ ଭାଷଣ ଦେଇଥିଲେ। ବିଦ୍ୟା ବିକାଶ ଅନୁଷ୍ଠାନ ସମୂହର ଚେୟାରମ୍ୟାନ ତଥା ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ କହିଥିଲେ, ପ୍ରକୃତରେ ବ୍ୟକ୍ତିର ସଫଳତା ପଛରେ ସ୍ୱଅଧ୍ୟବସାୟ, ମାତାପିତା, ଅନୁଷ୍ଠାନ ଓ ଗୁରୁଜନଙ୍କ ଆଶୀର୍ବାଦ ନ ହେଲେ ଏହା ସମ୍ଭବ ନୁହେଁ। ବିଦ୍ୟା ବିକାଶ ଅନୁଷ୍ଠାନ ସମୂହ ନିର୍ଦ୍ଦେଶକ ଜି.ରାମ କୃଷ୍ଣ ନିରନ୍ତର ଅଭ୍ୟାସ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଶିକ୍ଷାକୁ ମନ୍ତ୍ର ଦୀକ୍ଷା ପରି ଗ୍ରହଣ କଲେ ସଫଳତା ଆପେ ଆସିବ ବୋଲି ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ମୁଖ୍ୟ ପ୍ରଶାସନିକ ଅଧିକାରୀ ସଞ୍ଜିବ କୁମାର ବାବୁ ଚଳିତ ବର୍ଷର ଫଳାଫଳ ଉପରେ ଆଲୋକପାତ କରିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ଏକାଡେମିକ ଉପଦେଷ୍ଟା ଡ. ନବିନ ଶର୍ମା, ବିକାଶ ଦ କନସେପ୍ଟ ସ୍କୁଲର ଅଧ୍ୟକ୍ଷ ମନୋରଞ୍ଜନ ପତି, ବିକାଶ ସିନିୟର ସେକେଣ୍ଡାରୀ ସ୍କୁଲ ଅଧ୍ୟକ୍ଷା ଡ.ପୁଷ୍ପିତା ପଣ୍ଡା, ବିକାଶ ଫାଷ୍ଟଷ୍ଟେପ ଅଧକ୍ଷା ଡି. ଶାନ୍ତା ଚୌଧୁରୀ ଓ ବିକାଶ ନର୍ସିଂ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଈଶ୍ୱର ନାଗ, ବିକାଶ ଦ କନସେପ୍ଟ ସ୍କୁଲ ଉପାଧ୍ୟକ୍ଷ ଯଶବନ୍ତ ସାହୁ ଛାତ୍ରୀଛାତ୍ର, ଅଭିଭାବକ ଏବଂ ଶିକ୍ଷୟିତ୍ରୀମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇ ସେମାନଙ୍କ ଉଜ୍ଜଳ ଭବିଷ୍ୟତର କାମନା କରିଥିଲେ । ଉକ୍ତ ସମାରୋହକୁ ମନୋରଞ୍ଜନ ମିଶ୍ର ସଂଯୋଜନା କରିଥିବା ବେଳେ ବିଜନ ପୂଜାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଡକାୟତି ଉଦ୍ୟମ ପଣ୍ଡ

**କୋକସରା, ୨୩ା୫ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ):** କଳାହାଣ୍ଡି ଜିଲା କୋକସରା ଥାନା ଟେମରା ଗ୍ରାମର ଈଶ୍ୱର ଚନ୍ଦ୍ର ସାହୁଙ୍କ ଘରେ ବିଳମ୍ବିତ ରାତିରେ ଡକାୟତି ଉଦ୍ୟମ ହୋଇଛି। ସୂଚନା ମତେ ଈଶ୍ୱର ପରିବାର ସହ ଘରେ ଶୋଇଥିବାବେଳେ ବିଳମ୍ବିତ ରାତିରେ ତାଙ୍କ ଘର ପଛପଟ ପାଚେରିକୁ ଡକାୟତମାନେ ସିନ୍ଧି କରି କୋଠାରେ ଲାଗିଥିବା ୬ଟି ସିସିଟିଭି କ୍ୟାମେରା ଭାଙ୍ଗି ଦେଇଥିଲେ। ସେମାନେ ଡକାୟତି କରିବା ପୂର୍ବରୁ ଗୃହକର୍ତ୍ତା ଉଠିପଡିବାରୁ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏ ନେଇ ସାହୁଙ୍କ ବଡପୁଅ ପ୍ରଶାନ୍ତ ଅଭିଯୋଗ କରିବା ପରେ ଗୁରୁବାର ସକାଳେ ପୋଲିସ ଟିମ୍ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଭଙ୍ଗାରୁଜା ହୋଇଥିବା ସିସିଟିଭି କ୍ୟାମେରା ଜବତ କରିଥିବା ସୂଚନା ମିଳିଛି। ପରେ ସନ୍ଧ୍ୟାରେ ପୋଲିସ ପକ୍ଷରୁ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

# ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦିଅ

**ଜୀବିତ ଡମ୍ବୁ ଶବରଙ୍କୁ ମୃତ ଘୋଷଣା ମାମଲା**

**ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଲେ ଏନ୍ଏଚ୍ଆରସି**

**ଭବାନୀପାଟଣା, ୨୩ା୫ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ କନାବିରା ଗ୍ରାମର ଜୀବିତ ଆଦିବାସୀ ବ୍ୟକ୍ତି ଡମ୍ବୁ ଶବରଙ୍କୁ ପ୍ରଶାସନ ପକ୍ଷରୁ ମୃତ ଘୋଷଣା କରାଯାଇ ସାମାଜିକ ସୁରକ୍ଷା ଯୋଜନାରୁ ବଞ୍ଚିତ କରାଯାଇଥିଲା। ଏହି ଘଟଣାର ଅଧୁରା ରିପୋର୍ଟ ପ୍ରଦାନ କରିଥିବାରୁ ଜିଲା ପ୍ରଶାସନ ଉପରେ ଜାତୀୟ ମାନବାଧିକାର କମିଶନ (ଏନ୍ଏଚ୍ଆର୍ସି) ଅସନ୍ତୋଷ ବ୍ୟକ୍ତ କରି ୪ ସପ୍ତାହ ମଧ୍ୟରେ ସାନି ରିପୋର୍ଟ ପ୍ରଦାନ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି । ପ୍ରକାଶ ଯେ, ଗତ ୨୦୨୩ ମସିହାରେ କେସିଙ୍ଗା ବ୍ଲକ ପ୍ରଶାସନ ଗାଇଗାଁ ପଞ୍ଚାୟତ ଅନ୍ତର୍ଗତ କନାବିରା ଗ୍ରାମର ଜୀବିତ ଥିବା ଡମ୍ବୁ ଶବରଙ୍କ ନାମ ମୃତ ତାଲିକାରେ ସାମିଲ କରି ତାଙ୍କୁ ସମସ୍ତ ସରକାରୀ ଯୋଜନା ସହାୟତାରୁ ବଞ୍ଚିତ କରିଥିଲେ। ଏହି ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ମାନବାଧିକାର କର୍ମୀ ଦିଲ୍ଲୀପ କୁମାର ଦାସ ଜାତୀୟ ମାନବ ଅଧିକାର କମିଶନରେ ଅଭିଯୋଗ ଦାଖଲ କରି ପୀଡିତ ଡମ୍ବୁ ଶବରଙ୍କୁ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଅନୁରୋଧ କରିଥିଲେ। କମିଶନ ଏହାକୁ ଗୁରୁତ୍ୱର ସହ ନେଇ ମାମଲା ପଞ୍ଜିକରଣ କରିବା ସହିତ ୮ ଫେବୃଆରୀ ୨୦୨୪ ଓ ୨୬ ଏପ୍ରିଲ ୨୦୨୪ରେ ଦୁଇଥର ନୋଟିସ କରି ଜିଲାପାଳଙ୍କଠାରୁ ରିପୋର୍ଟ ତଲବ କରିଥିଲେ। ଦୁଇଟି ନୋଟିସ ପାଇବା ପରେ ଜିଲାପାଳଙ୍କ ପକ୍ଷରୁ ୨୦ ଜୁନ ୨୦୨୪ରେ ରିପୋର୍ଟ ଦାଖଲ ହୋଇଥିଲା। ଏଥିରେ ଦର୍ଶାଯାଇଥିଲା ଯେ, ଶବର ଓ ତାଙ୍କ ପରିବାର ୮ ଜାନୁଆରୀ ୨୦୨୪ରୁ ଗୁଜରାଟ ରାଜ୍ୟକୁ ସପରିବାର ଦାଦନ ଖଟିବାକୁ ଯାଇ ସେଠାରେ ବସବାସ କରୁଛନ୍ତି। କିନ୍ତୁ ତାଙ୍କ ରାଶନ କାର୍ଡ (ନମ୍ବର - ୧୫୦୮୦୭୧୦୪୭୬)ରେ ନିୟମିତ ରାଶନ ଚାଉଳ ନେଉଛନ୍ତି। ଏହି ରିପୋର୍ଟରେ ଅନ୍ୟ କୌଣସି ତଥ୍ୟ ନ ଥିବାରୁ କିମ୍ବା ତାଙ୍କୁ କାହିଁକି ମୃତ ତାଲିକାରେ ରଖାଗଲା ତା'ର କାରଣ ଦର୍ଶାଯାଇ ନ ଥିବାରୁ କମିଶନ ଅସନ୍ତୋଷ ବ୍ୟକ୍ତ କରି ୮ ଅକ୍ଟୋବର ୨୦୨୪ରେ ପୁନର୍ବାର ନୋଟିସ କରି ଜିଲାପାଳଙ୍କଠାରୁ ସବିଶେଷ ରିପୋର୍ଟ ମାଗିଥିଲେ । କିନ୍ତୁ ଅଦ୍ୟାବଧି କଳାହାଣ୍ଡି ଜିଲାପାଳ ଏହି ରିପୋର୍ଟ କମିଶନଙ୍କ ପାଖରେ ଦାଖଲ କରିନାହାନ୍ତି। ଫଳରେ ଗୁରୁବାର ପୁଣି ଏହି ମାମଲାର କମିଶନ ଶୁଣାଣି କରି ସାନି ନୋଟିସ ଜାରି କରିବା ସହିତ ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ୨୦୨୩ ଜାନୁଆରୀରୁ ୨୦୨୪ ଜାନୁଆରୀ ପର୍ଯ୍ୟନ୍ତ ପ୍ରତ୍ୟେକ ମାସ ଡମ୍ବୁ ଶବରଙ୍କୁ କେଉଁ ସରକାରୀ ସହାୟତା ପ୍ରଦାନ କରାଯାଇଛି ତା'ର ସମ୍ପୂର୍ଣ ବିବରଣୀ ସହିତ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି। ସେହିପରି ଠିକଣା ସମୟରେ ରିପୋର୍ଟ ଦାଖଲ ତଦାରଖ କରିବା ପାଇଁ ମୁଖ୍ୟ ଶାସନ ସଚିବଙ୍କୁ ମଧ୍ୟ କମିଶନ ସୂଚାଇ ଦେଇଛନ୍ତି।

## ବାଲୁକା କଳାରେ ଆତଙ୍କବାଦ ବନ୍ଦ ବାର୍ତ୍ତା



ଓମ୍ ପ୍ରକାଶଙ୍କ ବାଲୁକା କଳା।

**କର୍ଲାମୁଣ୍ଡା, ୨୩ା୫ (ପ୍ରଦୀପ କୁମାର ସାହୁ):** ସମାଜର ଶୋଷକ ଗୋଷ୍ଠୀ ସୁରକ୍ଷିତ ଥିବାବେଳେ ପହଲଗାମ ହିଂସା ଭଳି ଘଟଣାରେ ଦେଶର ନିରୀହ ଜନତା ଆତଙ୍କବାଦର ଶିକାର ହେଉଛନ୍ତି। ଏହି ଆତଙ୍କବାଦକୁ ଏକ ପାଶବିକ ପ୍ରକୃତି ଭାବରେ ବାଲୁକା କଳା ମାଧ୍ୟମରେ ଚିତ୍ରଣ କରିଛନ୍ତି କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତ ଡ଼ଙ୍ଗରମୁଣ୍ଡା ଗ୍ରାମର ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ଓମ୍ ପ୍ରକାଶ ସାହୁ। ଜାତି ବା ଧର୍ମ ବିରୋଧରେ ନୁହେଁ, ଆତଙ୍କବାଦ ବିରୋଧରେ ସମସ୍ତେ ଲଢେଇ କରିବା ପାଇଁ ସେ ତାଙ୍କ ବାଲୁକା କଳାରେ ସନ୍ଦେଶ ଦେଇଛନ୍ତି।

# ଭିଜିଲାନ୍ସ ଜାଲରେ ଆର୍ଆଣ୍ଡବି କନିଷ୍ଠ ଯନ୍ତ୍ରୀ


ସୁଶାନ୍ତ କୁମାର ସେଠୀ

- ଘର ସମେତ ୮ ସ୍ଥାନରେ ଚଢ଼ାଉ, ପିପିଲିରେ ଫାର୍ମ ହାଉସ୍
- ୯ ପ୍ଲଟ୍, ଏକାଧିକ କୋଠା, ୫୫ଲକ୍ଷ ଟଙ୍କାର ବ୍ୟାଙ୍କ ଓ ଜୀବନବୀମା ଜମା

**ନୂଆପଡ଼ା, (ମକାରୁ ବେମାଲ)/ଭୁବନେଶ୍ୱର, ୨୩ା୫ (ସତ୍ୟଜିତ୍ ରାଉତ)**

ନୂଆପଡା ଜିଲା ଖରିଆରସ୍ଥିତ ରାସ୍ତା ଓ ଗୃହ ବିଭାଜନର କନିଷ୍ଠ ଯନ୍ତ୍ରୀ ସୁଶାନ୍ତ କୁମାର ସେଠୀ ଶୁକ୍ରବାର ଭିଜିଲାନ୍ସ ଜାଲରେ ପଡିଛନ୍ତି। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୁଶାନ୍ତଙ୍କ ଘର ସମେତ ନୂଆପଡା, ଭୁବନେଶ୍ୱର, ପିପିଲି (ପୁରୀ)ରେ ମୋଟ ୮ ସ୍ଥାନରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ଏକକାଳୀନ ଚଢ଼ାଉ ହୋଇଛି। ଯାଞ୍ଚ ସ୍ଥାନ ମଧ୍ୟରେ ସୁଶାନ୍ତଙ୍କ ନୂଆପଡା ଆର୍ଆଣ୍ଡବି ଡିଭିଜନସ୍ଥିତ ଅଫିସ ଚାମ୍ବର, ଭୁବନେଶ୍ୱର ବ୍ରିଟ୍ କଲୋନିର ବ୍ରହ୍ମେଶ୍ୱରପାଟଣାସ୍ଥିତ ସମ୍ପର୍କୀୟଙ୍କ ଘର, ନୂଆପଡାସ୍ଥିତ ସରକାରୀ କ୍ୱାର୍ଟର, ଭୁବନେଶ୍ୱର କେଦାର ଲେନ୍ସ୍ଥିତ ସହଯୋଗୀଙ୍କ ଘର ଏବଂ ପୁରୁଣା ଭୁବନେଶ୍ୱର ଗ୍ୟାରେଜ ଛକସ୍ଥିତ ଅନ୍ୟଜଣେ ସମ୍ପର୍କୀୟଙ୍କ ଘର ଆଦି ରହିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ଙ୍କ କୋର୍ଟ ପକ୍ଷରୁ ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଏହି ଚଢ଼ାଉ ଓ ଯାଞ୍ଚ କରାଯାଇଛି। ସନ୍ଧ୍ୟାସୁଦ୍ଧା ସୁଶାନ୍ତଙ୍କ ବହୁ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ଭିଜିଲାନ୍ସ ଠାବ କରିଛି।

ଭିଜିଲାନ୍ସର ତଥ୍ୟ ଅନୁଯାୟୀ, ସୁଶାନ୍ତଙ୍କର ଭୁବନେଶ୍ୱର ଲିଙ୍ଗିପୁର ଗଙ୍ଗୋତ୍ରୀନଗରସ୍ଥିତ ପ୍ଲଟ୍ ନଂ.୧୦ରେ ୬୫୦୦ ବର୍ଗଫୁଟରେ ଏକ ୩ ମହଲା କୋଠା ଓ ପ୍ଲଟ୍ ନଂ.୧୦/୩୯୨୦ରେ ପ୍ରାୟ ୧୫୦୦ ବର୍ଗଫୁଟରେ ଏକ ନିର୍ମାଣାଧୀନ କୋଠା ରହିଛି। ସେହିପରି ପୁରୀ ଜିଲା ପିପିଲି ବିଲିପଡାସ୍ଥିତ ପ୍ଲଟ୍ ନଂ. ୭୪୯ରେ ୧ ଏକର ଜାଗାରେ ଗୋଟିଏ ଫାର୍ମ ହାଉସ୍ ଓ ବିଭିନ୍ନ ସ୍ଥାନରେ ୯ଟି ମୂଲ୍ୟବାନ୍ ପ୍ଲଟ୍ ଠାବ ହୋଇଛି। ଭୁବନେଶ୍ୱରରେ ୩ଟି, ପିପିଲିରେ ୫ଟି ଏବଂ ରାୟଗଡା ଟାଉନ୍ରେ ଗୋଟିଏ ପ୍ଲଟ୍ ରହିଛି। ରେଜିଷ୍ଟର୍ ସେଲ୍ ଡିଡ୍ ଅନୁଯାୟୀ ପ୍ଲଟ୍ଗୁଡ଼ିକର ଦର ୧.୦୧ କୋଟି ରହିଛି। ହେଲେ ଏସବୁର ପ୍ରକୃତ ମୂଲ୍ୟ ଅଧିକ ହେବ। ଭିଜିଲାନ୍ସ ଟେକ୍ନିକାଲ ୱିଙ୍ଗ୍ ପକ୍ଷରୁ କୋଠା, ପ୍ଲଟ୍, ଫାର୍ମ ହାଉସ୍ର ମୂଲ୍ୟ ହିସାବ କରାଯାଉଛି। ସେହିପରି ସୁଶାନ୍ତଙ୍କ ଘରୁ ୧୦୦ ଗ୍ରାମର ସୁନା ଅଳଙ୍କାର, ଗୋଟିଏ କିଆ କାରେନ୍ସ କାର୍, ୫ଟି ଦୁଇ ଚକିଆ ଯାନ, ଗୋଟିଏ ବେନାମି କାର୍ (ମାରୁତି ବ୍ରିଜା) ଏବଂ ୧୦ ଲକ୍ଷ ଟଙ୍କାର ଘରୋଇ ଉପକରଣ ଠାବ ହୋଇଛି। ଏଥିସହ ସୁଶାନ୍ତଙ୍କ ବ୍ୟାଙ୍କ ଓ ଜୀବନବୀମା ଜମା ୫୫ ଲକ୍ଷ ଟଙ୍କା ଥିବା ଭିଜିଲାନ୍ସ ଟିମ୍ ଜାଣିବାକୁ ପାଇଛି। ଭିଜିଲାନ୍ସ ଟିମ୍ ସୁଶାନ୍ତଙ୍କୁ ତାଙ୍କ ବିପୁଳ ସମ୍ପତ୍ତିର ଉତ୍ସ ସଂକ୍ରାନ୍ତରେ ଅଧିକ ପଚରାଉଚରା କରୁଛି। ଯାଞ୍ଚ ଜାରି ରହିଥିବାରୁ ଆହୁରି ସମ୍ପତ୍ତି ଠାବ ହେବ ବୋଲି ସନ୍ଦେହ କରାଯାଉଛି। ସୁଶାନ୍ତ ୨୦୦୪ ଫେବୃଆରୀ ୧୬ରେ କନିଷ୍ଠ ଯନ୍ତ୍ରୀ (ଠିକା) ଭାବେ ସରକାରୀ ସେବାରେ ଯୋଗଦେଇଥିଲେ। ୨୦୧୧ ମାର୍ଚ୍ଚ ୧୫ରେ ସେ କନିଷ୍ଠ ଯନ୍ତ୍ରୀ ଭାବେ ନିୟମିତ ହୋଇ ଆର୍ଆଣ୍ଡବି ରାୟଗଡା ପ୍ରକଳ୍ପ ବିଭାଜନ ନିର୍ବାହୀ ଯନ୍ତ୍ରୀଙ୍କ ଅଫିସରେ ଅବସ୍ଥାପିତ ହୋଇଥିଲେ। ଏହାପରେ ସୁଶାନ୍ତ କନିଷ୍ଠ ଯନ୍ତ୍ରୀ ଭାବେ ଅନୁଗୋଳ ଏବଂ ଖରିଆର୍ (ନୂଆପଡା) ଆର୍ଆଣ୍ଡବି ଡିଭିଜନ୍ରେ କାର୍ଯ୍ୟ କରିଥିଲେ। ୨୦୨୩ ସେପ୍ଟେମ୍ବର ୬ରୁ ସେ ନୂଆପଡା ଆର୍ଆଣ୍ଡବିରେ କାର୍ଯ୍ୟ କରି ଆସୁଥିଲେ।

# ୨୮ ବର୍ଷ ପରେ ମିଳୁନି ଜମିପଟ୍ଟା, ଘରଡିହ


ଭାଲୁଚୁଆଁ ଗ୍ରାମରେ ରହୁଥିବା ଆଦିବାସୀମାନେ।

**ସବୁଦିନିଆ ରାସ୍ତା ଗ୍ରାମବାସୀଙ୍କ ପାଇଁ ସ୍ୱପ୍ନ**

**ଭବାନୀପାଟଣା, ୨୩ା୫ (ଉତ୍ତମ କୁମାର ଦାଶ)**

ସରକାର ଗରିବ ଆଦିବାସୀମାନଙ୍କ ଉନ୍ନତି ନିମନ୍ତେ ବିଭିନ୍ନ ଯୋଜନା କରିଛନ୍ତି। ହେଲେ ସେହି ଯୋଜନା ଅଦ୍ୟାବଧି ସେମାନଙ୍କ ପାଖରେ ଅପହଞ୍ଚ ହୋଇରହିଛି। ତିନି ଦଶନ୍ଧି ଧରି ବସବାସ ପରେ ମଧ୍ୟ ସେମାନଙ୍କୁ ଜମିପଟ୍ଟା କିମ୍ବା ଘରଡିହ ମିଳିପାରି ନାହିଁ। ସବୁଦିନିଆ ରାସ୍ତା ଗ୍ରାମବାସୀଙ୍କ ପାଇଁ ଦିବାସ୍ୱପ୍ନ ପାଲଟିଛି। ଏଭଳି ଉଦାହରଣ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଦୁର୍ଗମ ଅଞ୍ଚଳ ବୁଢ଼ୀଦର ପଞ୍ଚାୟତର ପାହାଡ଼ ଉପରେ ଥିବା ବେହେରାଗୁଡା ଗ୍ରାମରେ।

ଏହି ଗ୍ରାମରେ ୧୫ ଆଦିବାସୀ ପରିବାର ବହୁବର୍ଷ ପୂର୍ବେ ବାଙ୍କପଲାସ ପଞ୍ଚାୟତ ଅନ୍ତର୍ଗତ ସାନଟିକ୍ରାଗୁଡା ଡରାଯୋର ଗ୍ରାମକୁ ଆସି ବସବାସ କଲେ। ସେଠାରେ ପ୍ରାୟ ୧୩ ବର୍ଷ ବସବାସ କଲା ପରେ ବନ ବିଭାଗ ପକ୍ଷରୁ ଏହି ୧୫ ଆଦିବାସୀ ପରିବାରକୁ ଉଠାଇ ଦେଇ ରତନପଲା ଗ୍ରାମ ନିକଟ ଭାଲୁଚୁଆଁଠାରେ ଥିବା ସରକାରୀ ଜମିରେ ବସବାସ କରିବାକୁ କୁହାଗଲା। ଫଳରେ ସେହି ଦିନଠାରୁ ଏହି ଆଦିବାସୀମାନେ ଭାଲୁଚୁଆଁଠାରେ ଦୀର୍ଘ ୨୮ ବର୍ଷ ହେଲା ବସବାସ କରିଆସୁଛନ୍ତି। ସରକାରୀ ଜମିରେ ବସବାସ କରୁଥିବା ଲୋକଙ୍କୁ ରାଜ୍ୟ ସରକାର ତୁରନ୍ତ ପଟ୍ଟା ପ୍ରଦାନ କରିବା ପାଇଁ କହୁଥିବା ବେଳେ ପ୍ରଶାସନ ପକ୍ଷରୁ ଏମାନଙ୍କୁ ଅଣଦେଖା କରାଯାଉଛି। ଫଳରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ନିରୀହ ଆଦିବାସୀ। ଆଉ କେତେବର୍ଷ ରହିବା ପରେ ସେମାନଙ୍କୁ ସରକାରୀ ଯୋଜନାରେ ସାମିଲ କରାଯିବ ବୋଲି ଆଦିବାସୀମାନେ ପ୍ରଶ୍ନ କରିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଶୀଘ୍ର ଆମକୁ ଆମ ଜାଗାର ପଟ୍ଟା ପ୍ରଦାନ କରନ୍ତୁ ବୋଲି ଗ୍ରାମର ରଜନୀ ମାଝୀ, କ୍ରିଷ୍ଣା ମାଝୀ, ସାନୁ ମାଝୀ, ସାଏବନୀ ମାଝୀ ପ୍ରମୁଖ ପ୍ରକାଶ କରିଛନ୍ତି।

## ମରଣଯନ୍ତା ପାଲଟିଛି ସିଙ୍ଗାରି ଘାଟି ରାସ୍ତା

**ଥୁଆମୂଳ ରାମପୁର, ୨୩ା୫ (ଦୁର୍ଗା କୀର୍ତ୍ତି)**

କଳାହାଣ୍ଡି ଜିଲା କଳମପୁର-ଥୁଆମୂଳ ରାମପୁର ମୁଖ୍ୟରାସ୍ତାର ସିଙ୍ଗାରି ଘାଟି ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଥୁଆମୂଳ ରାମପୁର ବ୍ଲକବାସୀଙ୍କ ପାଇଁ ଜୀବନରେଖା ସାଜିଥିବା ଏହି ରାସ୍ତା ବର୍ତ୍ତମାନ ମରଣଯନ୍ତା ପାଲଟିଛି। ରାସ୍ତାର ଉନ୍ନତୀକରଣ ତଥା ମରାମତି ପାଇଁ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବା ସତ୍ତ୍ୱେ ସୁଫଳ ମିଳିନାହିଁ। ଏହି ରାସ୍ତା ଦେଇ ନେତା, ମନ୍ତ୍ରୀଠାରୁ ଆରମ୍ଭ କରି ସ୍ଥାନୀୟ ଲୋକ ପ୍ରତିନିଧି ବ୍ଲକ ପରିଦର୍ଶନରେ ଆସୁଥିଲେ ମଧ୍ୟ ଏଥିପ୍ରତି ଦୃଷ୍ଟି ନ ପଡିବା ଦୁର୍ଭାଗ୍ୟଜନକ ବୋଲି ସାଧାରଣରେ ଅଭିଯୋଗ ହେଉଛି। ନିୟମିତ ଭାରିଯାନ ଚଳାଚଳ ଯୋଗୁ ସିଙ୍ଗାରି ଘାଟି ରାସ୍ତା ବେହାଲ ହୋଇପଡିଛି। ପୂର୍ତ୍ତ ବିଭାଗ ପକ୍ଷରୁ ପ୍ରତିବର୍ଷ ମରାମତି ନାଁରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ୍ୟ ରାସ୍ତା ଅବସ୍ଥାରେ ପରିବର୍ତ୍ତନ ଦେଖିବାକୁ ମିଳୁନାହିଁ। ସୁରକ୍ଷା ଦୃଷ୍ଟିରୁ ରାସ୍ତାର ଉଭୟ ପାର୍ଶ୍ୱରେ ସୁରକ୍ଷା ବାଡ଼ ଓ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ବର୍ଷା ସମୟରେ ପାହାଡରୁ ଖସୁଥିବା ପାଣି ରାସ୍ତାକୁ ଧୋଇ ନେଉଛି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ କନିଷ୍ଠଯନ୍ତ୍ରୀ ମିନିକେତନ କାର୍ଜିଙ୍କୁ ପଚାରିବାରୁ ବର୍ତ୍ତମାନ ସୁଦ୍ଧା ଟେଣ୍ଡର କି ସର୍ଭେ ହୋଇନାହିଁ। ଏଠାରେ ଜଙ୍ଗଲ ବିଭାଗର ମୁଖ୍ୟ ଭୂମିକା ରହିଛି। ସେମାନେ ଯେ ପର୍ଯ୍ୟନ୍ତ ଉକ୍ତ ଘାଟି ରାସ୍ତାର ସର୍ଭେ କରି ନାହାନ୍ତି କିମ୍ବା କରିବାକୁ ଦେଇନାହାନ୍ତି ସେ ପର୍ଯ୍ୟନ୍ତ କିଛି ହୋଇପାରିବ ନାହିଁ। ଏହା ରିଜର୍ଭ ଏରିଆ ହୋଇଥିବାରୁ ଆମକୁ ଅନୁମତି ଦେଲେ କିଛି କରିହେବ ବୋଲି କହିଛନ୍ତି।


ଶୋଚନୀୟ ହୋଇପଡିଥିବା ସିଙ୍ଗାରି ଘାଟି ରାସ୍ତା।

## ଜିଲା ସାଥୀ ୟୁନିଟର ପ୍ରଥମ ପ୍ରଶିକ୍ଷଣ ଶିବିର


ଶିବିରରେ ଯୋଗଦେଇଥିବା ଅଧିକାରୀମାନେ।

**ନୂଆପଡ଼ା, ୨୩ା୫ (ମକାରୁ ବେମାଲ)**

ସ୍ଥାନୀୟ ସଦ୍ଭାବନା ସଭାଗୃହଠାରେ ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଶୁକ୍ରବାର ଜିଲାର ଅନାଥ ଓ ଅସହାୟ ଶିଶୁମାନଙ୍କୁ ଆଧାର କାର୍ଡ ପ୍ରଦାନ ପାଇଁ ସଂଗଠିତ ଜିଲା ସାଥୀ ୟୁନିଟର ପ୍ରଥମ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲା ଆଇନସେବା ପ୍ରାଧିକରଣ ସଚିବ ତଥା ସାଥୀ ୟୁନିଟ ଅଧ୍ୟକ୍ଷ ନବନୀତା ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଏତ, ଜିଲା ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଳା ରେଡ୍ଡୀ ରାଘବେନ୍ଦ୍ର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ଜିଲା ସମାଜ ମଙ୍ଗଳ ଅଧିକାରୀ ସଙ୍ଗିତା ପାତ୍ର, ଉତ୍କଳ ବାଳାଶ୍ରମ ଅଧୀକ୍ଷକ, ପାନେଲ ଓକିଲ ଓ ଆଇନସେବା ପ୍ରାଧିକରଣ ଅଧିକାରୀ ମିତ୍ରଗଣ ଉପସ୍ଥିତ ରହି ଏହି ଅଭିଯାନର ସଫଳ ରୂପରେଖ ପ୍ରସ୍ତୁତ କରିଥିଲେ । ଏହି ଅଭିଯାନର ବୃହତ ସଫଳତା ପାଇଁ ସମସ୍ତଙ୍କୁ ମିଳିମିଶି ପରିଶ୍ରମ କରିବାକୁ ସାଥୀ ୟୁନିଟ ଅଧ୍ୟକ୍ଷା ଦାଶ ଆହ୍ୱାନ କରିଥିଲେ। ଏହି ଅଭିଯାନ ମେ ୨୫ରୁ ଅଗଷ୍ଟ ୧୫ ଯାଏ ଚାଲିବ । ଏଥିରେ ଜିଲାର ସମସ୍ତ ଅନାଥ ଓ ଅସହାୟ ଶିଶୁ ଯେଉଁମାନେ ଆଧାର କାର୍ଡ ପାଇ ନାହାନ୍ତି ସେମାନଙ୍କୁ ଚିହ୍ନଟ କରି ସ୍ୱତନ୍ତ୍ର କ୍ୟାମ୍ପ ମାଧ୍ୟମରେ ଆଧାର କାର୍ଡ ପ୍ରଦାନ କରାଯିବ ବୋଲି ଅଧ୍ୟକ୍ଷା ଦାଶ ସୂଚନା ଦେଇଛନ୍ତି ।

## ବରଗାଁରେ ରବି ଧାନ ମଣ୍ଡି ଶୁଭାରମ୍ଭ

**ଖଡ଼ିଆଳ, ୨୩ା୫ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ବରଗାଁଠାରେ ରବି ଧାନ ସଂଗ୍ରହ ପାଇଁ ଶୁକ୍ରବାର ମଣ୍ଡି ଶୁଭାରମ୍ଭ ହୋଇଛି। ବରଗାଁ ପାକ୍ସ ସଭାପତି ସତ୍ୟପ୍ରିୟ ମୁଣ୍ଡ ଏହାକୁ ଉଦ୍ଘାଟନ କରି ମଣ୍ଡିରେ ଚାଷୀଙ୍କୁ ସବୁପ୍ରକାର ସୁବିଧାସୁଯୋଗ ଦିଆଯିବ ବୋଲି କହିଥିଲେ। ଏହି ମଣ୍ଡିରେ ୪୩୧ ଜଣ ଚାଷୀ ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୧୨,୮୯୨ କୁଇଣ୍ଟାଲ ଧାନ ବିକ୍ରି ପାଇଁ ବ୍ୟବସ୍ଥା ରହିଛି। ବଂଶଲ ଆଗ୍ରୋ, ଶ୍ରୀ କ୍ରିଷ୍ଣା ଓ ଗୁରୁ ଗୋବିନ୍ଦ ମିଲର୍ସ ଧାନ କିଣିବା ପାଇଁ ଦାୟିତ୍ୱ ନେଇଛନ୍ତି। ଆର୍ଏମ୍ସି ତରଫରୁ ଚାଷୀଙ୍କ ପାଇଁ ସବୁ ପ୍ରକାର ସୁବିଧା କରାଯାଉଥିବା ପାକ୍ସ ସଭାପତି ଓ ସମ୍ପାଦକ କହିଛନ୍ତି। କାର୍ଯ୍ୟକ୍ରମରେ ପାକ୍ସ ସମ୍ପାଦକ ଭାଗୀରଥି ପଟେଲ, ବରିଷ୍ଠ ଚାଷୀ ମକରଧ୍ୱଜ ରଣାଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

## ଭାରତୀୟ ସୈନିକଙ୍କୁ ସମ୍ମାନ ଜଣାଇ ତ୍ରିରଙ୍ଗା ଶୋଭାଯାତ୍ରା

**ନୂଆପଡ଼ା, ୨୩ା୫ (ମକାରୁ ବେମାଲ)**

ପହଲଗାମ୍ ଘଟଣାରେ ଭାରତୀୟ ସୈନିକଙ୍କୁ ସମ୍ମାନ ଜଣାଇ ଶୁକ୍ରବାର ନୂଆପଡ଼ାରେ ଭାରତୀୟ ଜନତା ପାର୍ଟି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ କୁମାର ପାଢୀଙ୍କ ନେତୃତ୍ୱରେ ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ବର୍ଗର ସହସ୍ରାଧିକ ଜନସାଧାରଣ ସାମିଲ ହୋଇଥିଲେ। କୋମନା ବ୍ଲକ ଛକଠାରୁ ଶୋଭାଯାତ୍ରା ବାହାରି ସଦର ଶ୍ରୀରାମ ଛକ ଦେଇ ଏକତା ଛକଠାରେ ପହଞ୍ଚିଥିଲା। ସେଠାରେ ସ୍ୱର୍ଗତ ଘାସିରାମ ମାଝିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୋଲିସ ପଡିଆ କଲ୍ୟାଣ ମଣ୍ଡପଠାରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯଦୁମଣି ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ଏସ୍ସି ମୋର୍ଚ୍ଚା ଉପସଭାପତି ମନିଜର ଆର୍ଯ୍ୟ, ଜିଲା ଏସ୍ସି ମୋର୍ଚ୍ଚା ସଭାପତି ଦୃଷ୍ଟି ମାଝି, ଜିଲା ସମ୍ପାଦକ ଭଗତ ସିଂ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଲୋହିତ ଶବର, ସରପଞ୍ଚ ମୃତ୍ୟୁଞ୍ଜୟ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଦେଶର ସମ୍ମାନ ଓ ସ୍ୱାଭିମାନ ରକ୍ଷା କରୁଥିବା ସୈନ୍ୟବାହିନୀଙ୍କ ସହ ଦେଶର ଜନତାଙ୍କ ସମର୍ଥନ ରହିଛି ବୋଲି କହିଥିଲେ।


ବାଇକ୍ ରାଲିରେ ସାମିଲ ଦଳୀୟ କର୍ମକର୍ତ୍ତା।

## ପରିବେଶ ନିରୀକ୍ଷଣ ସମିତି ବୈଠକ

**ନୂଆପଡ଼ା, ୨୩ା୫ (ମକାରୁ ବେମାଲ):** ନୂଆପଡ଼ା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ଜିଲା ପରିବେଶ ନିରୀକ୍ଷଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତା ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବଲାଙ୍ଗୀର ଶାଖା ଆଞ୍ଚଳିକ ଅଧିକାରୀ ବବିତା ସିଂଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ସୁନାବେଡ଼ା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ମହାଦେବ ବୁଡାଇକ, ଡେପୁଟି ଡାଇରେକ୍ଟର (ମାଇନ୍ସ) ବିଶ୍ୱନାଥ ସୋରେନ, ମାଇନିଂ ଅଫିସର ଜୟନ୍ତ ଗଡତିଆ ପ୍ରମୁଖ ଯୋଗଦେଇଥିଲେ। ଆଞ୍ଚଳିକ ଅଧିକାରୀ ସିଂ ଜିଲାରେ ଦେଖାଦେଉଥିବା ପ୍ରଦୂଷଣ ଉପରେ ଆଲୋଚନାକରି ସମାଧାନର ରାସ୍ତା ବାହାର କରିବା ପାଇଁ ଜିଲା ପ୍ରଶାସନର ସାହାଯ୍ୟ ଲୋଡ଼ିଥିଲେ। ଜିଲାରେ ବିଭିନ୍ନ କଳକାରଖାନା ଗଢିଉଠିଥିବାରୁ ଏଥିଯୋଗୁ ହେଉଥିବା ପ୍ରଦୂଷଣ ଉପରେ ତୀକ୍ଷ୍ଣ ନଜର ରଖି ସମାଧାନ କରିବା ପାଇଁ ଜିଲାପାଳ କହିଥିଲେ।

# ସ୍ୱାବଲମ୍ବୀ କରିଛି ମାଣ୍ଡିଆ ଚାଷ

**କୋକସରା, ୨୩ା୫ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**



ମାଣ୍ଡିଆ ଚାଷୀଙ୍କ ସହ ଏନ୍ଜିଓ ସଦସ୍ୟ କ୍ଷେତରେ କ୍ରପ କଟିଂ କରୁଛନ୍ତି।

ପୂର୍ବ ବିଜେଡି ସରକାର ମାଣ୍ଡିଆ ଚାଷକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ମିଲେଟ ମିଶନ ଯୋଜନା ଆରମ୍ଭ କରିଥିଲେ। ସରକାର ପରିବର୍ତ୍ତନ ହେବା ପରେ ମିଲେଟ ମିଶନ ଶ୍ରୀ ଅନ୍ନ ଅଭିଯାନ ଯୋଜନାରେ ରୂପାନ୍ତରିତ ହୋଇଛି। ଏହି ଯୋଜନାରେ ରାଜ୍ୟର ପ୍ରତି ବ୍ଲକରେ ଚାଷୀଙ୍କୁ ମାଣ୍ଡିଆ ଚାଷର ଉପାଦେୟତା ଓ ମାଣ୍ଡିଆରେ ରହିଥିବା ଗୁଣବତ୍ତା ସମ୍ପର୍କରେ ଅବଗତ କରିବା ପାଇଁ ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ବ୍ଲକ କୃଷି ବିଭାଗ ଦ୍ୱାରା ବିଭିନ୍ନ ଏନଜିଓ ସଂସ୍ଥାକୁ ନିୟୋଜିତ କରାଯାଇଛି। କୋକସରା ବ୍ଲକରେ ଦ ହ୍ୟୁମାନ ଡେଭଲପମେଣ୍ଟ ସଂସ୍ଥାକୁ ଚାଷୀଙ୍କୁ ସଚେତନ ଓ ଚାଷ ପାଇଁ ଆନୁଷଙ୍ଗିକ ବଜାର ବ୍ୟବସ୍ଥା ଦାୟିତ୍ୱ ଦିଆଯାଇଛି। ଚଳିତ ରବି ଋତୁ ମାଣ୍ଡିଆ ଚାଷ ପାଇଁ ବ୍ଲକର ବଡ଼ ପୋଡାଗୁଡା, ଗୋତମୁଣ୍ଡା, ମହିମା, କାଉଡୋଳା ଓ ଆମପାଣି ପଞ୍ଚାୟତରେ ୧୫ ହେକ୍ଟର ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରହିଥିବା ବେଳେ ୫ ପଞ୍ଚାୟତର ୨୨ ଚାଷୀ ୮ ହେକ୍ଟର ଜମିରେ ମାଣ୍ଡିଆ ଚାଷ କରିଥିବା ସଂସ୍ଥା ପକ୍ଷରୁ ଜଣାପଡ଼ିଛି। ଶୁକ୍ରବାର ଆମପାଣି ପଞ୍ଚାୟତ ଭାଳିଆଯୋର ଗ୍ରାମର ଚାଷୀ ବନସିଂ ଧଙ୍ଗଡା ମାଝୀଙ୍କ ମାଣ୍ଡିଆ ଚାଷଜମିରେ ସଂସ୍ଥା ପକ୍ଷରୁ କ୍ରପ କଟିଂ କରାଯାଇଛି। ଏହି ପରିପ୍ରେକ୍ଷୀରେ ସଂସ୍ଥାର ବିପିସି ସୁରେନ୍ଦ୍ର ଜୁଏଡ଼, ସିଆର୍ପି ଗୋକୁଳ ଧ. ମାଝୀ, ସୁଶିଲ ଭାଟି, ହେମାଙ୍ଗିନି ହଂସ, ସିଇଓ ଆଭାସ ରଞ୍ଜନ ପାଙ୍ଗଯୋଷୀ ସମେତ ଚାଷୀମାନେ ଉପସ୍ଥିତ ଥିଲେ। ହ୍ୟୁମାନ ଡେଭଲପମେଣ୍ଟ ସଂସ୍ଥା ମାଣ୍ଡିଆ ଚାଷ କରିବା ପାଇଁ ଚାଷୀଙ୍କୁ ସଚେତନ ଓ ପ୍ରୋତ୍ସାହିତ କରୁଥିବା ନେଇ ଚାଷୀମାନେ କହିବା ସହ ମାଣ୍ଡିଆ ଚାଷ କରି ସେମାନେ ରୋଜଗାରକ୍ଷମ ଓ ସ୍ୱାବଲମ୍ବୀ ହୋଇପାରିଥିବା ଚାଷୀମାନେ ପ୍ରକାଶ କରିଛନ୍ତି।

# ଜରୁରିକାଳୀନ ପରିସ୍ଥିତିର ମୁକାବିଲାକୁ ଗୁରୁତ୍ୱ

## ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

ବରଗଡ଼,୨୩।୫(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଶୁକ୍ରବାର ଆଗାମୀ ବର୍ଷା ଋତୁରେ ବନ୍ୟା, ବାତ୍ୟା ଭଳି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା କରିବା ସହିତ ଶୂନ୍ୟ ମୃତ୍ୟୁ ସୁନିଶ୍ଚିତ କରିବା ପାଇଁ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଜିଲାପାଳ ଆଦିତ୍ୟ ଗୋୟଲ ଅଧ୍ୟକ୍ଷତା କରିଥିଲେ। ବୈଠକରେ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ପଦମପୁର ବିଧାୟିକା ବର୍ଷା ସିଂ ବରିହା, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ପୌରାଧ୍ୟକ୍ଷା କଳ୍ପନା ମାଝୀ, ବରଗଡ଼ ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର, ପଦମପୁର ଅତିରିକ୍ତ ଜିଲାପାଳ କୃଣାଲ ମୋତିରାମ ଚୌହାନ, ବରଗଡ଼ ଉପଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ଅଗ୍ନିଶମ, ଓଡ୍ରାଫ, ଜଙ୍ଗଲ ଓ ପରିବେଶ ଭିଭାଗ ଅଧିକାରୀ, ସମସ୍ତ ବିଡ଼ିଓ, ତହସିଲଦାର ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ଏବଂ ବନ୍ୟା, ବାତ୍ୟାର ମୁକାବିଲା ନିମନ୍ତେ ଆଗୁଆ ପଦକ୍ଷେପ ନେବା ସହ ଏହାର ସୁପରିଚାଳନା ପାଇଁ ବିଭାଗୀୟ ଅଧିକାରୀ ତଥା କ୍ଷେତ୍ର କର୍ମଚାରୀମାନେ ସଜାଗ ରହିବା, ଜିଲାର ବନ୍ୟା ପ୍ରବଣ ଅଞ୍ଚଳ ତଥା ତଳି ଅଞ୍ଚଳ ଗୁଡିକରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିରେ ଉଦ୍ଧାର ଓ ଥଇଥାନ କରିବା ନିମନ୍ତେ ଅସ୍ଥାୟୀ ଆଶ୍ରୟସ୍ଥଳୀ ଗୁଡିକ ଚିହ୍ନଟ କରି ପ୍ରସ୍ତୁତ ରଖିବା ଏବଂ ପାଣି ଜମି ରହୁଥିବା ସ୍ଥାନ ଗୁଡିକୁ ଚିହ୍ନଟ କରି ଶୀଘ୍ର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବା,ବର୍ଷା ପୂର୍ବରୁ ସମସ୍ତ ନାଲା ଗୁଡିକୁ ସଫା କରିବା, ସୁବ୍ୟବସ୍ଥିତ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସହିତ ନିୟମିତ ସମୟ ବ୍ୟବଧାନରେ ସମସ୍ତ ନଳକୂପ, ପାଇପ ଜଳ ଯୋଗାଣ, କୂପ ଆଦିକୁ ବିଶୁଦ୍ଧକରଣ କରିବା, ଜିଲାରେ ଥିବା ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ତଥା ଜିଲା ଓ ଉପଖଣ୍ଡ ଚିକିତ୍ସାଳୟ ଗୁଡିକରେ ଆବଶ୍ୟକ ପରିମାଣର ଔଷଧ, ହାଲୋଜେନ ବଟିକା, ବ୍ଲିଚିଂ ପାଉଡର ଆଦି ମହଜୁଦ କରି ରଖିବା ସହ ପରିମଳ ନିମନ୍ତେ ଆଗୁଆ ପଦକ୍ଷେପ ଗ୍ରହଣ କରିବା, ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକରେ ସାପ କାମୁଡ଼ା ଇଞ୍ଜେକସନ ଉପଲବ୍ଧ କରିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାର ବିଭିନ୍ନ ଜଳସେଚନ ପ୍ରକଳ୍ପ ଓ ନଦୀବନ୍ଧ ଗୁଡିକର ବନ୍ୟା ପ୍ରବଣ ସ୍ଥାନ ଚିହ୍ନଟ କରି ଆବଶ୍ୟକ ପ୍ରତିକାର ଗ୍ରହଣ କରିବା, ବନ୍ୟା ପ୍ରବଣ ଅଞ୍ଚଳ ଏବଂ ଦୁର୍ଗମ ଅଞ୍ଚଳରେ ଅତ୍ୟାବଶ୍ୟକ ସାମଗ୍ରୀ ଯଥା ଚୂଡା, ଚାଉଳ, କିରୋସିନ, ଦିଆସିଲି, ମହମବତୀ ଆଦି ସାମଗ୍ରୀ ଯଥେଷ୍ଟ ପରିମାଣରେ ମହଜୁଦ କରି ରଖିବା, ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ତଥା ପରିମଳ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା, ପୌର ପରିଷଦ ଏବଂ ଏନ୍ଏସି ଅନ୍ତର୍ଗତ ସମସ୍ତ ୱାର୍ଡ, ବସ୍ତିରେ ଥିବା ନାଳ ଗୁଡିକୁ ଶୀଘ୍ର ସଫେଇ କରିବାକୁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ସମ୍ଭାବ୍ୟ ବନ୍ୟା, ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପ୍ରାଣୀ ସମ୍ପଦର ସୁରକ୍ଷା ନିମନ୍ତେ ଆଗୁଆ କାର୍ଯ୍ୟଖସଡା ପ୍ରସ୍ତୁତ କରିବା ସହ ପର୍ଯ୍ୟାପ୍ତ ପରିମାଣରେ ଆବଶ୍ୟକ ଔଷଧ ରଖିବା ଓ ଟିକାକରଣ କରିବାକୁ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ (ସିଡିଭିଓ)ଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ । ଜିଲାରେ ପାନୀୟଜଳ ଯୋଗାଣ, ପ୍ରଚୁର ପରିମାଣର ଖାଦ୍ୟ, ଔଷଧ, ଓଆରଏସ ମହଜୁଦ ରଖି ଜରୁରୀ କାଳୀନ ପରିସ୍ଥିତିର ମୁକାବିଲା କରିବା ପାଇଁ ଜିଲାପାଳ କହିଥିଲେ। ଅତିରିକ୍ତ ଜିଲାପାଳ ମହାପାତ୍ର ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ, ବନ୍ୟା ଓ ବାତ୍ୟାର ମୁକାବିଲା ନିମନ୍ତେ ଜିଲାରେ ପ୍ରାକ ପ୍ରସ୍ତୁତି ଓ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ସୂଚନା ଦେବା ସହ ବୈଠକରେ ଆଲୋଚ୍ୟ ବିଷୟ ଉପସ୍ଥାପନା କରିଥିଲେ। ଏହା ସହିତ ଜିଲା କାର୍ଯ୍ୟାଳୟ, ଉପ ଜିଲାପାଳଙ୍କ କାର୍ଯ୍ୟାଳୟ, ସମସ୍ତ ବ୍ଲକ, ତହସିଲ ଓ ଜରୁରୀ ସେବା ଯୋଗାଉଥିବା ସମସ୍ତ କାର୍ଯ୍ୟାଳୟ ଗୁଡିକରେ ଖୋଲାଯାଇଥିବା କଣ୍ଟ୍ରୋଲ ରୁମଗୁଡିକୁ ଠିକ ଭାବେ ପରିଚାଳନା କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଏତଦବ୍ୟତୀତ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ, ବନ୍ୟା, ବାତ୍ୟାର ମୁକାବିଲା ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀ ନିଜ ନିଜ ବିଭାଗର ପ୍ରସ୍ତୁତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ।



ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକରେ ମଞ୍ଚାସୀନ ଲୋକ ପ୍ରତିନିଧି ଏବଂ ଅଧିକାରୀବୃନ୍ଦ।

# ୨ ଆନ୍ତଃରାଜ୍ୟ ବ୍ୟବସାୟୀଙ୍କ ସମେତ ୧୧ ଗିରଫ

- ୨୩୭ କିଲୋ ଗଞ୍ଜେଇ ଜବତ
- ବାଳସୁଧାର ଗୃହ ଗଲେ ନାବାଳକ

ବୌଦ୍ଧ,୨୩।୫(ଅଜିତ କୁମାର ବାରିକ୍)

ବୌଦ୍ଧ ପୋଲିସ ପକ୍ଷରୁ ଜିଲାରେ ଗଞ୍ଜେଇ ବ୍ୟବସାୟକୁ ସମୂଳେ ନାଶ କରିବା ପାଇଁ ଅପରେଶନ କ୍ଲିନ ଆରମ୍ଭ ହୋଇଛି। ଗତ ଚାରିଦିନ ଭିତରେ ବୌଦ୍ଧ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୨୩୭ କିଲୋରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ କରାଯାଇଛି। ଏହି ମାମଲାରେ ଦୁଇଜଣ ଆନ୍ତଃରାଜ୍ୟ ବ୍ୟବସାୟୀଙ୍କ ସମେତ ୧୧ ଜଣ ଗିରଫ ହୋଇଛନ୍ତି। ସମସ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ଜଣେ ନାବାଳକଙ୍କୁ ବାଳ ସୁଧାର ଗୃହକୁ ପଠାଯାଇଛି। ଗଞ୍ଜେଇ ବ୍ୟବସାୟର ଚେର ବୌଦ୍ଧରୁ ପଶ୍ଚିମବଙ୍ଗ ଯାଏ ଲମ୍ବିଥିବା ନେଇ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଲରେନ ରାଉତରାୟ ସୂଚନା ଦେଇଛନ୍ତି।

ପୋଲିସ ସୂଚନା ମୁତାବକ, ଗତ ୨୨ ତାରିଖରେ ବୌଦ୍ଧ ପୋଲିସ ପକ୍ଷରୁ ବୌଦ୍ଧ ବ୍ଲକ ଓଲଣ୍ଡା ଗ୍ରାମରେ ଚଢାଉ କରାଯାଇ ମେନକା ସ୍ୱାଇଁଙ୍କ ଘରୁ ୧୬୦ କିଲୋ ଗଞ୍ଜେଇ ଜବତ ହୋଇଥିଲା। ଏଥିରେ ମେନକାଙ୍କୁ ପୋଲିସ ଗିରଫ କରିଥିବା ବେଳେ ତାଙ୍କ ନାବାଳକ ପୁଅଙ୍କୁ ଧରିଥିଲା। ସେହିପରି ବୌଦ୍ଧ ଏନ୍ଏସିର ରାଜନପାଲି ପୋଖରୀର ଏକ ବୁଦା ନିକଟରେ ରହିଥିବା ଦୁଇଟି ବାଇକ୍ ସମେତ ବସ୍ତା ଭିତରେ ଥିବା ୭୦ କିଲୋ ଗଞ୍ଜେଇ ପୋଲିସ ଜବତ କରିଥିଲା। ଏହି ମାମଲାରେ ପୋଲିସ ପଶ୍ଚିମବଙ୍ଗ ୨୪ ପ୍ରଗଣା ମଧୁସୂଦନପୁର ରଥିନ ସରଦାର(୩୬) ଓ ସୁରଜିତ ନସ୍କର(୨୦), ବୌଦ୍ଧ ଥାନା ଅନ୍ତର୍ଗତ ନୂଆପାଲି ଗ୍ରାମର ରୋହିତ କୁମାର ବିଶି(୪୦), ଏରଡ଼ା ଗ୍ରାମର ଦିବ୍ୟଲୋଚନ ପ୍ରଧାନ(୩୬) ଓ ଗଣେଶ ପ୍ରଧାନ(୩୮), ଆନନ୍ଦପୁର ଗ୍ରାମର ମଳୟ ବେହେରା(୨୦) ଓ ତାଙ୍କ ସ୍ତ୍ରୀ ସାବିତ୍ରୀ ମାଝି(୨୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେହପରି ମହାନଦୀ ବ୍ରିଜ ଛକ ନିକଟରୁ ଏକ କାର୍ ଭିତରୁ ୭ କିଲୋ ଗଞ୍ଜେଇ ଜବତ କରାଯିବା ସହିତ ମାମଲାରେ ସମ୍ପୃକ୍ତ ସୁନ୍ଦରଗଡ଼ ଜିଲା ଲହୁଣିପଡାର ସୁମିତ କୁମାର ରାୟ(୨୯), ଶରଧାପୁର ଗ୍ରାମର ସୁଧିର କୁମାର ମହନ୍ତ(୩୨), ଗୁଡିଲି ଗ୍ରାମର ଗଙ୍ଗାଧର ମହନ୍ତ(୨୪)ଙ୍କୁ ଗିରଫ କରାଯାଇଛି। ପ୍ରାୟ ୨୩୭ କିଲୋ ଗଞ୍ଜେଇ ଓ ଦୁଇଟି ବାଇକ୍ ଓ ଗୋଟିଏ କାର ଜବତ କରାଯିବା ସହିତ ପୃଥକ୍ ୪ ଗୋଟି ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବୌଦ୍ଧ ଥାନାଧିକାରୀ ରିତ କୁମାର ମୁନୀ ସୂଚନା ଦେଇଛନ୍ତି।

# ଶ୍ରୀଅରବିନ୍ଦ ପାଠଚକ୍ର କର୍ମୀ ସମ୍ମିଳନୀ

ଅତାବିରା, ୨୩।୫(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ବ୍ଲକ ଲାଦରପାଲି ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ମାତୃପୁରୀଠାରେ ବ୍ଲକ ସ୍ତରୀୟ କର୍ମୀ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଆବାହକ ଚାପଧାରୀ ସିଂହ ଓ ଲଳିତା ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ସଂଯୋଜକ ଦେବରାଜ ବେହେରା, ଦେବାର୍ଚ୍ଚନ ସାହୁ, ସଭାପତି ଶେଷଦେବ ନାଏକ, ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ, ଜୟନ୍ତୀ ସିଂହ, ଅରକ୍ଷିତ ମେହେର, ସଂଗ୍ରାମ କେଶରୀ ମିଶ୍ର, ସଭାପତି ମାତୃନିଳୟ କୃଷ୍ଣଚନ୍ଦ୍ର ପ୍ରଧାନ, ସତ୍ୟବାନ ପ୍ରଧାନ, ଦିଲ୍ଲୀପ ରଣା, ରୀନା ପ୍ରଧାନ, ଶିବଶଙ୍କର ଷଣ୍ଢ ପ୍ରମୁଖ ଉପସ୍ଥିତ ଶ୍ରୀ ଅରବିନ୍ଦ ପାଠଚକ୍ରର ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଆଗାମୀ ଦିନର ଯୋଜନା ଗୁଡ଼ିକ ବିଷୟରେ ସରୋଜ କୁମାର ରଥ,ମହିଳା ପାଠଚକ୍ର ସଙ୍ଗଠନର ସଭ୍ୟ, ବିଭିନ୍ନ ପଞ୍ଚାୟତର ସଙ୍ଗଠକମାନେ ନିଜ ନିଜ ମତାମତ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମରେ ପରିଚାଳନା କମିଟିର କୋଷାଧ୍ୟକ୍ଷ ଜୟ ପ୍ରକାଶ ଅଗ୍ରୱାଲ, ସଭ୍ୟ ଭରତ ଚୌହାନ, ତଥା ଶିକ୍ଷା କେନ୍ଦ୍ରର ସମସ୍ତେ ସକ୍ରିୟ ସହଯୋଗ କରିଥିଲେ। ଅଧ୍ୟକ୍ଷ ବବ୍ରୁବାହାନ ମିଶ୍ର କୃତଜ୍ଞତା ଅର୍ପଣ କରିଥିଲେ।


ପାଠଚକ୍ରରେ ମଞ୍ଚାସୀନ ଅତିଥି।

# ମଦ ବିକ୍ରି ବନ୍ଦ ନେଇ ବୈଠକ

**ପଦ୍ମପୁର,୨୩।୫ (ପ୍ରଦୀପ୍ତ ଦାଶ):** ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ସର୍ଗିବାହାଲ ଗାଁରେ ଶୁକ୍ରବାର ମଦ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ମଦର ବହୁଳ ବ୍ୟବହାର ଯୋଗୁ ୮୦% ଆଦିବାସୀ ବହୁଳ ଗାଁ ସର୍ଗିବାହାଲରେ ଯୁବ ସମାଜ ପଥଭ୍ରଷ୍ଟ, ଅନେକ ଯୁବ ମହିଳା ବିଧବା ହୋଇ ସାରିଲେଣି। ଏଭଳି ଦୁରବସ୍ଥା ଦେଖି ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀ, ୱାର୍ଡ ମେମ୍ବର, ସମଗ୍ର ଗ୍ରାମବାସୀ ମିଳିତ ଭାବେ ବୈଠକରେ ମଦ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହାର ଅନୁଧ୍ୟାନ ପାଇଁ ଏକ କମିଟି ଗଠନ କରାଯାଇଥିଲା। ଏଥିରେ ଭାଗବତୀ ରାଉତିଆ, ଅସ୍ମିତା ରାଉତିଆ, ରିତା ମେହେର, ଦମୟନ୍ତୀ ବରିହା, ବେଲ ବରିହା, ଗୋଲାପୀ ଘିବିଲା ସଦସ୍ୟ ରହିଛନ୍ତି। ଏହି ମଦ ବିକ୍ରି ବନ୍ଦ ଅଭିଯାନକୁ ସଫଳ କରିବା ପାଇଁ ସମସ୍ତେ ସହଯୋଗ କରିବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

# ପ୍ରସ୍ତୁତିରେ ଲାଗିଛନ୍ତି ବର, କନ୍ୟା ପକ୍ଷ


ପରଭା ତିଆରି ଚାଲିଛି।


କନ୍ୟାଙ୍କ ମାତା, ପିତା।

## ବରପାଲିର ଶୀତଳଷଷ୍ଠୀ ଯାତ୍ରା

ବରପାଲି,୨୩।୫(ଚିତ୍ତରଞ୍ଜନ ସାହୁ)

ବରପାଲି ଶୀତଳଷଷ୍ଠୀ ଯାତ୍ରାର ଚଳିତବର୍ଷ ୧୪୮ତମ ବର୍ଷ। ଯାତ୍ରାକୁ ବିଗତ ବର୍ଷଠାରୁ ଅଧିକ ଆକର୍ଷଣୀୟ କରିବା ପାଇଁ ଉଭୟ ବର ଓ କନ୍ୟା ପକ୍ଷ ଲାଗିପଡ଼ିଛନ୍ତି। ରାଜବାଟୀସ୍ଥିତ ଭଣ୍ଡାର ଗୃହଠାରେ ସୁଦୃଶ୍ୟ ତୋରଣ ନିର୍ମାଣ କାର୍ଯ୍ୟ ଚାଲିବା ସହ ସହରର ବିଭିନ୍ନ ଛକ ଜାଗାରେ ମଧ୍ୟ ତୋରଣ ତିଆରି ଚାଲିଛି। ଚଳିତବର୍ଷ କନ୍ୟାପକ୍ଷ ଦାୟିତ୍ୱ ତୁଲାଉଥିବା ବରପାଲିର ଭୁଲିଆ ସମାଜର କଲ୍ୟାଣ ମଣ୍ଡପଠାରେ ହୀମାଦ୍ରି ନଗରର ବିରାଟ ତୋରଣ ନିର୍ମାଣ ଜୋର୍‌ସୋରରେ ଚାଲୁଥିବା ଦେଖିବାକୁ ମିଳିଛି। ଯାତ୍ରା କମିଟି ପକ୍ଷରୁ ବ୍ୟବହାର ହେଉଥିବା ସୁଦୃଶ୍ୟ ପରଭା(ବିମାନ) ନିର୍ମାଣ କାର୍ଯ୍ୟରେ କାରିଗରମାନେ ଲାଗିଛନ୍ତି। ଏହି ପରଭା ନିର୍ମାଣରେ ଲାଗିଥିବା କାରିଗର ଓ ତାଙ୍କ ପୂର୍ବ ପୁରୁଷମାନେ ଏହି କାର୍ଯ୍ୟକୁ ଭଗବାନ୍‌ଙ୍କ କାମ ଭାବି ବିନା ପାରିଶ୍ରମିକରେ କରୁଥିଲେ ଓ ଏବେ ମଧ୍ୟ କରୁଛନ୍ତି। ଯେପରି କି ବଡ଼ ପରଭା ନବୀନ ନାରାୟଣ ସାହୁ, ବିବାହ ପରଭା ପ୍ରଦୀପ ସାହୁ, ଭୈରବ ପରଭା ଅଜିତ ସାହୁ, ପାଲିଙ୍କି ପରଭା ବିନୋଦ ମେହେର କରୁଥିବା ବେଳେ ମୂର୍ତ୍ତି ନିର୍ମାଣରେ ନିମାଇଁ ମେହେର ଅଛନ୍ତି। ଚଳିତ ବର୍ଷର ଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଯାତ୍ରା କମିଟି ଜୋର୍‌ଦାର ଉଦ୍ୟମ ଜାରି ରଖିଛି। ଓଡ଼ିଶା ଓ ଓଡ଼ିଶା ବାହାରୁ ଉଜ୍ଜୟିନୀ, ବନାରସ, କେରଳ, ପଶ୍ଚିମ ବଙ୍ଗାଳରୁ ସାଂସ୍କୃତିକ ଦଳ ଯୋଗଦେବେ ବୋଲି ଯାତ୍ରା କମିଟି ସଭାପତି ଆନନ୍ଦ ବାବୁଙ୍କ ସୂତ୍ରରୁ ପ୍ରକାଶ। ଅନ୍ୟପକ୍ଷରେ ଭୁଲିଆ ସମାଜର ଶୈବଭକ୍ତଙ୍କ ପକ୍ଷରୁ ସସ୍ମିତା ମେହେର ଓ ସଞ୍ଜୟ ମେହେର କନ୍ୟା ମାତା-ପିତା ଦାୟିତ୍ୱ ନିର୍ବାହ କରୁଛନ୍ତି। ଯାତ୍ରା ପ୍ରସ୍ତୁତି ନେଇ କନ୍ୟାପିତା ସଞ୍ଜୟଙ୍କୁ ପଚାରିବାରୁ ଆମ ପିତୃପୁରୁଷଙ୍କ ସୁକର୍ମ ଯୋଗୁ ଆମେ ଜଗତ ଜନନୀ ମାତା ପାର୍ବତୀଙ୍କ ପିତା ମାତା ହୋଇ କନ୍ୟାଦାନ କରିବାର ସୁଯୋଗ ପାଇଛୁ। ଦୈବୀଶକ୍ତିର ଆଶୀର୍ବାଦ ନ ହେଲେ ଏପରି ସୁଯୋଗ ଆସେନାହିଁ, ଏଣୁ ଆମ ପରିବାର ବହୁତ ଆନନ୍ଦିତ ବୋଲି ସେ କହିଥିଲେ।

# ଅଶ୍ଳୀଳ, ଦ୍ୱିଅର୍ଥ ବୋଧକ ସଂକୀର୍ତ୍ତନକୁ ବିରୋଧ

## ସଂକୀର୍ତ୍ତନ ସଂସ୍କୃତିକୁ ବଞ୍ଚାଇବାକୁ ସମ୍ମିଳିତ ଉଦ୍ୟମ ଲୋଡ଼ା

ବରଗଡ଼/ଝାରବନ୍ଧ,୨୩।୫
(ପ୍ରେମାନନ୍ଦ ଖମାରୀ/ଦେବେନ୍ଦ୍ର ସାହୁ)

ବରଗଡ଼ ଜିଲା ସଂକୀର୍ତ୍ତନ ପରିଷଦ ଆନୁକୂଲ୍ୟରେ ଗୁରୁବାର ଝାରବନ୍ଧ ବ୍ଲକ ଅନ୍ତର୍ଗତ ଗଉଡ଼ମାଲ ଗ୍ରାମର ରାମ୍‌ଜୀ ମନ୍ଦିର ପ୍ରାଙ୍ଗଣରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଷଦର କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶଙ୍କ ଅଧ୍ୟକ୍ଷତା ଓ ଅବସରପ୍ରାପ୍ତ ଶିକ୍ଷକ ପ୍ରମୋଦ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ବ୍ଲକର ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀର ଗାୟକ, ବାୟକ ଓ ସଦସ୍ୟବୃନ୍ଦ ଉପସ୍ଥିତ ରହି ସାଙ୍ଗଠନିକ ବୈଠକରେ ଅଂଶଗ୍ରହଣ କରିବା ସହ ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ଜିଲା ସଂକୀର୍ତ୍ତନ ପରିଷଦର ସମ୍ପାଦକ ପଣ୍ଡିତ ଜୟଦେବ ପଣ୍ଡା ପରିଷଦର ଆଭିମୁଖ୍ୟ ଉପସ୍ଥାପନା କରିବା ସହ ଅପସଂସ୍କୃତି ଆଡ଼କୁ ଗତିକରୁଥିବା ସଂକୀର୍ତ୍ତନ ସଂସ୍କୃତିକୁ ବଞ୍ଚାଇବା ପାଇଁ ସମସ୍ତଙ୍କ ମିଳିତ ଉଦ୍ୟମ ଲୋଡ଼ା ବୋଲି ମତବ୍ୟକ୍ତ କରିଥିଲେ। ଜିଲା ପର୍ଯ୍ୟବେକ୍ଷକ ଲଳିତ ମୋହନ ପଣ୍ଡା, ସଂସ୍କୃତି ଆବାହକ କପିଳ ବାଗ, ଜିଲା ସଂଯୋଜକ ଗୋପବନ୍ଧୁ ପୁରୋହିତ ପ୍ରମୁଖ ଉପସ୍ଥିତ ରହି ଝାରବନ୍ଧ ବ୍ଲକ ସଂକୀର୍ତ୍ତନ ପରିଷଦ ଗଠନ କରିଥିଲେ। ଗଉଡ଼ମାଲ ରାମ୍‌ଜୀ ମନ୍ଦିର ସଂକୀର୍ତ୍ତନ ମଣ୍ଡଳୀର ବରିଷ୍ଠ ସଦସ୍ୟ ଶିବାଜୀ ବାଗ ବ୍ଲକ ସଂଯୋଜକ ଭାବେ ମନୋନୀତ ହୋଇଥିଲେ। ସମ୍ପ୍ରତି ଭାବଭକ୍ତି ଓ ସମର୍ପଣର ସଂକୀର୍ତ୍ତନ ବିଭିନ୍ନ ସ୍ଥାନରେ ପରିବେଷିତ ହେଉଥିବା ବେଳେ ଅଶ୍ଳୀଳ ଓ ଦ୍ୱିଅର୍ଥବୋଧକ ସଂକୀର୍ତ୍ତନକୁ ଆଗାମୀ ଦିନରେ ତୀବ୍ର ବିରୋଧ କରାଯିବା ସହିତ ଭୁବନେଶ୍ୱରଠାରେ ଆୟୋଜିତ ହେବାକୁଥିବା ରାଜ୍ୟ ସମାବେଶ ସମ୍ବନ୍ଧରେ ମଧ୍ୟ ଆଲୋଚନା କରାଯାଇଥିଲା। ଏହି ଅବସରରେ ଏହି ଗ୍ରାମର ଏକ ଗରିବ କୁମ୍ଭକାର ପରିବାରରେ ଜନ୍ମିତ ଛାତ୍ର ବିଶ୍ୱ ରଣା ମାଟ୍ରିକ୍ ପରୀକ୍ଷାରେ ଏ-୧ ଗ୍ରେଡ୍ ଆଣି କୃତିତ୍ୱ ଅର୍ଜନ କରିଥିବାରୁ ତାଙ୍କୁ ଜିଲା ସଂକୀର୍ତ୍ତନ ପରିଷଦ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସମସ୍ତଙ୍କୁ ଜିଲା ସଂକୀର୍ତ୍ତନ ପରିଷଦ ପକ୍ଷରୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା।


କାର୍ଯ୍ୟକ୍ରମରେ ମଞ୍ଚାସୀନ ସଂକୀର୍ତ୍ତନ ପରିଷଦର କର୍ମକର୍ତ୍ତାବୃନ୍ଦ।

# ପରୀକ୍ଷା ଫଳ ପ୍ରକାଶ ପାଇଁ ଧାରଣା

ପଦ୍ମପୁର,୨୪।୫(ପ୍ରଦୀପ୍ତ ଦାଶ)

ଛାତ୍ରୀଛାତ୍ରମାନେ ଅଧ୍ୟୟନ ପରେ ପରୀକ୍ଷା ଫଳ ପାଇ ଉଚ୍ଚଶିକ୍ଷା ପାଇଁ ଆବେଦନ କରିଥାନ୍ତି। କିନ୍ତୁ ପରୀକ୍ଷା ଫଳ ପ୍ରକାଶରେ ପଦ୍ମପୁର ଉପଖଣ୍ଡର ୬ଟି ବିଦ୍ୟାଳୟ ବାଦ୍ ପଡ଼ିଛି। ଏହାକୁ ନେଇ ଛାତ୍ରୀଛାତ୍ର, ଅଭିଭାବକଙ୍କ ମନରେ ଘୋର ଅଶାନ୍ତି ଦେଖାଦେଇଛି। ଗତ ସୋମବାର ଫଳାଫଳ ସମ୍ପର୍କରେ ଜଣାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। କିନ୍ତୁ ତାହା ମଧ୍ୟ ପାଣିର ଗାର ହେଲା। ଏହି ପରିପ୍ରେକ୍ଷୀରେ ଶୁକ୍ରବାର କେତେଜଣ ଛାତ୍ରଙ୍କ ସହ ଅଭିଭାବକମାନେ ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧରଣା ଦେଇଥିଲେ। ପଦ୍ମପୁର ଉପଖଣ୍ଡ ଅଧୀନ ୪ଟି ଆଦର୍ଶ ବିଦ୍ୟାଳୟ ଓ ୨ଟି ଘରୋଇ ବିଦ୍ୟାଳୟର ପ୍ରାୟ ୧୧୮୫ ଛାତ୍ରୀଛାତ୍ର ଫଳାଫଳ ନ ପାଇ ମାନସିକ ଶିକାର ହୋଇଛନ୍ତି। ଶନିବାରଠାରୁ ସମସ୍ତ ଛାତ୍ରୀଛାତ୍ର, ଅଭିଭାବକ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।



ଅଭିଭାବକମାନେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଉଛନ୍ତି।

# ଧନୁଯାତ୍ରା ଫିଲ୍ମ, କଫି ଟେବୁଲ ବୁକ୍ ଉନ୍ମୋଚନ

- ବରଗଡ଼ ଧନୁଯାତ୍ରା ମହୋତ୍ସବ ସାଧାରଣ ବୈଠକ
- ଆୟ,ବ୍ୟୟ ଉପସ୍ଥାପନ

ବରଗଡ଼,୨୩।୫(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଶୁକ୍ରବାର ବରଗଡ଼ ଧନୁଯାତ୍ରା ମହୋତ୍ସବର ସାଧାରଣ ଓ କାର୍ଯ୍ୟନିର୍ବାହୀ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଛି। ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ମହୋତ୍ସବ-୨୦୨୫ର ଭବ୍ୟ ସଫଳତା ପରେ ଆୟ, ବ୍ୟୟ ବିଷୟରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଜିଲାପାଳ ଆଦିତ୍ୟ ଗୋୟଲଙ୍କ ସମେତ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ପଦମପୁର ବିଧାୟିକା ବର୍ଷା ସିଂ ବରିହା, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ପୌରାଧ୍ୟକ୍ଷା କଳ୍ପନା ମାଝୀ, ପଦମପୁର ଅତିରିକ୍ତ ଜିଲାପାଳ କୃଣାଲ ମୋତିରାମ ଚୌହାନ, ବରଗଡ଼ ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର ଏବଂ ମଧୁଛନ୍ଦା ସାହୁ, ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ, ଜିଲାସ୍ତରୀୟ ଅଧିକାରୀ ତଥା କମିଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଉପସ୍ଥିତ ସମସ୍ତ ଅତିଥି ତଥା ଲୋକ ପ୍ରତିନିଧି ଧନୁଯାତ୍ରାର ଅଭୂତପୂର୍ବ ସଫଳତାକୁ ସ୍ୱୀକାର କରି ଆୟୋଜକ କମିଟିର ସଦସ୍ୟଙ୍କୁ ଅଭିନନ୍ଦନ ଜଣାଇଥିଲେ। ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରଶ୍ୱର ଶତପଥୀ ବରଗଡ଼ ଧନୁଯାତ୍ରା ମହୋତ୍ସବ ସମ୍ବନ୍ଧୀୟ ଆର୍ଥିକ ବିବରଣୀ ସ୍ପଷ୍ଟ ଭାବେ ଉପସ୍ଥାପନା କରିଥିଲେ। ଗତ ଧନୁଯାତ୍ରା ମହୋତ୍ସବରେ ୩କୋଟି ୩୩ଲକ୍ଷ ୭୦ହଜାର ୩ଟଙ୍କା ଆୟ ହୋଇ ଥିବାବେଳେ ୩କୋଟି ୨୩ଲକ୍ଷ ୨୦ହଜାର ୧୧୬ ଟଙ୍କା ବ୍ୟୟ ହୋଇଥିବା ସୂଚନା ଦିଆଯାଇଥିଲା। ପରେ ସମସ୍ତଙ୍କ ମଧ୍ୟରେ ଏହା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହାପରେ ମଞ୍ଚାସୀନ ଅତିଥିଙ୍କ ଦ୍ୱାରା ଧନୁଯାତ୍ରା ଉପରେ ନିର୍ମିତ ଡକ୍ୟୁମେଣ୍ଟାରୀ ଫିଲ୍ମ ଓ ଏକ ଆକର୍ଷଣୀୟ କଫି ଟେବୁଲ ବୁକର ଉନ୍ମୋଚନ କରାଯାଇଥିଲା।

ପ୍ରକାଶଥାଉକି, ଏହି ଦୁଇଟି ସୃଜନାତ୍ମକ ପ୍ରସ୍ତୁତି ବରଗଡ଼ ଧନୁଯାତ୍ରା ମହୋତ୍ସବର ଐତିହ୍ୟ, ସଂସ୍କୃତିକ ବୈଭବ ତଥା ଗୌରବକୁ ସ୍ଥାୟୀ ରୂପ ଦେବା ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଛି। ଏହା ଓଡିଶାର ଏହି ବୈଶିଷ୍ଟ୍ୟପୂର୍ଣ୍ଣ ଉତ୍ସବକୁ ଦେଶ ଓ ବିଦେଶରେ ଅଧିକ ପ୍ରଚାର କରିବାରେ ସାହାଯ୍ୟ କରିବ ବୋଲି ଆଶା କରାଯାଇଛି।



ଧନୁଯାତ୍ରା ମହୋତ୍ସବ ସମିତି ବୈଠକରେ ଉପସ୍ଥିତ ଲୋକ ପ୍ରତିନିଧି ଏବଂ ଅନ୍ୟମାନେ।

## ସଂକ୍ଷେପରେ

### ରାସ୍ତାରେ ଭାସୁଛି ଡ୍ରେନ୍ ପାଣି

**ରାଉରକେଲା, ୨୩।୫(ଦିନେଶ ମିଶ୍ର):** ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍) ପରିସରରେ ଥିବା ଆହାର କେନ୍ଦ୍ର ଓ ଆଶ୍ରୟସ୍ଥଳୀ ନିକଟରେ ଏକ ବଡ ଡ୍ରେନ ଯାଇଛି। ଏହି ଡ୍ରେନ୍ ବର୍ଷ ବର୍ଷ ଧରି ସଫେଇ ହୋଇ ନ ଥିବାରୁ ଏହାର ପାଣି ରାସ୍ତାରେ ଭାସୁଛି। ଏଥିଯୋଗୁ ଆହାର କେନ୍ଦ୍ର ଓ ଆଶ୍ରୟସ୍ଥଳୀରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ପ୍ରତିଦିନ ଆରଏମ୍‌ସି ପକ୍ଷରୁ ସହରକୁ ସଫେଇ କରାଯାଉଥିବାବେଳେ ଆର୍‌ଜିଏଚ୍ ପରିସରରେ ଅଳିଆ ଆର୍ବଜନା ପ୍ରତି ଦୃଷ୍ଟି ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ଏ ନେଇ ଆର୍‌ଏମ୍‌ସି ଉପଆୟୁକ୍ତ ଅନୀତା ନାୟକଙ୍କୁ ପଚାରିବାରୁ ସେ କହିଥିଲେ, ଆସନ୍ତା ୨ ଦିନ ଭିତରେ ସ୍ୱଚ୍ଛତା ମିଶନ ଅଧିକାରୀଙ୍କୁ ଆର୍‌ଜିଏଚ୍‌କୁ ପଠାଇ ତଦନ୍ତ କରିବା ପରେ ଏହାର ସମାଧାନ କରିବୁ ବୋଲି ସେ କହିଥିଲେ।

### ସାହିତ୍ୟିକ ନିତ୍ୟାନନ୍ଦ ନାୟକଙ୍କ ପରଲୋକ



**ରାଉରକେଲା, ୨୩।୫(ବିପ୍ଳବ ରଞ୍ଜନ ଦାଶ)** ବିଶିଷ୍ଟ ସାହିତ୍ୟିକ ତଥା ରାଉରକେଲା ଇସ୍ପାତ ସାହିତ୍ୟ ସଂସଦର ପୂର୍ବତନ ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ନାୟକଙ୍କ ଗୁରୁବାର ରାତିରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି। ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ଶୁକ୍ରବାର ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ଇସ୍ପାତ ନଗରୀର ଅନ୍ୟତମ ସଫଳ ସାହିତ୍ୟ ସ୍ରଷ୍ଟା ନିତ୍ୟାନନ୍ଦ ନାୟକଙ୍କ ସଫଳତମ ସାହିତ୍ୟ କୃତି ଭାବେ ସାଗିନା ବେଗମ୍, ତପସ୍ୟାର ବାଲୁଚର, କୁହୁକ ଫୁଲର ବାସ୍ନା, ଛନ୍ନଛାୟା, ଚନ୍ଦ୍ରସେଣାର ପ୍ରୀତି ଓ ରାହୁଗ୍ରସ୍ତ ସୂର୍ଯ୍ୟ ଆଦି ସଙ୍କଳନ ଓଡ଼ିଆ ବାଣୀଭଣ୍ଡାରକୁ ଋଦ୍ଧିମନ୍ତ କରିଛି। ତାଙ୍କ ରଚିତ ଶେଷ କାବ୍ୟ ପୁସ୍ତକ 'କଳିଙ୍ଗର ବୀରାଙ୍ଗନା' ଯାହା କଳିଙ୍ଗ ଯୁଦ୍ଧ ଓ ଅଶୋକ କାରୁବାକି ପ୍ରସଙ୍ଗକୁ ସମ୍ପ୍ରତି ମୁଦ୍ରଣ ଅବସ୍ଥାରେ ରହିଛି। ତାଙ୍କ ସାହିତ୍ୟ କୃତି ପାଇଁ ସ୍ୱର୍ଗତ ନାୟକ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମଧ୍ୟ ସମ୍ବର୍ଦ୍ଧିତ ହୋଇଥିଲେ। ତାଙ୍କ ବିୟୋଗରେ ଇସ୍ପାତ ସାହିତ୍ୟ ସଂସଦ ସଭାପତି ନୃସିଂହ ଚରଣ ବିଶ୍ୱାଳ, ସାଧାରଣ ସମ୍ପାଦକ ମନୋଜ କୁମାର ନନ୍ଦ, ରଶ୍ମିବାଳା ରାଉତରାୟ, ରଘୁବର ଧଳ, ତ୍ରିଲୋଚନ ମଥାନ, ଜ୍ଞାନ ମିଶ୍ରଙ୍କ ସମେତ ବହୁ କବି ଓ ଅନୁଷ୍ଠାନ ପକ୍ଷରୁ ଶୋକ ପ୍ରକାଶ ପାଇଛି। ସ୍ୱର୍ଗତ ନାୟକ ରାଉରକେଲା ଇସ୍ପାତ କାରଖାନାରେ ଚାକିରିରୁ ଅବସର ନେବା ପରେ କୋଏଲ ନଗରରେ ରହୁଥିଲେ। କିଛିଦିନ ତଳେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ହୋଇ ସେ ଚିକିତ୍ସାଧୀନ ଥିଲେ।

### ମୀନାକ୍ଷୀ ଧରଙ୍କ ୪ର୍ଥ ଶ୍ରଦ୍ଧାଞ୍ଜଳି ସଭା

**ରାଉରକେଲା, ୨୩।୫(ଦିନେଶ ମିଶ୍ର):** ରାଉରକେଲା ସେକ୍ଟର-୫ସ୍ଥିତ ଆଦର୍ଶ ପାଠାଗାରରେ ମୀନାକ୍ଷୀ ଧର ଫାଉଣ୍ଡେଶନ ପକ୍ଷରୁ ମୀନାକ୍ଷୀ ଧର ଚତୁର୍ଥ ବାର୍ଷିକ ଶ୍ରଦ୍ଧାଞ୍ଜଳି ସଭା ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଆବାହକ ନଳିନୀକାନ୍ତ ଧରଙ୍କ ଆବାହକତ୍ୱ ଓ ମୋନାଲିସା ଗୌଡଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଇଂ. ଭାରତ ଭୂଷଣ ମହାନ୍ତି, ଡ. ସୁମନ ଦତ୍ତ ଅତିଥି ଭାବେ ଯୋଗ ଦେଇଥିଲେ। ସମାଜସେବୀ ମୀନାକ୍ଷୀ ବହୁ ଗୁଣର ଅଧିକାରୀ ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ମ୍ୟୁନିସିପାଲ କଲେଜ ଅଧକ୍ଷ ଡ. ସନାତନ ପ୍ରଧାନ ଉପସ୍ଥିତ ରହି ତାଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବରୁ ଆୟୋଜିତ ସାଧାରଣ ଜ୍ଞାନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଇଂ. ଅଶୋକ କୁମାର ପଟ୍ଟନାୟକ, ଜଗନ୍ନାଥ ରାଉତ, ବିବେକ ଦାସ, ମୀରା ଦାସ, ସୁନିଲ ମହାନ୍ତି, ଆକାଶ ସୁନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାମକୃଷ୍ଣ ତ୍ରିପାଠୀ, ଅଭୟ କୁମାର ଦାସ, ଚନ୍ଦ୍ରଶେଖର ଶତପଥୀ, ଭଗବାନ ପତି, ସଞ୍ଜୀବ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବଜେନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଆସୁନି ସରଞ୍ଜାମ, ସରୁନି କାମ

## ଛେଣ୍ଡ ବିଜ୍ଞାନ ପାର୍କ ଓ ପ୍ଲାନେଟୋରିୟମ



ପ୍ଲାନୋଟୋରିୟମ ମୁଖ୍ୟ ଫାଟକ।

**ରାଉରକେଲା, ୨୩।୫(ବିପ୍ଳବ ରଞ୍ଜନ ଦାଶ)** ରାଉରକେଲା ଛେଣ୍ଡରେ ଚାଲିଥିବା ବିଜ୍ଞାନ ପାର୍କ ଏବଂ ପ୍ଲାନେଟୋରିୟମ ନିର୍ମାଣ କାର୍ଯ୍ୟ ଦୀର୍ଘ ୩ ବର୍ଷ ହେଲା ସରିବା ନାଁ ଧରୁନାହିଁ। ପ୍ଲାନେଟୋରିୟମ ନିର୍ମାଣ ପାଇଁ ବିଦେଶରୁ ଆସିବାକୁ ଥିବା ଟୋମ୍ ପ୍ରୋଜେକ୍ସନ ସିଷ୍ଟମ ମଧ୍ୟ ଆସିନାହିଁ। ଫଳରେ ରାଉରକେଲାକୁ ବିଜ୍ଞାନ ସହର ଭାବେ ପରିଚିତ କରାଇବା ଲକ୍ଷ୍ୟ ସାଧନ ହୋଇପାରୁନାହିଁ। ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁସାରେ, ୨୦୨୨-୨୩ ଆର୍ଥିକ ବର୍ଷରେ ସ୍ମାର୍ଟସିଟି ପ୍ରୋଜେକ୍ଟ ଅନୁଯାୟୀ ୯କୋଟି ୮୦ଲକ୍ଷ ଟଙ୍କା ବ୍ୟୟରେ ଛେଣ୍ଡର ୫ଏକର ଜମିରେ ଅତ୍ୟାଧୁନିକ ବିଜ୍ଞାନ ପାର୍କ ସହ ପ୍ଲାନେଟୋରିୟମ ନିର୍ମାଣ କରିବାକୁ ସ୍ଥିର କରାଗଲା। ନ୍ୟାଶନାଲ ବିଲ୍ଡିଂ କନଷ୍ଟ୍ରକ୍ସନ କର୍ପୋରେଶନ ଲିମିଟେଡ (ଏନ୍‌ବିସିସି) ପକ୍ଷରୁ ଏହାର ନିର୍ମାଣ କାର୍ଯ୍ୟ କରାଯିବାକୁ ଚୂଡାନ୍ତ ହେଲା। ୨୦୨୨ ଡିସେମ୍ବରରେ ପ୍ରଥମେ ପାଚେରି ନିର୍ମାଣ କାର୍ଯ୍ୟ ହେଲା। ୨୦୨୩ ଜୁନ ସୁଦ୍ଧା ପାଚେରି ନିର୍ମାଣ ସହ ପାଚେରିରେ ବିଭିନ୍ନ ବିଜ୍ଞାନ ବିଷୟକ ଚିତ୍ର ଅଙ୍କନ କରାଗଲା। ୨୦୨୪ ଅଗଷ୍ଟ ସୁଦ୍ଧା ବିଜ୍ଞାନ ପାର୍କରେ ଛାତ୍ରୀଛାତ୍ରଙ୍କ ଖେଳକୁଦ ପାଇଁ ବିଭିନ୍ନ ଖେଳ ସରଞ୍ଜାମ ରଖାଯିବା ସହ ପାର୍କରେ ବିଭିନ୍ନ ଜୀବଜନ୍ତୁ, ପଶୁପକ୍ଷୀଙ୍କ ଷ୍ଟାଚ୍ୟୁ ତିଆରି କରାଗଲା। ବାହାରେ ଫୁଡ୍ ପାର୍କ ମଧ୍ୟ ହେଲା। ପାର୍କ ଭିତରେ ଏବଂ ବାହାରେ ଆଲୋକ ବ୍ୟବସ୍ଥା, ଚଲାବୁଲା ପାଇଁ ଟାଇଲ୍‌ସ ସ୍ଥାପନ, ଆକର୍ଷଣୀୟ ସବୁଜ ଗାଲିଚା ଉଦ୍ୟାନ, ସ୍ମାର୍ଟ ପୋଖରୀ, ପାର୍କ ଚତୁଃପାର୍ଶ୍ୱ ଭେଣ୍ଡିଂ ଜୋନ୍ ଉନ୍ନତୀକରଣ ସହ ୧୫ରୁ ଉର୍ଦ୍ଧ୍ୱ ଦୋକାନ ଗୃହ ଏବଂ କ୍ୟାବିନ ମଧ୍ୟ ସ୍ଥାପନ ହୋଇଥିଲା। ମାତ୍ର ପରିତାପର ବିଷୟ ପ୍ଲାନେଟୋରିୟମ ସେଣ୍ଟର ପାଇଁ ଆବଶ୍ୟକ ଟୋମ ପ୍ରୋଜେକ୍ସନ ସିଷ୍ଟମ ସରଞ୍ଜାମ ବର୍ଷେ ହେଲା ବିଦେଶରୁ ଆସି ପାରୁ ନ ଥିବା ଯୋଗୁ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଉନାହିଁ।

ଅନ୍ୟପକ୍ଷେ ଦୋକାନ ଗୃହ ଆବଣ୍ଟିତ ହୋଇସାରିଥିଲେ ମଧ୍ୟ ସେଗୁଡିକ ଖୋଲା ଯାଉ ନ ଥିବାରୁ ରାଉରକେଲା ମହାନଗର ନିଗମର ରାଜସ୍ୱ ହାନି ହେଉଛି। ସେହିପରି ବିଜ୍ଞାନ କେନ୍ଦ୍ର ଫାଟକ ବାହାରେ କିଛି ଲୋକ ପାର୍ବଣ ସମୟର ମୂର୍ତ୍ତି ପାଣିରେ ନ ଭସାଇ ଫାଟକ ସାମ୍ନାରେ ରଖି ଦେଇଛନ୍ତି। ଦୀର୍ଘ ମାସ ହେଲା ସେଗୁଡିକୁ ମଧ୍ୟ ହଟାଯାଉନାହିଁ। ଫଳରେ ବିଜ୍ଞାନ କେନ୍ଦ୍ର ସମ୍ମୁଖ ସୌନ୍ଦର୍ଯ୍ୟ ହରାଉଛି। ଉଲ୍ଲେଖନୀୟ, ଛେଣ୍ଡରେ ଚାଲିଥିବା ଏହି ବହୁମୁଖୀ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସମ୍ପାଦନ ହେଲେ ଏଠାକୁ ଆଗନ୍ତୁକମାନଙ୍କ ବିଶେଷ ଆଗମନ ହେବ। ଏହାଦ୍ୱାରା ବିଜ୍ଞାନ ପାର୍କ ନିକଟସ୍ଥ ଫୁଡ୍ କୋର୍ଟ ସହ ଛେଣ୍ଡ ଅଞ୍ଚଳର ବାଣିଜ୍ୟ କାରବାର ବୃଦ୍ଧି ପାଇବ। ଆର୍‌ଏମ୍‌ସିର ରାଜସ୍ୱ ବୃଦ୍ଧି ପାଇବା ସହ ଛାତ୍ରୀଛାତ୍ର ଉପକୃତ ହେବେ। ଏ ଦିଗରେ ପ୍ରଶାସନ ପକ୍ଷରୁ ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରାଯିବା ଜରୁରୀ ହୋଇପଡିଛି ବୋଲି ଛେଣ୍ଡ ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

ଏ ସମ୍ପର୍କରେ ପ୍ଲାନେଟୋରିୟମ ନିର୍ମାଣ କାର୍ଯ୍ୟର ସମ୍ପୃକ୍ତ ଠିକାଦାର ସତ୍ୟଜିତ ବାବୁଙ୍କୁ ପଚାରିବାରୁ ସେ କହିଥିଲେ, ପ୍ଲାନେଟୋରିୟମ ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ କରାଯାଉଛି। ଆସନ୍ତା ଜୁଲାଇ ମାସ ସୁଦ୍ଧା ନିର୍ମାଣ କାମ ଶେଷ ହେବ। ଜୁନ ୧୫ ଓ ୧୬ତାରିଖ ମଧ୍ୟରେ ଆମେରିକାରୁ ଆବଶ୍ୟକ ସରଞ୍ଜାମ ଆସିବ। ପରେ ଏହାକୁ ଆମେରକୀୟ ଏକ୍ସପର୍ଟଙ୍କ ଉପସ୍ଥିତିରେ ସ୍ଥାପନ କରାଯିବ ବୋଲି ସେ କହିଥିଲେ। ସେହିପରି ରାଉରକେଲା ସ୍ମାର୍ଟସିଟି ଅଧିକାରୀ ୟୁ. ସି. ପାତ୍ରଙ୍କୁ ପଚାରିବାରୁ ସେ କହିଲେ, ସ୍ମାର୍ଟସିଟି ତରଫରୁ ବିଜ୍ଞାନ ପାର୍କ ସହ ଆନୁଷଙ୍ଗିକ କାର୍ଯ୍ୟମାନ ସରିଯାଇଛି। ପ୍ଲାନେଟୋରିୟମ ନିର୍ମାଣ କାର୍ଯ୍ୟ ଏନ୍‌ବିସିସି କରୁଛି। ଏ ନେଇ ସମ୍ପୃକ୍ତ ବିଭାଗ ହିଁ କହିପାରିବ ବୋଲି ପାତ୍ର କହିଥିଲେ।

# ଅପରେଶନ ସିନ୍ଦୂରର ସଫଳତାରେ ତ୍ରିରଙ୍ଗା ପଦଯାତ୍ରା




ତ୍ରିରଙ୍ଗା ପଦଯାତ୍ରାରେ ସାମିଲ ହୋଇଥିବା ଭାଜପା କାର୍ଯ୍ୟକର୍ତ୍ତା।

**ରାଉରକେଲା, ୨୩।୫(ବିପ୍ଳବ ରଞ୍ଜନ ଦାଶ)** ଅପରେଶନ ସିନ୍ଦୂରର ସଫଳତାରେ ଭାରତର ବୀର ସୈନିକମାନଙ୍କୁ ସମ୍ମାନ ଦେବା ଓ ଆତଙ୍କବାଦ ବିରୋଧରେ ଦେଶର ପ୍ରତିବଦ୍ଧତାକୁ ପ୍ରଦର୍ଶନ କରିବା ଉଦ୍ଦେଶ୍ୟରେ ଗୁରୁବାର ରଘୁନାଥପଲ୍ଲୀ ନିର୍ବାଚନ ମଣ୍ଡଳୀର ନିର୍ମଳ ମୁଣ୍ଡା ମଣ୍ଡଳ ସଭାନେତ୍ରୀ ରଞ୍ଜିତା କିସ୍‌ପଟାଙ୍କ ନେତୃତ୍ୱରେ ଭାଜପା ପକ୍ଷରୁ ତ୍ରିରଙ୍ଗା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା ତିଳକା ନଗରରୁ ଆରମ୍ଭ ହୋଇ ଶୀତଳ ନଗରରେ ଶେଷ ହୋଇଥିଲା। ଭାଜପା ଜିଲା ମୁଖପାତ୍ର ଗଙ୍ଗାଧର ଦାଶ ଉପସ୍ଥିତ କର୍ମୀ ଓ ଜନତାଙ୍କୁ ଉଦ୍‌ବୋଧନ ଦେଇ ଆତଙ୍କବାଦ ବିରୋଧରେ ଆମ ଦେଶର ବୀର ସେନାନୀଙ୍କ ପରାକ୍ରମ ବଖାଣିଥିଲେ। କାର୍ଯ୍ୟକ୍ରମରେ ମଣ୍ଡଳ ସାଧାରଣ ସମ୍ପାଦକ ନିରଞ୍ଜନ ପଟେଲ ଓ ସବିତା ସିଂ, ମଣ୍ଡଳ ଉପସଭାପତି ସୂର୍ଯ୍ୟକାନ୍ତ ପ୍ରଧାନ, ଶିଳା ପାତ୍ର ଓ ସଂଗ୍ରାମ ପ୍ରଧାନ, ମଣ୍ଡଳ ସମ୍ପାଦକ ମଞ୍ଜିତା ଟପୋ ଓ ଯାହ୍ନୁରା ତିଗା, ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ଗୋପାଳ ଚୌଧୁରୀ, କେଶବ ଶେଠ୍, ବିନୋଦ ସିଂ, ବର୍ଷା କୌର, ବିକାଶ ସାହୁ, କବିରାଜ ସାହୁ, ସନ୍ତୋଷ ଜେନା, ରୁବିନା ବାରିକ, ଜୟନ୍ତୀ ମେହେର, ରାଜେନ୍ଦ୍ରୀ ପ୍ରଧାନ, ସୁବାସ ସିଂଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଉନ୍ନତମାନ ଶିକ୍ଷା ପ୍ରଦାନକୁ ଆର୍‌ଏସ୍‌ପିର ଗୁରୁତ୍ୱ

## ଡିଏଭି ନେଲା ଓର୍ ମାଇନ୍ସ ସ୍କୁଲ ପରିଚାଳନା ଦାୟିତ୍ୱ

**ରାଉରକେଲା, ୨୩।୫(ବିପ୍ଳବ ରଞ୍ଜନ ଦାଶ)** ଖଣି ଅଞ୍ଚଳର ପିଲାମାନଙ୍କ ଗୁଣାତ୍ମକ ଶିକ୍ଷାକୁ ଉନ୍ନତ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ଆରଏସପି ବଲାଣି ଓର୍ ମାଇନ୍ସରେ ଥିବା ଏହାର ଓଡିଆ ଓ ହିନ୍ଦୀ ମାଧ୍ୟମିକ ବିଦ୍ୟାଳୟର ପରିଚାଳନା ଦାୟିତ୍ୱ ଆନୁଷ୍ଠାନିକ ଭାବେ ଓଡିଶାର ଡି.ଏ.ଭି ପ୍ରତିଷ୍ଠାନକୁ ହସ୍ତାନ୍ତର କରାଯାଇଛି। ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୮ଶହ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ପ୍ରଦାନ କରୁଥିବା ଏହି ଦୁଇ ବିଦ୍ୟାଳୟ ଏବେ ଡିଏଭି କଲେଜ ପରିଚାଳନା କମିଟି ଦ୍ୱାରା ପରିଚାଳିତ ହେବ। ଯାହା ସାରା ଭାରତରେ ଶିକ୍ଷାଗତ ଉତ୍କର୍ଷତାରେ ଅତି ଜଣାଶୁଣା ଏକ ସୁପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଅଟେ। ସ୍ଥାନୀୟ ଅଞ୍ଚଳରେ ଶିକ୍ଷାର ସାମଗ୍ରିକ ଉନ୍ନତି ବୃଦ୍ଧି ଉଦ୍ଦେଶ୍ୟରେ ଡିଏଭିକୁ ହସ୍ତାନ୍ତର କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ପଦକ୍ଷେପ ଦ୍ୱାରା ବଲାଣି ଏବଂ ଆଖପାଖ ଅଞ୍ଚଳରେ ଶିକ୍ଷାଲାଭ କରୁଥିବା ଛାତ୍ରୀଛାତ୍ରମାନେ ଅଧିକ ସଂରଚିତ ଶୈକ୍ଷିକ ପଦ୍ଧତି, ଉନ୍ନତ ଶିକ୍ଷାଦାନ ଏବଂ ଉନ୍ନତ ଭିତ୍ତିଭୂମି ସୁବିଧା ପାଇବେ । ଏହି ପରିବର୍ତ୍ତନ ବ୍ୟବସ୍ଥା ସକାଶେ ଗତ ମାର୍ଚ୍ଚ ମାସରେ ଏକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଥିଲା। ଏହି ବୁଝାମଣାପତ୍ରରେ ଆର୍‌ଏସ୍‌ପି ପକ୍ଷରୁ ବିଓଏମ୍‌ର ସିଜିଏମ୍ ଜୟଦେବ ଚଟ୍ଟୋପାଧ୍ୟାୟ ସ୍ୱାକ୍ଷର କରିଥିବା ବେଳେ ଡିଏଭି ପକ୍ଷରୁ ଡିଏଭି କଲେଜ ପରିଚାଳନା କମିଟି ସାଧାରଣ ସମ୍ପାଦକ ଅଜୟ ସୁରୀ ସ୍ୱାକ୍ଷର କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଓଏମ୍ ଏଚ୍‌ଆର୍ ବିଭାଗ ଜିଏମ୍ କେଭିନ ଘୋଷ ଏବଂ ଓଡିଶା ଡିଏଭି ପ୍ରତିଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ କେ. ସି ଶତପଥୀ ଉପସ୍ଥିତ ଥିଲେ। ଏହି ବିଦ୍ୟାଳୟ ଦ୍ୱୟ ଏବେ ଡିଏଭି ତତ୍ତ୍ୱାବଧାନରେ ରହିବା ସହ ବିଦ୍ୟାଳୟଗୁଡିକର ଉନ୍ନତ ଶିକ୍ଷାଦାନ ପଦ୍ଧତି, ଡିଜିଟାଲ ଶିକ୍ଷାର ସମନ୍ୱୟ ଏବଂ ସାମଗ୍ରିକ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆସିବ। ଯାହା ଶିକ୍ଷା ମାଧ୍ୟମରେ ସ୍ଥାୟୀ ବିକାଶ ଆଣିବ ବୋଲି କୁହାଯାଇଛି।



ଓର ମାଇନ୍ସ ସ୍କୁଲ ଡିଏଭିକୁ ହସ୍ତାନ୍ତର ବେଳେ ଉପସ୍ଥିତ କର୍ତ୍ତୃପକ୍ଷ।

# ତର୍କେରା ଘାଟରେ ବୁଡ଼ି ଛାତ୍ର ମୃତ

## ସପ୍ତାହରେ ଗଲାଣି ୬ ଜୀବନ

**ରାଉରକେଲା, ୨୩।୫(ସଙ୍ଗୀତା ଜେନା):** ରଘୁନାଥପାଲୀ ଥାନା ଅଧୀନ ବ୍ରାହ୍ମଣୀ ନଦୀର ତର୍କେରା ଘାଟରେ ଶୁକ୍ରବାର ପୂର୍ବାହ୍ନ ସାଢ଼େ ୧୧ଟାରେ ଗାଧୋଇବା ବେଳେ ବୁଡ଼ିଯିବାରୁ ଜଣେ ସ୍କୁଲ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଏକ ଘରୋଇ ସ୍କୁଲର ୧୦ମ ଶ୍ରେଣୀ ଛାତ୍ର ତଥା ଗଜପତିପାଲୀ ନିବାସୀ ଆଶିଷ ଗିରି। ଖବର ପାଇ ଘଟଣାସ୍ଥଳରେ ଓଡ୍ରାଫ୍ ଦଳ ଏବଂ ପୋଲିସ ପହଞ୍ଚି ଖୋଜାଖୋଜି କରିଥିଲେ। ଅପରାହ୍ନ ୨ଟାରେ ଆଶିଷଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ମୃତଦେହକୁ ଆର୍‌ଜିଏଚ୍ ମର୍ଗ ହାଉସରେ ରଖାଯାଇଛି। ସୂଚନା ଅନୁଯାୟୀ, ଗଜପତିପାଲୀର ଜଣେ ଗାଡି ଚାଳକଙ୍କ ଏକମାତ୍ର ପୁଅ ଆଶିଷ ୩ ଜଣ ସାଙ୍ଗଙ୍କ ସହ ବ୍ରାହ୍ମଣୀ ନଦୀ ତର୍କେରା ଘାଟକୁ ଯାଇଥିଲେ। ସେଠାରେ ଗାଧୋଇବା ବେଳେ ଅସାବଧାନତା ଯୋଗୁ ସେ ନଦୀରେ ନିଖୋଜ ହୋଇଯାଇଥିଲେ। ଏ ନେଇ ରଘୁନାଥପାଲୀ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ, ରାଉରକେଲା ଦେଇ ପ୍ରବାହିତ କୋଏଲ, ଶଙ୍ଖ ଏବଂ ବ୍ରାହ୍ମଣୀ ନଦୀରେ ଗାଧୋଇବା ବେଳେ ଗତ ସପ୍ତାହରେ ପ୍ରାୟ ୬ ଜଣଙ୍କ ପ୍ରାଣହାନି ହୋଇଛି।

# ଆଦର୍ଶ ପାଠାଗାରର ମାସିକ ସାହିତ୍ୟ ଆସର




ସାହିତ୍ୟ ଆସରରେ ମଞ୍ଚାସୀନ ଆଲୋଚକ।

**ରାଉରକେଲା, ୨୩।୫(ବିପ୍ଳବ ରଞ୍ଜନ ଦାଶ)** ରାଉଣକେଲା ଆଦର୍ଶ ପାଠାଗାରର ମାସିକ ସାହିତ୍ୟ ଆସର ଆଦର୍ଶ ସାହିତ୍ୟ ଘର ଠାରେ ଗୁରୁବାର ରାତି ୮ଟାରେ ଅନୁଷ୍ଠିତ ହୋଇଯାଇଛି। ପାଠାଗାର ସଭାପତି ଚନ୍ଦ୍ରଶେଖର ଶତପଥୀ ଓ ସାଧାରଣ ସମ୍ପାଦକ ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ରାଧାକାନ୍ତ ମିଶ୍ର ସଭାପତିତ୍ୱ କରି ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପସଭାପତି ଡ. ସନାତନ ପ୍ରଧାନ ସ୍ୱାଗତ ଭାଷଣ ସହ ଆଲୋଚ୍ୟ ବିଷୟ ସମ୍ପର୍କରେ ସମ୍ୟକ୍ ସୂଚନା ଦେଇଥିଲେ। ବିଷୟ ବିଶେଷଜ୍ଞ ଭାବେ ସାହିତ୍ୟିକା ବିଜୟିନୀ ଜେନା ସନ୍ଥକବି ଭୀମ ଭୋଇଙ୍କ ଦୃଷ୍ଟି ଓ ଦର୍ଶନ, ଅନ୍ୟତମ ଆଲୋଚକ ନରେନ ଦାସ ଓଡ଼ିଶୀ ପରମ୍ପରାରେ ମର୍ଦ୍ଦଳର ଭୂମିକା ଏବଂ ଗୁରୁ ଡ. ବନମାଳି ମହାରଣାଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଭୀମଭୋଇଙ୍କ କବିତା ଥିଲା ମହିମା ଈଶ୍ୱର ସଂକ୍ରାନ୍ତୀୟ ଜୀବନ ସଙ୍ଗୀତ। ମୁକ୍ତିଲାଭ, ଈଶ୍ୱର ପ୍ରାପ୍ତି ଓ ଆସ୍ତିକତାର ରଚନା। ସମାଜରୁ କଳୁଷିତ ବାତାବରଣ ଶୀଘ୍ର ଅପସରି ଯାଇ ଧରାରେ ସ୍ୱର୍ଗ ରାଜ୍ୟ ପ୍ରତିଷ୍ଠିତ ହେବ। ଏହି ଭାବଧାରା ହିଁ ତାଙ୍କ କବିତାରେ ପରିସ୍ଫୁଟନ ହୋଇଛି ବୋଲି ଜେନା ତାଙ୍କ ବକ୍ତବ୍ୟରେ କହିଥିଲେ। ଅନ୍ୟତମ ଆଲୋଚକ ଦାସ ତାଙ୍କ ବକ୍ତବ୍ୟରେ ଡ. ବଂଶୀଧର ମହାରଣା ମର୍ଦ୍ଦଳ ବାଦନ କରି ଓଡ଼ିଶୀ ପରମ୍ପରାକୁ କିପରି ଉର୍ଦ୍ଧ୍ୱଗାମୀ କରିଛନ୍ତି ସେ ସମ୍ପର୍କରେ ଆଲୋଚନା କରିଥିଲେ। ଗାଳ୍ପିକା ଧରିତ୍ରୀ ପାଇକରାୟ ଝଡ ସମ୍ପର୍କୀତ ଏକ ଗଳ୍ପ ପାଠ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ କବି ବ୍ରଜେନ୍ଦ୍ର ଦାଶ ସଭାପତିତ୍ୱ କରିଥିବା ବେଳେ କରୁଣାକର ପାଙ୍ଗଶାଣୀ ପ୍ରାକ୍ ସୂଚନା ପ୍ରଦାନ କରିଥିଲେ। ସମ୍ପାଦକ ବିଜୟ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅଭୟ କୁମାର ଦାସ, ଜୟଶ୍ରୀ ଦାସ, ଡ. ଶକ୍ତି ପ୍ରସାଦ ସାମନ୍ତରାୟ, ଆଟମ ରଥ, ସୁଶାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଲୁଟିନେଲେ ସୁନା ଗହଣା, ଟଙ୍କା

**ରାଉରକେଲା, ୨୩।୫(ସଙ୍ଗୀତା ଜେନା):** ଝିରପାଣି ଥାନା ଅଧୀନ ହାଟ ନିକଟରେ ଥିବା ଏକ ସୁନାଦୋକାନୀଙ୍କଠାରୁ ବ୍ୟାଗ୍‌ରେ ଭର୍ତ୍ତି ସୁନାଗହଣା ଓ ଟଙ୍କା ଲୁଟ୍ ହୋଇଛି। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୬୩/୨୫) ରୁଜୁ କରି ତଦନ୍ତ କରୁଛି। ସୂଚନା ଅନୁଯାୟୀ, ହାଟ ନିକଟ ବିଷ୍ଣୁ ଜୁଏଲାରୀ ମାଲିକ ସୁନୀଲ ପ୍ରଜାପତି ବୁଧବାର ରାତି ସାଢ଼େ ୮ଟାରେ ଦୋକାନ ବନ୍ଦ କରିବା ପାଇଁ ପ୍ରସ୍ତୁତି କରୁଥିଲେ। ସେ ବ୍ୟାଗ୍‌ରେ ଲକର ଚାବି, ପ୍ରାୟ ୯୫ ହଜାର ଟଙ୍କା, ସାଢ଼େ ୭ ଗ୍ରାମ ସୁନା ଓ ରୂପା ଗହଣା ଭର୍ତ୍ତି କରି ଗାଡି ନିକଟରେ ରଖିଥିଲେ। ଦୋକାନ ସର୍ଟର ବନ୍ଦ କରୁଥିବା ସମୟରେ କେହି ଦୁର୍ବୃତ୍ତ ଉକ୍ତ ବ୍ୟାଗକୁ ଲୁଟ୍‌କରି ଫେରାର ହୋଇଯାଇଥିଲେ।

# ବସ୍ତି ଶିକ୍ଷା ପ୍ରସାରର ଅଗ୍ରଦୂତ ଥିଲେ ବିପଦ ଭଞ୍ଜନ

## ସାମାଜିକ କର୍ମୀଙ୍କ ସ୍ମୃତିଚାରଣ ସଭା

**ରାଉରକେଲା, ୨୩।୫(ସଙ୍ଗୀତା ଜେନା)** ରାଉରକେଲା ଜଗଦା ଗୋପାଳଟୋଲି ଅଞ୍ଚଳରେ ଶିକ୍ଷା ପ୍ରସାରର ଅଗ୍ରଦୂତ, ବିର୍ସା ମୁଣ୍ଡା ବିଦ୍ୟାପୀଠର ପ୍ରତିଷ୍ଠାତା ତଥା ସାମାଜିକ କର୍ମୀ ବିପଦ ଭଞ୍ଜନ ପଣ୍ଡା(୪୬)ଙ୍କ ଗତ ସୋମବାର ସନ୍ଧ୍ୟା ସାଢ଼େ ୬ଟାରେ ପରଲୋକ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଅପରାହ୍ନ ସାଢ଼େ ୫ଟାରେ ଜଗଦା ଗୋପାଳଟୋଲିସ୍ଥିତ ବିର୍ସାମୁଣ୍ଡା ବିଦ୍ୟାପୀଠ ପରିସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ସାମାଜିକ କର୍ମୀ ଶ୍ରଦ୍ଧା ଷଡଙ୍ଗୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସ୍ୱର୍ଗତ ପଣ୍ଡାଙ୍କ ଭାଇ ମାନଭଞ୍ଜନ ପଣ୍ଡା, ଶିକ୍ଷକ ଜଗବନ୍ଧୁ ଦାସ, ସୁଦାମ ପ୍ରଧାନ, ଆରତୀ ଚୌଧୁରୀ, ଶିବ ମହାନ୍ତି, ସୁନନ୍ଦା ବରାଳ, ଗ୍ରେସୀ ଡେଭିଡ୍, ବିଶ୍ୱଜିତ ରାଉତ, ସୁରେଶ ସାବତ, ପ୍ରଭାତ ମହାନ୍ତି, ହୃଷୀକେଶ ନାୟକ, କ୍ରିଷ୍ଣା ସିଂହ, ଭଗବାନ ବାରିକ, ସୁପ୍ରଭା ମିଶ୍ର, ପ୍ରମିଳା ସ୍ୱାଇଁ, ରୀତା ତ୍ରିପାଠୀ, ପ୍ରିୟଙ୍କା ସାହୁ, ନନ୍ଦିନୀ ବାଘୁଆର, ମନୋରମା ଧଳ, ନିରୂପମା ଜେନା, ରୀନା ସାହୁ, ପୂର୍ଣ୍ଣିମା ମହାନ୍ତି, ଉର୍ମିଳା ପରିଡ଼ା, ପ୍ରସନ୍ନ ତ୍ରିପାଠୀ ସମେତ ସ୍ଥାନୀୟ ବାସିନ୍ଦା ଯୋଗଦେଇ ସ୍ୱର୍ଗତ ପଣ୍ଡାଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ପଣ୍ଡା ପ୍ରଥମେ ସ୍କୁଲ ପ୍ରତିଷ୍ଠା କରିବା ସହ ଗୋପାଳଟୋଲି ଅଞ୍ଚଳରେ ଅଙ୍ଗନୱାଡ଼ି, ଗୋଷ୍ଠୀ ଶୌଚାଳୟ ନିର୍ମାଣ, ନିଶା ନିବାରଣ ଉପରେ କାମ କରୁଥିଲେ। ସେ ଗୋପାଳଟୋଲିରେ ଶିକ୍ଷା ପ୍ରସାରର ମୂଳ ଥିଲେ ବୋଲି ସଭାରେ ମତପ୍ରକାଶ ପାଇଥିଲା।



ସ୍ମୃତିଚାରଣ ସଭାରେ ଉପସ୍ଥିତ ବସ୍ତିବାସିନ୍ଦା।

# ଦୁର୍ଘଟଣା ହ୍ରାସ, ଅପରାଧ ନିୟନ୍ତ୍ରଣକୁ ଗୁରୁତ୍ୱ

## ପଶ୍ଚିମାଞ୍ଚଳ ପୋଲିସ ରେଞ୍ଜ୍‌ରେ ସମନ୍ୱୟ ବୈଠକ

**ରାଉରକେଲା, ୨୩।୫(ସଙ୍ଗୀତା ଜେନା)** କେନ୍ଦୁଝର, ସୁନ୍ଦରଗଡ଼, ରାଉରକେଲା ଆଦି ୩ଟି ପୋଲିସ ଜିଲାରେ ଅପରାଧ ନିୟନ୍ତ୍ରଣ ପାଇଁ ପଶ୍ଚିମାଞ୍ଚଳ ପୋଲିସ ରେଞ୍ଜ୍ କାର୍ଯ୍ୟାଳୟରେ ଶୁକ୍ରବାର ଅପରାହ୍ନ ୧ଟାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ସୁନ୍ଦରଗଡ଼ ଏସ୍‌ପି ପ୍ରତ୍ୟୁଷ ଦିବାକର, କେନ୍ଦୁଝର ଏସ୍‌ପି ନୀତିନ ଦୁଗଡ୍ଡୁ, ରାଉରକେଲା ଏସ୍‌ପି ନୀତେଶ ୱାଧୱାନୀ, ରେଳୱେ ଏସ୍‌ପି ପ୍ରଫୁଲ୍ଲ ଚନ୍ଦ୍ର ବଡ଼ଜେନା, ସ୍ପେଶାଲ ବ୍ରାଞ୍ଚ ଅତିରିକ୍ତ ଏସ୍‌ପି ସଂଗ୍ରାମ ଟୁଡୁ, ରେଞ୍ଜ୍ ଇନ୍ସପେକ୍ଟର ରଶ୍ମିତା ପଟେଲ, ବାଲେଶ୍ୱର ପ୍ରକଳ୍ପ ପରିଚାଳକ ସୌମ୍ୟରଞ୍ଜନ ମହାନ୍ତି, ସମ୍ବଲପୁର ପ୍ରକଳ୍ପ ପରିଚାଳକ ସଞ୍ଜୟ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଡିଆଇଜି ରାୟ କହିଥିଲେ, ଗତ ମାସରେ ଆଇଜିଙ୍କ ପୋଲିସ ଜିଲା ପରିଦର୍ଶନ ସମୟରେ ଅପରାଧ ନିୟନ୍ତ୍ରଣ, ଦୁର୍ଘଟଣା ହ୍ରାସ କରିବା ଉପରେ କିଛି ଟାର୍ଗେଟ ଦିଆଯାଇଥିଲା। ଆସନ୍ତା ଜୁଲାଇରୁ ଡିସେମ୍ବର ପର୍ଯ୍ୟନ୍ତ ଗତ ଦୁର୍ଘଟଣା ହାରରେ ୩୫ରୁ ୪୦ ପ୍ରତିଶତ ହ୍ରାସ କରିବା ପାଇଁ ନିର୍ଦ୍ଦେଶ ରହିଛି। ଏହାର ରିପୋର୍ଟ ପ୍ରସ୍ତୁତ କରାଯାଉଛି। ସେଥିପାଇଁ ଏକ ସମନ୍ୱୟ କମିଟି ୩ଟି ପୋଲିସ ଜିଲାର ମୁଖ୍ୟ ଏବଂ ସ୍ପେଶାଲ ବ୍ରାଞ୍ଚ ସହ ଆଲୋଚନା କରାଯାଇଛି। ରେଞ୍ଜ୍ କାର୍ଯ୍ୟାଳୟରେ ପ୍ରୋଜେକ୍ଟର ସାହାଯ୍ୟରେ ୫୨୦, ୧୪୩ ନମ୍ବର ଜାତୀୟ ରାଜପଥ ସହ ରାଜ୍ୟ ରାଜପଥର ୧୦ଟି ସ୍ଥାନକୁ ଦୁର୍ଘଟଣାମୁକ୍ତ କରିବା ପାଇଁ ନିରୀକ୍ଷଣ କରାଯାଉଛି। ସେହିପରି ଜିଲାଗୁଡ଼ିକରେ ଆଇନଶୃଙ୍ଖଳା ନିୟନ୍ତ୍ରଣ ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଛି। ରେଳବାଇ ବିଭାଗ ସହ ସମନ୍ୱୟ କରି ଶାନ୍ତି ବଜାୟ ରଖାଯାଉଛି। ପଳାତକ ଏବଂ ଅପରାଧୀମାନଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଛି। ମାଓବାଦୀମାନଙ୍କୁ ଧରିବା ଓ ସେମାନଙ୍କ ସକ୍ରିୟତାକୁ ନିୟନ୍ତ୍ରଣ କରିବା ପାଇଁ ସୀମାନ୍ତ ରାଜ୍ୟ ସହ ନିୟମିତ ଆଲୋଚନା ହେଉଛି। ମାଓବାଦୀଙ୍କ ଗତିବିଧି ରୋକିବା ପାଇଁ ଅଭିଯାନ କରାଯାଉଛି। ସ୍ପେଶାଲ ବ୍ରାଞ୍ଚ ଟିମ୍ ଗଠନ କରି ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯାଉଛି। ବାଙ୍ଗଲାଦେଶୀ ଓ ଅନ୍ୟମାନଙ୍କୁ ଖୁବ୍ ଶୀଘ୍ର ଚିହ୍ନଟ କରି ଚୂଡ଼ାନ୍ତ ରିପୋର୍ଟ ପ୍ରସ୍ତୁତ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଆଇଜି ରାୟ ସୂଚନା ଦେଇଥିଲେ।



ବୈଠକରେ ଉପସ୍ଥିତ ବରିଷ୍ଠ ପୋଲିସ ଅଧିକାରୀ।

## ସଂକ୍ଷେପରେ

### କନକଦୁର୍ଗା ମଣ୍ଡଳର ନୂତନ ଭାଜପା ସଭାପତି ଭାବେ ଅରବିନ୍ଦ ପାଠକ ମନୋନୀତ

ଝାରସୁଗୁଡା,୨୩ା୫(ଆଶିଷ ରଞ୍ଜନ ଦାଶ)



ଝାରସୁଗୁଡା ପୌର ପରିଷଦର ଭାଜପା କନକ ଦୁର୍ଗା ମଣ୍ଡଳର ନୂତନ ସଭାପତି ଭାବେ ଅରବିନ୍ଦ ପାଠକଙ୍କୁ ଭାଜପା ଜିଲା ସଭାପତି ରଘୁନନ୍ଦନ ପଣ୍ଡା ମନୋନୀତ କରିଛନ୍ତି। ଜିଲା ଭାଜପା ସଭାପତି ପାଠକଙ୍କ ମନୋନୀତପତ୍ର ରାଜ୍ୟ ସଭାପତି ମନମୋହନ ସାମଲଙ୍କ ପାଖକୁ ପଠାଇ ଦେଇଛନ୍ତି। ଅରବିନ୍ଦ ପାଠକ ଭାଜପାର ଜଣେ ତୃଣମୂଳ ସ୍ତରର କର୍ମୀ ହେବା ସହ ଜଣେ ଶୃଙ୍ଖଳିତ ସଦସ୍ୟ ଅଟନ୍ତି।

### ସରକାରୀ ଜମି ଜବର ଦଖଲ ଉଚ୍ଛେଦ ଦାବି

ଲଖନପୁର, ୨୩ା୫(ଗୌତମ ସାହୁ)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକର ବିଭିନ୍ନ ସ୍ଥାନରେ ମୂଲ୍ୟବାନ ସରକାରୀ ଜମି ଜବରଦଖଲକାରୀଙ୍କ କବଜାରେ ରହିଛି। ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଏହି ମୂଲ୍ୟବାନ ଜମିଗୁଡିକ ଜବରଦଖଲକାରୀଙ୍କ କବଜାରୁ ମୁକୁଳି ଜନହିତକର କାର୍ଯ୍ୟରେ ଲାଗିବ ବୋଲି ସାଧାରଣରେ ଆଶା ସଞ୍ଚାର ହୋଇଛି। ଏହି ପରିପ୍ରେକ୍ଷୀରେ ଲଖନପୁର ବ୍ଲକ ଅନ୍ତର୍ଗତ କଦମଡ଼ିହି ଛକରେ ଏକ ମୂଲ୍ୟବାନ ଜମି ଜବରଦଖଲ କରି ଏକ ବେଆଇନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇ ବେଆଇନ ଅର୍ଥ ଉପାର୍ଜନ ସମ୍ପର୍କିତ ଅଭିଯୋଗପତ୍ର କଦମଡ଼ିହି ସରପଞ୍ଚ, ସମିତି ସଭ୍ୟଙ୍କ ସହିତ ଅଞ୍ଚଳର ବୁଦ୍ଧିଜୀବୀ ଲଖନପୁର ତହସିଲଦାରଙ୍କ ଗୋଚରାର୍ଥେ ଗତ ୨୦୨୪ ଅଗଷ୍ଟ ୨୭ରେ ପ୍ରଦାନ କରିଥିଲେ। ଆଜି ପର୍ଯ୍ୟନ୍ତ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅଭିଯୋଗକାରୀଙ୍କ ଅଭିଯୋଗ ଅନୁଯାୟୀ କଦମଡ଼ିହି ଛକରେ ଥିବା ପ୍ଲଟ ନଂ.୩୧୧ ଖାତା ନମ୍ବର ନଂ. ୨,ଏ ୦.୦୬ ପରିମିତ ଜମିରେ ଏକ ବେଆଇନ ମାର୍କେଟ କମ୍ପ୍ଲେକ୍ସ ଦୀର୍ଘ ଦିନ ଧରି ଗଢି ଉଠି ବେଆଇନ ଅର୍ଥ ରୋଜଗାର ହେଉଛି। ଏହି ଛକଟି ଅଞ୍ଚଳର ପ୍ରମୁଖ କେନ୍ଦ୍ର ବିନ୍ଦୁ। କଦମଡ଼ିହିଆଖପାଖ ଅଞ୍ଚଳର ଗାଁ ସହିତ ପଡ଼ୋଶୀ ସୁନ୍ଦରଗଡ ଜିଲାର ଅନେକ ଗାଁର ଜନସାଧାରଣ ସାପ୍ତାହିକ ବଜାର, ଯୁକ୍ତ ଦୁଇ ଶିକ୍ଷା, ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ପାଇଁ ଏହି ଛକ ବସଷ୍ଟାଣ୍ଡକୁ ଆସୁଛନ୍ତି। ଖରାବର୍ଷାରେ ମୁଣ୍ଡ ଗୁଞ୍ଜିବାକୁ ସ୍ଥାନ ନ ଥିବାବେଳେ ଏହି ଛକରେ ଥିବା ଏହି ମୂଲ୍ୟବାନ ଜମିକୁ ଜବରଦଖଲକାରୀଙ୍କ କବଜାରୁ ମୁକ୍ତ କରିବା ସହିତ ଏକ ଉନ୍ନତମାନର ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରିବା ପାଇଁ ଅଞ୍ଚଳର ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ଏହି ସମସ୍ୟା ସମ୍ପର୍କରେ ଲଖନପୁର ତହସିଲଦାର ପ୍ରଶ୍ନ ପଟେଲ ନିଜ ପ୍ରତିକ୍ରିୟାରେ କହିଛନ୍ତି, ନିଶ୍ଚିତ ଭାବରେ ଏହି ଜବରଦଖଲକାରୀଙ୍କ କବଜାରୁ ଉକ୍ତ ଜମିକୁ ମୁକ୍ତ କରାଯିବ।

# ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

ଝାରସୁଗୁଡା,୨୩ା୫(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ଶୁକ୍ରବାର ଝାରସୁଗୁଡା ପୌର ପରିଷଦର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ସକାଳେ ଝାରସୁଗୁଡା ପୌର ପରିଷଦ ପକ୍ଷରୁ ସହରରେ ଚାଲିଥିବା ଡ୍ରେନ କାମର ସମୀକ୍ଷା କରିବା ସହ ବର୍ଷା ମାସ ପୂର୍ବରୁ ଡ୍ରେନ ସଫେଇ କାମ ସାରିବାକୁ ପୌର ପରିଷଦକୁ ନିର୍ଦ୍ଦେଶ ଦେଇଛନ୍ତି। ତାହା ସହିତ ଝାରସୁଗୁଡା ସହରରେ ଆଗାମୀ ଦିନରେ ହେବାକୁ ଥିବା ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବିଧାୟକ ତ୍ରିପାଠୀ ଏକ, ଦୁଇ, ତିନି, ଚାରି ନମ୍ବର ୱାର୍ଡ ବୁଲିବା ସହ ଆଗାମୀ ଦିନରେ ହେବାକୁ ଥିବା ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ସହ ବିଭାଗୀୟ ଅଧିକାରୀଙ୍କୁ ଶୀଘ୍ର କାମ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ୱାର୍ଡଗୁଡିକରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ପାଇଁ ପାଞ୍ଚ କୋଟି ପଞ୍ଚାବନ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ସରକାର ମଞ୍ଜୁର କରିଥିବା ବିଧାୟକ କହିଥିଲେ। ନିର୍ବାଚନ ପ୍ରଚାର ସମୟରେ



ବିଧାୟକ ଟଙ୍କଧର ତ୍ରିପାଠୀ ଉନ୍ନୟନ କାର୍ଯ୍ୟ ପରିଦର୍ଶନ କରୁଛନ୍ତି।

ଯେତେବେଳେ ଲୋକଙ୍କ ପାଖକୁ ଯାଇଥିଲୁ ସେ ସମୟରେ ବିଭିନ୍ନ ପ୍ରସଙ୍ଗ କଥା ସ୍ଥାନୀୟ ବାସିନ୍ଦାମାନେ କହିଥିଲେ ବୋଲି ବିଧାୟକ ସୂଚନା ଦେଇଥିଲେ। ଏହି ସବୁର ସମାଧାନ ପାଇଁ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲୁ। ପ୍ରାଥମିକ ପର୍ଯ୍ୟାୟରେ ଡ୍ରେନ ଓ ରାସ୍ତା ତିଆରି ସହିତ ଅନ୍ୟାନ୍ୟ ପ୍ରକଳ୍ପ ପାଇଁ ଅର୍ଥ ବ୍ୟୟବରାଦ କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଝାରସୁଗୁଡାର ବର୍ତ୍ତମାନ ବି ଅନେକ ରାସ୍ତାରେ ପିଚୁ ପଡିନାହିଁ। ସେହି ସବୁ ରାସ୍ତାର ନିର୍ମାଣ ହେବା ସହ ଲୋକଙ୍କ ଦାବିପୂରଣ କରାଯିବ ବୋଲି କହିଛନ୍ତି। ଆଗାମୀ ଦିନରେ ମଧ୍ୟ ଲୋକଙ୍କ ଯାହା ସମସ୍ୟା ରହିବ, ସେ ସମସ୍ତ ସମସ୍ୟାକୁ ସମାଧାନ କରାଯିବ ବୋଲି କହିଛନ୍ତି। ବିଧାୟକଙ୍କ ଗସ୍ତ କାର୍ଯ୍ୟକ୍ରମରେ ଝାରସୁଗୁଡା ପୌର ପରିଷଦର ନିର୍ବାହୀ ଅଧିକାରୀ ମାନସରଂଜନ ମଲ୍ଲିକ, ପୌର ପରିଷଦର ଅଧିକାରୀଙ୍କ ସମେତ ଝାରସୁଗୁଡା ଭାଜପାର ବିମଳେନ୍ଦୁ ଭୋଲ, ସୋନୁ ଥିରାନୀ, ଅରବିନ୍ଦ ପାଠକ, ତରଣ ଡିଡୱାନୀ, ସନ୍ତୋଷ ଯାଦବ, ଲଲିନ ସାହୁ, ବାବୁଲୁ ସିଂ, ବିବେକ ଶ୍ରୀବାସ, ବନ୍ଦନା ମୁଦ୍ରା ପ୍ରମୁଖ ଉପସ୍ଥିତ ଥିଲେ।

**ବିଧାୟକଙ୍କ ଝାରସୁଗୁଡ଼ା ପୌର ପରିଷଦର ବିଭିନ୍ନ ୱାର୍ଡଗସ୍ତ**

# ଜିଲାସ୍ତରୀୟ ରବି ଋତୁ ଧାନ କ୍ରୟ ଆରମ୍ଭ


ଧାନ କ୍ରୟ କରିବା ମୁହୂର୍ତ୍ତ।

ଝାରସୁଗୁଡା,୨୩ା୫(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ଜିଲା ଲଇକେରା ପାକ୍ସ ଅନ୍ତର୍ଗତ ରେଙ୍ଗାଲବେଡା ଆର୍‌ଏମ୍‌ସି ମାର୍କେଟ ୟାର୍ଡ଼ ଠାରେ ଜିଲାସ୍ତରୀୟ ରବି ଋତୁର ଧାନକ୍ରୟ ଆରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲାପାଳ କିଶୋର ସ୍ୱାଇଁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଡିଆରସିଏସ ମମତା ରାଣୀ କୁଜୁର, ଜିଲା ଯୋଗାଣ ଅଧିକାରୀ ଦୁର୍ଗା ଚରଣ ବେସରା, ଏଆର୍‌ସିଏସ ରମେଶ ଚନ୍ଦ୍ର ଟପ୍ପୋ, ଆର୍‌ଏମସି ସମ୍ପାଦକ ବିକ୍ରମ ସାହୁ, ଏମଆଇ ସରିତା ମିର୍ଦ୍ଧା, ଲଇକେରା ପାକ୍ସ ସଭାପତି ହେମନ୍ତ କୁମୁରା ଉପସ୍ଥିତ ଥିଲେ। ସମ୍ପାଦକ ଭୋଇ, ଚାଷୀନେତା ରୋହିତ କିଷାନ, ଲଇକେରା ବ୍ଲକର ସମସ୍ତ ସମ୍ପାଦକ ଏବଂ ସ୍ଥାନୀୟ ବହୁ ଚାଷୀ ଉପସ୍ଥିତ ଥିଲେ। ଚାଷୀ ପଦ୍ମ କୁମାର ନାଇକ, ଅଂଶୁମାନ ନାଇକ, ଉମାକାନ୍ତି ନାଇକ, ମହାରମଣି ମେହେରଙ୍କ ଧାନ ମିଶି ସମୁଦାୟ ୨୧୩. ୧୨ କେଜି ଧାନ ଲଇକେରା ପାକ୍ସ ମାଧ୍ୟମରେ କିଣା ଯାଇଥିଲା। ଧାନ କିଣି ସାରିଲା ପରେ ତାଙ୍କୁ ତାଙ୍କର ବିକ୍ରି ରସିଦ ଓ ଭେଣ୍ଡର ପ୍ରଦାନ କରାଯାଇଥିଲା।

**ଲଇକେରା ପାକ୍ସରେ ୪ ଚାଷୀ ବିକ୍ରୟ କଲେ ୨୧୩. ୧୨ କୁଇଣ୍ଟାଲ ଧାନ**

# ନେପାଳର ଗଣ୍ଡୁକୀ ନଦୀରୁ ଖଲିଆକାନୀଙ୍କୁ କଳସ ଯାତ୍ରା

ଝାରସୁଗୁଡା,୨୩ା୫(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ଜିଲାର ରାଧାକୃଷ୍ଣ ଉନ୍ନୟନ ପରିଷଦ ସଂଯୋଜନାରେ ନେପାଳର ଗଣ୍ଡୁକୀ ନଦୀର ରାମଡି ଘାଟରୁ ପୂର୍ଣ୍ଣ କଳସ ଉତ୍ତୋଳନ ହୋଇ ଶୁକ୍ରବାର ସକାଳ ୮ଟାରେ ଖଲିଆକାନୀ ମହାଯଜ୍ଞ ମଣ୍ଡପକୁ ଯାତ୍ରା ଆରମ୍ଭ ହୋଇଛି। ଏହି କଳସ ଯାତ୍ରାର ବିଶେଷ ମହତ୍ତ୍ୱକୁ ନେଇ ୧୦୬ ଜଣ ଭକ୍ତ ନେପାଳରେ ଅବସ୍ଥିତ ସୀତାମାତା, ପଶୁପତିନାଥ, ପାର୍ବତୀ, ବୁଢ଼ା ନୀଳକଣ୍ଠ, ସୟମ୍ଭୁ ବୁଦ୍ଧ, ମନକାମନା, ବିନ୍ଧ୍ୟାସିନୀ ମନ୍ଦିର ଦର୍ଶନ ଓ ପୁରୁଣା କାଠମାଣ୍ଡୁ ଭକ୍ତପୁର, ନଗରକୋଟ, ପୋଖରା ଆଦି ଦର୍ଶନ ପରେ ଗଣ୍ଡୁକୀ ନଦୀର ରାମଡି ଘାଟରୁ ପୂର୍ଣ୍ଣ କୁମ୍ଭ ଭରି ଖଲିଆକାନୀ ଅଭିମୁଖେ ଯାତ୍ରା କରିଛନ୍ତି। ୨୫ ତାରିଖ ସନ୍ଧ୍ୟାରେ ପ୍ରତ୍ୟକ୍ଷ ଭାବରେ କଳସ ସ୍ଥାପନ କରି ୨୬ ତାରିଖ ୨୪ ପ୍ରହର ନାମ ସଂକୀର୍ତ୍ତନ୍ୟର ଅଧିବାସ ହେଲା ପରେ ଅଖଣ୍ଡ ନାମ ଉଚ୍ଚାରଣ ହୋଇ ୩୦ ତାରିଖ ଯଜ୍ଞ ସମାପନ ନଗର ପରିକ୍ରମା ଓ ଦଧିଭାଣ୍ଡ ଭଞ୍ଜନ ହେବ। କଳସ ଯାତ୍ରା ନାମଯଜ୍ଞ ଓ ଦୀପ ପ୍ରଜ୍ୱଳନକୁ ନେଇ ମହାଯଜ୍ଞର ଆୟୋଜନ ହୋଇଛି। ପରିଷଦ ଦ୍ୱାରା ସମଗ୍ର ଭାରତ ବର୍ଷର ମୁଖ୍ୟ ତୀର୍ଥ


ରାଧାକୃଷ୍ଣ ଉନ୍ନୟନ ପରିଷଦ କର୍ମକର୍ତ୍ତା ଗଣ୍ଡୁକୀ ନଦୀର ପୂର୍ଣ୍ଣକୁମ୍ଭ ଜଳ ଭରି ଝାରସୁଗୁଡା ଆସିବା ପାଇଁ ପ୍ରସ୍ତୁତ ହେଉଛନ୍ତି।

ସ୍ଥାନରୁ କଳସ ଯାତ୍ରା ହୋଇଥିବାବେଳେ ପ୍ରଥା ଅନୁସାରେ ପଶୁପତିନାଥଙ୍କ ଦର୍ଶନ ପରେ ମୋକ୍ଷ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ କରାଯାଇ ଏହି କାର୍ଯ୍ୟକ୍ରମର ଆୟୋଜନ ହୋଇଛି। ସେହି ଅନୁସାରେ ରାଧାକୃଷ୍ଣ ଉନ୍ନୟନ ପରିଷଦର ପ୍ରଥମ ପର୍ଯ୍ୟାୟର କଳସ ଯାତ୍ରା ସମାପନ ହେବ ବୋଲି ଧାର୍ଯ୍ୟ କରିଛ। ଏହି କଳସଯାତ୍ରାର ପ୍ରମୁଖ ସଂଯୋଜକ ଭାବରେ ଖଲିଆକାନୀ ଗ୍ରାମର ମହେନ୍ଦ୍ର ନାଏକ, ଚୈତନ୍ୟ ପ୍ରଧାନ, ଜୟନାରାୟଣ ପ୍ରଧାନ, ଖଗେଶ୍ୱର ପ୍ରଧାନ, ଉମେଶ ପ୍ରଧାନ, ନିରାକାର ପ୍ରଧାନ ଥିବା ବେଳେ ଅଞ୍ଚଳର ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ, ବରଗଡ଼, ଦେବଗଡ଼, ଖୋର୍ଦ୍ଧା, ପୁରୀ ଆଦି ଜିଲାର ଭକ୍ତମାନେ ସାମିଲ ହୋଇଛନ୍ତି।

### ବାଳଅପରାଧୀ ନିର୍ଦ୍ଦୋଷରେ ଖଲାସ

ଦେବଗଡ଼,୨୩ା୫(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ଦୌରା ଜଜ ତଥା କିଶୋର ନ୍ୟାୟିକ କୋର୍ଟ ଦ୍ୱାରା ବାଳଅପରାଧି ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଜୁଭେନାଇଲ କୋର୍ଟ ଦ୍ୱାରା ଏକ ହତ୍ୟା ମାମଲାରେ ଦଣ୍ଡିତ ବାଳ ଅପରାଧି ଦ୍ୱୟଙ୍କ ଅପିଲକୁ ଗ୍ରହଣ କରି ଉଭୟଙ୍କୁ ଶୁକ୍ରବାର ଖଲାସ କରିଛନ୍ତି। ସୂଚନା ଅନୁଯାୟୀ ବାରକୋଟ ବ୍ଲକର ଝରାକଣ୍ଡଳ ଗ୍ରାମରେ ଗତ ୧୪।୪।୨୦୨୦ ରାତ୍ର ସମୟରେ ଏକ ହତ୍ୟା ଘଟଣା ଘଟିଥିଲା। ଗ୍ରାମର ବେଣୁ କିଷାନ ନିଜ ଘରକୁ ଆସି ସ୍ତ୍ରୀ କ୍ଷୀର କିଷାନଙ୍କୁ କୁକୁଡା ମାଂସ ଖାଇବାକୁ ମାଗିଥିଲେ। ସ୍ତ୍ରୀ ମାଂସ ଖାଇବାକୁ ଦେବାପାଇଁ ଅକ୍ଷମତା ପ୍ରକାଶ କରିବାରୁ ବେଣୁ ଗୋଟିଏ ପନଖିରେ ସ୍ତ୍ରୀକୁ ମରଣାନ୍ତକ ଆକ୍ରମଣ କରିଥିଲେ। ତାଙ୍କର ଦୁଇ ନାବାଳକ ପୁଅ ନିଜ ମା'ଙ୍କୁ ରକ୍ଷା କରିବାକୁ ଯାଇ ବାପା ବେଣୁଙ୍କୁ ପ୍ରତିରୋଧ କରିଥିଲେ। ବେଣୁ ଟାଙ୍ଗିଆରେ ଆଘାତପ୍ରାପ୍ତ ହୋଇ ମୃତ୍ୟୁବରଣ କରିଥିଲେ। ଏ ବାବଦରେ ବାରକୋଟ ଥାନାରେ କେସ ରୁଜୁ ହୋଇଥିଲା। ଅଦାଲତ ଉଭୟ ନାବାଳକଙ୍କୁ ଦଣ୍ଡିତ କରିଥିଲେ। ଏହି ରାୟ ବିରୋଧରେ ଅତିରିକ୍ତ ଦୌରା ଜଜ ଅଦାଲତରେ ଅପିଲ ଦାୟର କରିଥିଲେ । ତଳ କୋର୍ଟର ରାୟକୁ ଦୌରାଜଜ୍ ପରିବର୍ତ୍ତନ କରି ଉଭୟଙ୍କୁ ଦୋଷମୁକ୍ତ କରିଥିଲେ। ଉକ୍ତ ଅପିଲ କେସକୁ ଦେବଗଡର ଯୁବ ଆଇନଜୀବୀ କେଶବଚନ୍ଦ୍ର ମିଶ୍ର ଆବେଦନକାରୀଙ୍କ ତରଫରୁ ପରିଚାଳନା କରିଥିଲେ ଓ ଭଳେଶ୍ୱର ବେହେରା ସହାୟତା କରିଥିଲେ।

# ୧୦୩ ଦିବ୍ୟାଙ୍ଗଙ୍କୁ ନିଃଶୁଳ୍କ କୃତ୍ରିମ ଅଙ୍ଗ ପ୍ରଦାନ


ଶିବିରରେ ସହାୟତା ପାଇଥିବା ଦିବ୍ୟାଙ୍ଗଙ୍କ ସହିତ ଅତିଥି।

ଦେବଗଡ଼,୨୩ା୫(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ମାରୱାଡି ଯୁବାମଞ୍ଚ ଓ ରାଞ୍ଚି ସ୍ଥିତ ଶ୍ରୀ ଭଗବାନ ମହାବୀର ଦିବ୍ୟାଙ୍ଗ ସହାୟତା ସମିତି ଆନୁକୂଲ୍ୟରେ ଚାରି ଦିନିଆ ନିଃଶୁଳ୍କ ଦିବ୍ୟାଙ୍ଗ ଶିବିରର ଶୁକ୍ରବାର ଉଦ୍‌ଯାପିତ ହୋଇଛି। ସ୍ଥାନୀୟ ମାରୱାଡି ଧର୍ମଶାଳାଠାରେ ଅନୁଷ୍ଠିତ ଏହି ଶିବିରରେ ମୋଟ ୧୦୩ ଜଣ ଦିବ୍ୟାଙ୍ଗଙ୍କୁ ନିଃଶୁଳ୍କ କୃତ୍ରିମ ଅଙ୍ଗ ପ୍ରଦାନ କରାଯାଇଥିଲା। ଶେଷ ଦିନରେ ୩୫ଜଣଙ୍କୁ ଶ୍ରବଣ ଯନ୍ତ୍ର , ଆଶା ବାଡ଼ି ପ୍ରଦାବ ଏବଂ କୃତ୍ରିମ ହାତ ଓ ଗୋଡ଼ ଲଗାଯାଇଥିବା ଅନୁଷ୍ଠାନର ପ୍ରକଳ୍ପ ସଂଯୋଜକ ଜିତେନ୍ଦ୍ର ଅଗ୍ରୱାଲ ସୂଚନା ଦେଇଛନ୍ତି। ଦେବଗଡ଼ ପୌର ପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ ଯୋଗଦେଇ କେତେଜଣ ଦିବ୍ୟାଙ୍ଗଙ୍କୁ ଜିନିଷ ପ୍ରଦାନ କରିବା ସହ ଅନୁଷ୍ଠାନର ସଦସ୍ୟଙ୍କୁ ଉତ୍ସାହିତ କରିଥିଲେ। ଯୁବା ମଞ୍ଚ ସଭାପତି ରାକେଶ ଅଗ୍ରୱାଲ, ସମ୍ପାଦକ ଆକାଶ ଅଗ୍ରୱାଲ, ଜିତେନ ଅଗ୍ରୱାଲ, ଭିବେକ ଗୋଏଲ, ପ୍ରମୋଦ ଗୋଏଲ, ମହିଳା ସଦସ୍ୟା କିରଣ ଅଗ୍ରୱାଲ, ସରିତା ସମାନି, ମନୀଷ ଅଗ୍ରୱାଲ, ରାହୁଲ ଗୋଏଲ ପ୍ରମୁଖଙ୍କ ସକ୍ରିୟ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସୂଚନାଯୋଗ୍ୟ ଯେ, ମଙ୍ଗଳବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ଏହି ଶିବିରରେ କୋଲିପାର୍ସ, ହାତ, ଗୋଡ଼, ବୈଶାଖୀ, ଶ୍ରବଣ ଯନ୍ତ, ଏଲବୋ ଷ୍ଟିକ, ୱାକିଂ ଷ୍ଟିକ ଓ ବ୍ଲାଇଣ୍ଡ ଷ୍ଟିକ ଭଳି ଉପକରଣ ଓ କୃତିମ ଅଙ୍ଗ ନିଃଶୁଳ୍କ ପ୍ରଦାନ କରାଯାଇ ଥିବା ଜଣାପଡିଛି ।

**ମାରୱାଡି ଯୁବାମଞ୍ଚ ପକ୍ଷରୁ ନିଶୁଳ୍କ ଦିବ୍ୟାଙ୍ଗ ଶିବିର ଉଦଯାପିତ**

# ହୀରାକୁଦ ବିସ୍ଥାପିତଙ୍କ ଜମି ପଟ୍ଟାକୁ ବିରୋଧ

ବ୍ରଜରାଜନଗର,୨୩ା୫ (ବିଜୟ ବରାଡ଼)

ଝାରସୁଗୁଡ଼ା ବ୍ଲକ ଅଧିନରେ ଥିବା ରାଜପୁର ପଞ୍ଚାୟତ ବଘରାଚକା ଗ୍ରାମ ରୋହିଦାସ ପଡ଼ାର ଏକ ସରକାରୀ ଜମିକୁ ଗ୍ରାମବାସୀଙ୍କ ଅଜାଣତରେ ଜଣେ ହୀରାକୁଦ ବିସ୍ଥାପିତ ବ୍ୟକ୍ତିକୁ ପଟ୍ଟା ପ୍ରଦାନ କରାଯାଇଛି। ଏହାକୁ ଗ୍ରାମବାସୀ ବିରୋଧ କରିଥିଲେ, ପୂର୍ବରୁ ଜନପ୍ରତିନିଧି ଗ୍ରାମବାସୀ ଏହି ପଟ୍ଟାକୁ ଖାରଜ କରି ଅନ୍ୟତ୍ର ଜମି ଦେବାକୁ ଜିଲା ପ୍ରଶାସନ ଆଗରେ ଅଭିଯୋଗ କରିଥିଲେ। ବିଗତ ଦିନରେ ରାଜପୁର ସରପଞ୍ଚ ସରସ୍ୱତୀ ନାୟକଙ୍କ ପ୍ରତିନିଧିତ୍ୱରେ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗକରି ଉକ୍ତ ବ୍ୟକ୍ତିଙ୍କ ନାମରୁ ପଟ୍ଟାକୁ ଖାରଜ କରିବାକୁ ଅନୁରୋଧ କରିଥିଲେ। ଏହାକୁ ନେଇ ଉପ ଜିଲାପାଳଙ୍କ ଉପସ୍ଥିତିରେ ଏକ ବୈଠକ ବସିଥିଲେ ସୁଦ୍ଧା ସମାଧାନ ହୋଇନଥିଲା। ବର୍ତ୍ତମାନ ସମ୍ପୂର୍ଣ୍ଣ ଭାବେ ଚିହ୍ନଟ ପାଇଁ ଅଭିଯୋଗ ହୋଇଥଲା ଅଭିଯୋଗକୁ ଭିତ୍ତି କରି ଜମି ଚିହ୍ନଟ ପାଇଁ ଶୁକ୍ରବାର ତହସିଲଦାର ସଦାକାର କୁମ୍ଭାର ଉକ୍ତ ଜମି ପରିଦର୍ଶନ କରି ଉଭୟ ପକ୍ଷ ସହିତ ଆଲୋଚନା କରିଥିଲେ। ଗ୍ରାମବାସୀ ସେହି ଜମିକୁ ପୂଜା ପାଠ, ନାମଯଜ୍ଞ, ବିବାହ ଆଦିରେ ବ୍ୟବହାର କରୁଥିବାରୁ ହୀରାକୁଦ ବିସ୍ଥାପିତ ବ୍ୟକ୍ତିକୁ ଅନ୍ୟତ୍ର ଜମି ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଥିଲେ।

# ଜିଲାସ୍ତରୀୟ ବିଭିନ୍ନ କାର୍ଯ୍ୟକ୍ରମର ପ୍ରସ୍ତୁତି ବୈଠକ

ଦେବଗଡ଼,୨୩ା୫(ଶଶାଙ୍କ ଶେଖର ଝାଙ୍କର)

**ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ**

ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଜିଲାସ୍ତରୀୟ ବିଭିନ୍ନ କାର୍ଯ୍ୟକ୍ରମର ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାରଙ୍କ ଆହ୍ୱାନ କ୍ରମେ ଜିଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ପାଳନ କାର୍ଯ୍ୟକାରୀ ବିଭିନ୍ନ ଫଳପ୍ରସୂ ପଦକ୍ଷେପ ଏବଂ ପ୍ରଣୀତ ବିବିଧ ଯୋଜନାଗୁଡିକର ଉଦ୍ଦେଶ୍ୟ ଓ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯିବ। ବହୁବିଧ କଲ୍ୟାଣକାରୀ ଦିଗ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଜୁନ ୧୧ ରୁ ଜୁନ ୧୩ ପର୍ଯ୍ୟନ୍ତ ପ୍ରଧାନପାଟ ବଡ଼ ବଗିଚାଠାରେ ୩ ଦିନ ବ୍ୟାପି ଜିଲାରେ ସାଧାରଣ ସଭା, ଜିଲାସ୍ତରୀୟ କାର୍ଯ୍ୟକ୍ରମ ପ୍ରଦର୍ଶନୀ (ବିକାଶ ମେଳା), ଗୋଷ୍ଠୀଗତ ଆଲୋଚନାଚକ୍ର ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ବୈଠକରେ ଉପଜିଲାପାଳ ପରିକ୍ଷିତ ସାହୁ, ଅଧିକ୍ଷଣ ଯନ୍ତ୍ରୀ ରାସ୍ତା ଓ ପୂର୍ତ୍ତ ବିଭାଗ ଅଭିଷେକ ଓଝା, କନିଷ୍ଠ ଯନ୍ତ୍ରୀ ଜନସ୍ୱାସ୍ଥ୍ୟ ବିଭାଗ ରାକେଶ ସ୍ୱାଇଁ, ଜିଲା ଶିକ୍ଷା ଅଧିକାରୀ ଗେଂଦ୍ରା କୁଜୁର, ଡିପିସି ମିଶନ ଶକ୍ତି ଶିଶିର କୁମାର ଷଡ଼ଙ୍ଗୀ, ଜିଲା ଶ୍ରମ ଅଧିକାରିଣୀ ପଦ୍ମାବତୀ ମାରାଣ୍ଡି, ଜିଲା ମୁଖ୍ୟ କୃଷି ଅଧିକାରୀ ବିରେନ କୁମାର ଛୁରିଆ, ଡେପୁଟି ସିଓ ଓରମାସ ରବୀନ୍ଦ୍ର କୁମାର ପ୍ରଧାନ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ, ଜିଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଜିଲା ନିୟୋଜନ ଅଧିକାରୀ ବିଜୟ କୁମାର ଉପାଧ୍ୟାୟ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ସହକାରୀ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଅନ୍ତର୍ଯ୍ୟାମୀ ସାହୁ, ଉପଖଣ୍ଡ ଅଧିକାରୀ ବିଦ୍ୟୁତ୍ ବିଭାଗ ଦିବ୍ୟଲୋଚନ ନାଏକ, କାର୍ଯ୍ୟନିର୍ବାହୀ ଅଧିକାରୀ ପୌରପରିଷଦ କୃପାସିନ୍ଧୁ ସ୍ୱାଇଁ, ପ୍ରୋଗ୍ରାମ ମ୍ୟାନେଜର ଆଶିଷ ରଞ୍ଜନ ବାରିକ, ଜିଲା ମତ୍ସ୍ୟ ଅଧିକାରୀ କୁଟିଳ ଚନ୍ଦ୍ର ଦାସ, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ସୁରତି ପ୍ରଧାନ ଓ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମ ପ୍ରସ୍ତୁତି ବୈଠକରେ ଜିଲାପାଳ ଓ ଅନ୍ୟମାନେ।

# ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟ: ବ୍ଲୁ ବେଲ ସ୍କୁଲ ବିଜୟୀ


ବିଜୟୀ ଦଳର ଖେଳାଳିଙ୍କ ସହ ଅତିଥି, ପରିଚାଳନା କମିଟି ସଦସ୍ୟ।

ଝାରସୁଗୁଡା,୨୩ା୫(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା କ୍ରିକେଟ ଆସୋସିଏଶନ ଦ୍ୱାରା ଚାଲିଥିବା ଆନ୍ତଃ ସ୍କୁଲ କ୍ରିକେଟ ପ୍ରତିଯୋଗିତାର ଶୁକ୍ରବାର ସକାଳ ଖେଳରେ ଝାରସୁଗୁଡ଼ାର ବ୍ଲୁ ବେଲ ସ୍କୁଲ ବିଜୟୀ ହୋଇଛି। ଜିଲାର ବ୍ରଜରାଜନଗର ମଣ୍ଡଳିଆଠାରେ ଥିବା ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ପ୍ରତିଯୋଗିତା ଆୟୋଜିତ ହେଉଛି। ଶୁକ୍ରବାର ଟୁର୍ନାମେଣ୍ଟର ନବମ ମ୍ୟାଚ ଝାରସୁଗୁଡ଼ା ସେଣ୍ଟ ଥୋମାସ ସ୍କୁଲ ଓ ଝାରସୁଗୁଡ଼ା ବ୍ଲୁ ବେଲ ସ୍କୁଲ ମଧ୍ୟରେ ଖେଳା ଯାଇଥିଲା। ଏହି ମ୍ୟାଚରେ ସେଣ୍ଟ ଥୋମାସ ସ୍କୁଲ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୧୮ ଓଭରରେ ୧୦ଉଇକେଟ ହରାଇ ୫୬ ରନ ସଂଗ୍ରହ କରିଥିଲେ। ଦ୍ୱିତୀୟ ପାଳିରେ ବ୍ଲୁ ବେଲ ସ୍କୁଲ ଦଳ ୫.୧ ଓଭରରେ ୧ ଉଇକେଟ ହରାଇ ୫୯ ରନ ସଂଗ୍ରହ କରିଥିଲେ। ବ୍ଲୁ ବେଲ ସ୍କୁଲ ଦଳ ଏହି ମ୍ୟାଚକୁ ୯ ଉଇକେଟରେ ବିଜୟ ହାସଲ କରିଛନ୍ତି। ବ୍ଲୁ ବେଲ ସ୍କୁଲ ଦଳର ସୁରଜ ପି ଗୌତମଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବରେ ପୁରସ୍କୃତ କରାଯାଇଛି। ମହାନଦୀ କୋଇଲା କମ୍ପାନୀ ଓରିଏଣ୍ଟ କ୍ଷେତ୍ର ଜେନେରାଲ ମ୍ୟାନେଜର ବିଶ୍ୱଜିତ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପରିଚାଳନା କମିଟିର ପ୍ରଜଲ କୁମାର ପଟେଲ, କମ୍ପାଉଣ୍ଡର ବେହେରା, ଅଶୋକ କୁମାର ପ୍ରଧାନ ପ୍ରମୁଖ ଟୁର୍ନାମେଣ୍ଟରେ ସହଯୋଗ କରିଥିଲେ। ଜୟ ସିଂ ଓ ରୋହିତ ପାଶୱାନ ଅମ୍ପାୟର ଭାବେ ମ୍ୟାଚକୁ ପରିଚାଳନା କରିଥିଲେ। ନାସିର ମଲ୍ଲିକ ଅନ୍‌ଲାଇନ ସ୍କୋରିଂ କରିଥିଲେ।

# ଶୋଭାଯାତ୍ରାରେ ପ୍ରଦର୍ଶନ ହେବ ଲୋକସଂସ୍କୃତି

**ସମ୍ବଲପୁର,୨୩।୫(ଭବାନୀ ଶଙ୍କର ଭୋଇ)**



ଖବରଦାତା ସମ୍ମିଳନୀରେ ବଡବଜାର ଏବଂ ଠାକୁର ପଡାର ଶୀତଳଷଷ୍ଠୀ ଯାତ୍ରା କମିଟି କର୍ମକର୍ତ୍ତା।

**ବଡ଼ବଜାର, ଠାକୁରପଡ଼ା ଶୀତଳଷଷ୍ଠୀ ଯାତ୍ରା**

- ସାମିଲ ହେବେ ୧୨ଶହ କଳାକାର
- ଦର୍ଶକଙ୍କୁ ଆକର୍ଷିତ କରିବ ପ୍ରଜ୍ଞାପନ ମେଢ, ପରଭା

ସମ୍ବଲପୁର ବଡବଜାର ଏବଂ ଠାକୁରପଡା ଶୀତଳଷଷ୍ଠୀ ଯାତ୍ରାରେ ସ୍ୱତନ୍ତ୍ର ଆକର୍ଷଣ ରହିଛି। ଶୁକ୍ରବାର ବଡବଜାର ଗୋକୁଲ କଲ୍ୟାଣ ମଣ୍ଡପର ଆୟୋଜିତ ଖବରଦାତା ସମ୍ମିଳନୀ ଜରିଆରେ ଦୁଇ ପ୍ରମୁଖ ଯାତ୍ରା କମିଟି ପକ୍ଷରୁ ଆୟୋଜନ ସମ୍ପର୍କରେ ସୂଚନା ଦିଆଯାଇଛି। ବଡବଜାରର ଶ୍ରୀଶ୍ରୀ ଶୀତଳେଶ୍ୱର ବାବାଙ୍କର ୨୨ତମ ଶୀତଳଷଷ୍ଠୀ ଯାତ୍ରାର ଆୟୋଜନ ବିଷୟରେ କୁହାଯାଇଛି, ଚଳିତବର୍ଷ ଯାତ୍ରା ଆୟୋଜନ ପାଇଁ ବ୍ୟୟ ଅଟକଳ ୩୦ରୁ ୩୫ଲକ୍ଷ ରଖାଯାଇଛି। ପାରମ୍ପରିକ ରୀତିନୀତିରେ ବିବାହ କାର୍ଯ୍ୟ ସମ୍ପାଦନ କରାଯିବ। ସାଂସ୍କୃତିକ କାର୍ଯ୍ୟକ୍ରମରେ ରାଜ୍ୟ ଓ ରାଜ୍ୟ ବାହାରର ନାମିଦାମୀ ନୃତ୍ୟ ଦଳ ସାମିଲ ହେବେ। ଶୋଭାଯାତ୍ରାରେ ଜଗନ୍ନାଥଙ୍କ ବିଗ୍ରହ, ପହେଲାଗାମ ଘଟଣାକ୍ରମ, ଶାରୀରିକ ଯନ୍ତ୍ର, କାର୍ଟୁନ ଚରିତ୍ର ଆଦି ପ୍ରଜ୍ଞାପନ ମେଢ଼ ଆକର୍ଷଣର କେନ୍ଦ୍ରବିନ୍ଦୁ ହେବ। ଶୋଭାଯାତ୍ରା ମୁଖ୍ୟ ପରଭାରେ ତାମଡା ତାରକସି କାମ କରାଯିବ। ହନୁମାନ ପରଭାରେ ଶଙ୍ଖ, ଚକ୍ର, ଗଦା, ପଦ୍ମ, ରାଧାକୃଷ୍ଣ ପରଭାରେ ମୟୂର ଚୁଳ ଆଦି ଶୋଭାପାଇବ ବୋଲି ବଡବଜାର ଯାତ୍ରା କମିଟି ସାଧାରଣ ସମ୍ପାଦକ ରାମଦାସ ପଣ୍ଡା ସୂଚନା ଦେଇଥିଲେ। ସମସ୍ତ ପ୍ରଜ୍ଞାପନ ମେଢଗୁଡିକୁ ସ୍ଥାନୀୟ କଳାକାର ମଣ୍ଟୁ ସାହୁ ଓ ମାଲୁ କାରିଗର ତିଆରି କରୁଛନ୍ତି। ସତ୍ୟଜିତ ନାଏକ ପରଭା ତିଆରି କରୁଛନ୍ତି। ଚଳିତବର୍ଷ ଶୀତଳେଶ୍ୱର ବାବା ମୁଦିପଡାର ଅକ୍ଷୟ କୁମାର ଜେନା ଏବଂ କିରଣ ଜେନାଙ୍କ ଘରକୁ ବରଯାତ୍ରା ନେଇ ଯିବାର କାର୍ଯ୍ୟକ୍ରମ ରହିଥିବା ଖବରଦାତା ସମ୍ମିଳନୀ ଜରିଆରେ ସୂଚନା ଦିଆଯାଇଛି।

ସେହିପରି ଠାକୁରପଡାର ଶ୍ରୀଶ୍ରୀ ଗୁପ୍ତେଶ୍ୱର ବାବା ଶୀତଳଷଷ୍ଠୀ ଯାତ୍ରା କମିଟି ପକ୍ଷରୁ ରାଜ୍ୟ ଓ ରାଜ୍ୟ ବାହାରର ନୃତ୍ୟ ଦଳ ସହ ଭଦ୍ରକର ଲେଜର ଶୋ ମୁଖ୍ୟ ଆକର୍ଷଣ ହେବ। ସେହିପରି ରକ୍ଷକ, ନନ୍ଦୀ, କାମଧେନୁ, ଲେଫ୍ଟନେଣ୍ଟ ଭିନୟ ନରୱାଲଙ୍କ ପ୍ରତିକୃତି, ହନୁମାନ ମେଢ ଆଦି ଆକର୍ଷଣର କେନ୍ଦ୍ର ହେବ। ଶୋଭାଯାତ୍ରାରେ ଅଘୋରୀ, ହନୁମାନ ଏବଂ ରାମସୀତାଙ୍କ ପରଭାଗୁଡିକ ସ୍ଥାନ ପାଇବ ବୋଲି ଯାତ୍ରା କମିଟି ସଭାପତି ଶିବ ପ୍ରଧାନ ସୂଚନା ଦେଇଥିଲେ। ଉଭୟ କମିଟି ଶୋଭାଯାତ୍ରାରେ ପ୍ରାୟ ୧୨ଶହ ଲେଖାଏ କଳାକାର ସାମିଲ ହେବାର ଆକଳନ କରାଯାଇଛି। ଶୋଭାଯାତ୍ରାରେ ପ୍ରଦର୍ଶିତ ହେବ ଲୋକ ସାଂସ୍କୃତି। ଚଳିତବର୍ଷ ଉଭୟ ଯାତ୍ରା କମିଟିକୁ ପ୍ରଥମ ଥର ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୧୦ଲକ୍ଷ ଟଙ୍କାର ଆର୍ଥିକ ସହଯୋଗ ସହିତ କେନ୍ଦ୍ର ସରକାରଙ୍କ ପକ୍ଷରୁ ୩ଲକ୍ଷ ଟଙ୍କାର ସହଯୋଗ ଯୋଗାଇ ଦିଆଯାଇଛି। ତେବେ ହଜାର ହଜାର ଲୋକେ ଶୀତଳ ଷଷ୍ଠୀରେ ସାମିଲ ହେଉଥିବା ବେଳେ ମହାନଗର ନିଗମ ପକ୍ଷରୁ ଉଭୟ ଶୀତଳଷଷ୍ଠୀ ଯାତ୍ରା ଅଞ୍ଚଳରେ ରାସ୍ତାଘାଟ କିମ୍ବା ଅନ୍ୟାନ୍ୟ ସୁବିଧା ପ୍ରତି ଆଦୌ ଦୃଷ୍ଟି ଦିଆଯାଇ ନ ଥିବା ବଡବଜାର ଯାତ୍ରା କମିଟି କାର୍ଯ୍ୟକାରୀ ସଭାପତି ସରୋଜ ସାହୁ ଅଭିଯୋଗ କରିଥିଲେ। ଠାକୁର ପଡା ଯାତ୍ରା କମିଟି ଶୋଭାଯାତ୍ରା ଅଇଁଠାପାଲିରୁ ଆରମ୍ଭ ହୋଇ ଫାଟକ ପର୍ଯ୍ୟନ୍ତ ହେବ ଏବଂ ବଡବଜାର ଯାତ୍ରା କମିଟି ଶୋଭାଯାତ୍ରା ବାଲିବନ୍ଧାରୁ ଆରମ୍ଭ ହୋଇ ସମଲେଇ ମନ୍ଦିର, ବଡବଜାର ଦେଇ କ୍ଷେତରାଜପୁର ଆଦି ଅଞ୍ଚଳରେ ପରିକ୍ରମା କରିବା କାର୍ଯ୍ୟକ୍ରମ ରହିଛି। ବାଲିବନ୍ଧାଠାରେ ଗତ ୨୧ବର୍ଷର କନ୍ୟା ମାତାପିତା ଏବଂ ବ୍ରାହ୍ମଣ ସମାଜ ପକ୍ଷରୁ ମହାଆଳତୀ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଉଭୟ କମିଟି ପକ୍ଷରୁ ସଚେତନତା ଏବଂ ଛୋଟ ଛୁଆମାନଙ୍କୁ ଆକର୍ଷିତ କରିବା ଭଳି ପ୍ରଜ୍ଞାପନ ମେଢ ଏବଂ ପରଭା ପ୍ରଦର୍ଶନ କରାଯିବା ଯୋଜନା ରହିଥିବା ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଠାକୁରପଡା ଯାତ୍ରା କମିଟି ଅଧ୍ୟକ୍ଷ ଲିଙ୍ଗରାଜ ପରିଡା, ସାଧାରଣ ସମ୍ପାଦକ ସନ୍ଦିପ ନାୟକ ଏବଂ ବଡବଜାର କମିଟି ସଭାପତି କିଶୋର ପ୍ରଧାନ ଉପସ୍ଥିତ ଥିଲେ।

## ଫାଦରଙ୍କୁ ମାଡ଼ମାରି ୨.୮ଲକ୍ଷ ଟଙ୍କା ଲୁଟ୍

**କୁଚିଣ୍ଡା,୨୩।୫(ବିରଞ୍ଚି ଦର୍ଚ୍ଚା)**

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଅନ୍ତର୍ଗତ ଚାରଭାଟି ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ୨ଜଣ ଫାଦରଙ୍କୁ ନିଘୁଲ ମାଡ଼ ମାରି ଦୁର୍ବୃତ୍ତମାନେ ୨ଲକ୍ଷ ୮୦ହଜାର ଟଙ୍କା ସହ ଏକ ମୋବାଇଲ ଫୋନ ଲୁଟି ନେଇଛନ୍ତି। ଆହତ ଫାଦରମାନେ ହେଲେ ସିଲିବିନିସ ଖେସ ଓ ଲିନୁସ ଜର୍ଜ। ସେମାନେ ଏବେ ବୁର୍ଲା ଭିମସାରରେ ଚିକିତ୍ସିତ ହେଉଛନ୍ତି।ଫାଦର ସିଲିବିନିସ ରିପୋର୍ଟ କ୍ରମେ ପୋଲିସ କୁଚିଣ୍ଡା ଥାନାରେ (ନଂ.୧୩୮/୨୦୨୫)ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନା ଅନୁଯାୟୀ, ସିଲିବିନିସ ଖେସ ଓ ଲିନୁସ ଜର୍ଜ ନାମକ ଦୁଇ ଜଣ ଫାଦର ବକ୍ସମା ପଞ୍ଚାୟତର ଚାରଭାଟି ଗ୍ରାମରେ ପରିବାର ସହ ରହୁଥିଲେ। ଗୁରୁବାର ରାତି ପ୍ରାୟ ସାଢେ ଗୋଟାଏରେ କୁକୁର ଭୁକିବାରୁ ଫାଦର ସିଲିବିନିସ ଘର ବାହାରକୁ ବାହାରିଥିଲେ। ଦୁଇଜଣ ତାଙ୍କୁ ମାଡ଼ି ବସି ମାଡ ମାରିବାସହ ତାଙ୍କ ହାତକୁ ପଛରୁ କପଡାରେ ବାନ୍ଧିଦେଇଥିଲେ। ପରେ ୭ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଅନ୍ୟତମ ଫାଦର ଲିନୁସ, ତାଙ୍କ ରୋଷେୟାଙ୍କ ସହ ପରିବାରର ଜଣେ ମହିଳାଙ୍କୁ ଗୋଟିଏ କୋଠରିରେ ବନ୍ଦ କରି ଟଙ୍କା କେଉଁଠି ରଖିଛ ବୋଲି କହି ନିଘୁଲ ମାଡ ମାରିଥିଲେ। ତାଙ୍କଠାରୁ ଚାବି ନେଇ ୨ ଲକ୍ଷ ୮୦ ହଜାର ଟଙ୍କା ଓ ଗୋଟିଏ ମୋବାଇଲ ଫୋନ ନେଇ ଫେରାର ମାରିଥିଲେ। ଦୁର୍ବୃତ୍ତଙ୍କ ମାଡ଼ରେ ଆହତ ହୋଇଥିବା ୨ ଫାଦର ଶୁକ୍ରବାର ସକାଳେ ଚିକିତ୍ସା ପାଇଁ କୁଚିଣ୍ଡା ମେଡିକାଲରେ ଭର୍ତ୍ତି ହୋଇଥିଲେ। ଉନ୍ନତ ଚିକିତ୍ସା ନିମନ୍ତେ ଡାକ୍ତର ଉଭୟଙ୍କୁ ବୁର୍ଲା ଭିମସାର ରେଫର କରିଛନ୍ତି। ତଦନ୍ତ ଜାରି ରହିଛି ଖୁବଶୀଘ୍ର ଦୁର୍ବୃତ୍ତଙ୍କ ଧରାଯିବ ବୋଲି ଆଇଆଇସି ବାମଦେବ ଶଙ୍ଖୁଆଳ କହିଛନ୍ତି।

## ବକ୍ସମାରେ ନୂତନ ଲ୍ୟାମ୍ପ୍ସ ଉଦ୍‌ଘାଟିତ



ଏଆର୍‌ସିଏସ୍ ପ୍ରଦୀପ କୁମାର ପ୍ରଧାନ ନୂତନ ଲ୍ୟାମ୍ପ୍ସକୁ ଉଦ୍‌ଘାଟନ କରୁଛନ୍ତି।

**କୁଚିଣ୍ଡା,୨୩।୫(ବିରଞ୍ଚି ଦର୍ଚ୍ଚା)**

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଳକର ବକ୍ସମାଠାରେ ଶୁକ୍ରବାର ନୂତନ ଲ୍ୟାମ୍ପ ଉଦ୍‌ଘାଟିତ ହୋଇଯାଇଛି। କୁଚିଣ୍ଡା ସମବାୟ ସମିତି ସମୂହର ସହକାରୀ ନିବନ୍ଧକ(ଏଆର୍‌ସିଏସ) ପ୍ରଦୀପ କୁମାର ପ୍ରଧାନ ମୁଖ୍ୟଅତିଥିଭାବେ ଯୋଗଦେଇ ନୂତନ ଲ୍ୟାମ୍ପ୍ସ କାର୍ଯ୍ୟାଳୟକୁ ଫିତାକାଟି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏଆରସିଏସ୍ ପ୍ରଧାନ କହିଥିଲେ, ସମବାୟ ସେବାକୁ ଲୋକଙ୍କ ପାଖକୁ ପହଞ୍ଚାଇବା ଉଦ୍ଦେଶ୍ୟରେ ସମବାୟ ସେବାର ବିକେନ୍ଦ୍ରୀକରଣ କରାଯାଉଛି। ଫଳରେ ଏହି ଲ୍ୟାମ୍ପ୍ସ ଦ୍ୱାରା ବକ୍ସମା ଓ ଚନ୍ଦନିମାଲ ପଞ୍ଚାୟତର ଚାଷୀ ଭଉଣୀ ଭାଇମାନେ ସୁବିଧାରେ ସମବାୟ ସେବା ପାଇପାରିବେ। ପୂର୍ବରୁ କୁଚିଣ୍ଡା ଲ୍ୟାମ୍ପ୍ସ ଅଧିନରେ କୁଚିଣ୍ଡା ଏନଏସି ସମେତ, ତେଲିଡିଲେଇମାଲ, କୁଟୁରାଚୁଆଁ, କୁଲେଇଗଡ, ବକ୍ସମା ଓ ଚନ୍ଦନୀମାଲ ପଞ୍ଚାୟତ ରହିଥିବା ବେଳେ ଚାଷୀମାନେ ଅସୁବିଧା ସମ୍ମୁଖୀନ ହେଉଥିଲେ। ତେଣୁ ବକ୍ସମାଠାରେ ଏକ ନୂତନ ଲ୍ୟାମ୍ପ୍ସ ଖୋଲିବା ପ୍ରସ୍ତାବକୁ ସରକାର ମଞ୍ଜୁର କରି ଆର୍ଥିକ ଅନୁଦାନ ଯୋଗାଇ ଦେଇଥିଲେ। ସେଥି ନିମନ୍ତେ ୨୦୨୩ରେ ତତ୍କାଳୀନ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ନୂତନ ଲ୍ୟାମ୍ପ୍ସ କାର୍ଯ୍ୟାଳୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏସଏଆରସିଏସ ମଙ୍ଗଳରାମ ମୁର୍ମୁ, ସମବାୟ ନିରୀକ୍ଷକ ଶିବ ପ୍ରସାଦ ମହାରଣା ଓ ସୋମିତ୍ରୀ ବେହେରା, କୁଚିଣ୍ଡା ଲ୍ୟାମ୍ପ୍ସ ସଭାପତି ନବୀନ ମାଝି, ଉପସଭାପତି ହୁମସିନୀ ଠାକୁର, ବକ୍ସମା ଲ୍ୟାମ୍ପ୍ସ ପରିଚାଳନା ନିର୍ଦ୍ଦେଶକ ତୁରଙ୍ଗଲାଲ ରାଉତ, କୁଚିଣ୍ଡା ଲ୍ୟାମ୍ପ୍ସ ପରିଚାଳନା ନିର୍ଦ୍ଦେଶକ ହିତେଶ ପାଣି, ଲ୍ୟାମ୍ପ୍ସ କର୍ମଚାରୀଙ୍କ ସମେତ ବକ୍ସମା ଓ ଚନ୍ଦନୀମାଲ ପଞ୍ଚାୟତର ଚାଷୀମାନେ ଉପସ୍ଥିତ ଥିଲେ।

### ସଂକ୍ଷେପରେ

## ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, ହରିବଂଶ ପଠନ ଉଦ୍‌ଯାପିତ

**ବାଉଁଶୁଣୀ,୨୩।୫(ଦେବାଶିଷ ନେପାକ)**

ବୌଦ୍ଧ ବ୍ଲକ ଅଁଳାପାଲି ଗ୍ରାମ ପଞ୍ଚାୟତର ସାହୁପଡା ଗ୍ରାମରେ ୯ ଦିନ ଧରି ଚାଲିଥିବା ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଓ ହରିବଂଶ ପଠନ କାର୍ଯ୍ୟକ୍ରମ ଶୁକ୍ରବାର ଅପରାହ୍ନ ୫ଟାରେ ଉଦ୍‌ଯାପିତ ହୋଇଯାଇଛି। ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ କର୍ତ୍ତା ଭାବରେ ଭାଗିରଥୀ ସାହୁ ଓ ତାଙ୍କ ସ୍ତ୍ରୀ ସଙ୍ଗୀତା ସାହୁ ରହିଥିବା ବେଳେ ପୁରାଣ ପାଠକ ଅନନ୍ତ ଚରଣ ପଣ୍ଡା ହରି ବଂଶ ପଠନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆଖପାଖ ଗ୍ରାମର ବହୁ ଶ୍ରଦ୍ଧାଳୁ ଯୋଗଦାନ କରିଥିଲେ।

## ବାଇପାସ୍ ରାସ୍ତା ନିର୍ମାଣ ବେଳେ ଉତ୍ତେଜନା

**ଟିଟିଲାଗଡ,୨୩।୫(ଶରତ ମିଶ୍ର)**

ଟିଟିଲାଗଡ଼ ସହର ଦେଇ ଯାଇଥିବା ଜାତୀୟ ରାଜପଥ ନଂ ୫୯ର ବାଇପାସ୍ ରାସ୍ତା ନିର୍ମାଣ ପାଇଁ ଗ୍ରାମାଞ୍ଚଳର ଚାଷୀଙ୍କ ଜମି ଅଧିଗ୍ରହଣ ନେଇ ଶୁକ୍ରବାର ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା । ଚାଷୀଙ୍କ ଉର୍ବର ଚାଷ ଜମିକୁ ଶାଗ ମାଛ ଦରରେ ନେଇ ସର୍ବହରା କରାଯାଉଛି ବୋଲି ଜମି ହରାଇବାକୁ ଥିବା ଚାଷୀମାନେ ଅଭିଯୋଗ କରି ଆସିବା ସହ ନିର୍ମାଣ କାର୍ଯ୍ୟକୁ ବିରୋଧ କରିଆସୁଛନ୍ତି। ପୂର୍ବରୁ ପୋଲିସ ଲଗାଇ ଜମି ଅଧିଗ୍ରହଣ ପାଇଁ ଜାତୀୟ ରାଜପଥ ବିଭାଗ ଅନେକ ଥର ଉଦ୍ୟମ କରିଥିଲେ ହେଁ ବିରୋଧ ଯୋଗୁ ତାହା ଫସର ଫାଟିଥିଲା । ଶୁକ୍ରବାର ପୁଣି ୪ ପ୍ଲାଟୁନରୁ ଅଧିକ ପୋଲିସ ବାହିନୀ, ଭାରପ୍ରାପ୍ତ ମାଜିଷ୍ଟ୍ରେଟ ସନ୍ଦୀପ ଚନ୍ଦ୍ରକାର, ଟିଟିଲାଗଡ଼ ଏସଡ଼ିପିଓ ଯଶୋବନ୍ତ ପ୍ରଧାନୀ , ଜାତୀୟ ରାଜପଥ ବିଭାଗ ଯନ୍ତ୍ରୀ ଓ ଠିକାଦାରଙ୍କ ଉପସ୍ଥିତିରେ ବଳପୂର୍ବକ ରାସ୍ତା ନିର୍ମାଣ ପାଇଁ ଉଦ୍ୟମ ହୋଇଥିଲା । ଏନେଇ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ଟିଟିଲାଗଡ ବ୍ଳକର କୁମୁଡା ଗ୍ରାମର ଚାଷୀ ପରିବାରର ମହିଳା, ଶିଶୁ ରାସ୍ତା ନିର୍ମାଣରେ ନିୟୋଜିତ ଜେସିବି ମେଶିନ ସମ୍ମୁଖରେ ଶୋଇ ପଡ଼ିଥିଲେ । ଫଳରେ ପ୍ରଶାସନ ବାଧ ହୋଇ କାମ ବନ୍ଦ କରିଥିଲା । ବର୍ଷ ବର୍ଷ ଧରି ଏହି ଗ୍ରାମର ଚାଷୀ ପରିବାର ଚାଷ କରି ନିଜର ଗୁଜୁରାଣ ମେଣ୍ଟାଇ ଆସୁଛନ୍ତି । କିନ୍ତୁ ସେମାନଙ୍କୁ ଉଚିତ୍ କ୍ଷତିପୂରଣ ଦେବାରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଅନ୍ୟପକ୍ଷରେ ଟିଟିଲାଗଡ଼ ସହର ଦେଇ ଯାଇଥିବା ଜାତୀୟ ରାଜପଥକୁ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲ କରିଥିବା ବେଳେ ଗାଁଗଣ୍ଡାର ଚାଷ ଜମିକୁ ଟାର୍ଗେଟ କରି ବାଇପାସ ରାସ୍ତା ନିର୍ମାଣ ପରିକଳ୍ପନା କରାଯାଇଥିବା ଅଭିଯୋଗ ହୋଇଛି ।

## ସେନାର ପରାକ୍ରମ ଭାରତୀୟଙ୍କ ଗର୍ବ



ସମ୍ବଲପୁର ସମଲେଇ ମନ୍ଦିରରୁ କ୍ଷେତରାଜପୁର ପର୍ଯ୍ୟନ୍ତ ବାହାରିଥିବା ପରାକ୍ରମ ଶୋଭାଯାତ୍ରାରେ ଭାଜପା ନେତା ଓ କର୍ମୀ।

**ସମ୍ବଲପୁର,୨୩।୫(ଭବାନୀ ଶଙ୍କର ଭୋଇ)**

**ସମ୍ବଲପୁରରେ ପରାକ୍ରମ ଶୋଭାଯାତ୍ରା**

ଅପରେଶନ ସିନ୍ଦୂରର ସଫଳତା, ଦେଶର ସୈନ୍ୟଶକ୍ତିର ଶୌର୍ଯ୍ୟ ଓ ପରାକ୍ରମକୁ ସମ୍ମାନ ଜଣାଇବାର ପାଇଁ ସମ୍ବଲପୁରରେ ଶନିବାର ଭାଜପା ପକ୍ଷରୁ ପରାକ୍ରମ ଶୋଭାଯାତ୍ରା ଅୟୋଜିତ ହୋଇଯାଇଛି। ଭାରତୀୟ ସେନମାନେ ନିପୁଣତାର ସହ ଆତଙ୍କବାଦୀ ତଥା ସେମାନଙ୍କୁ ପ୍ରଶୟ ଦେଉଥିବା ପାକିସ୍ତାନକୁ ଉଚିତ ଜବାବ ଦେଇଛି। ଭାଜପା ସମଲେଶ୍ୱରୀ ମଣ୍ଡଳ ସଭାପତି ରିକି ବେହେରାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଯୋଗ ଦେଇଥିଲେ। ଅପରେଶନ ସିନ୍ଦୂରରେ ଭାରତୀୟ ସେନାର ପରାକ୍ରମ ସମଗ୍ର ଦେଶବାସୀଙ୍କୁ ଗର୍ବିତ କରିଥିବା ସେ କହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ସାମରିକ ଶକ୍ତି କ୍ଷେତ୍ରରେ ବିଶ୍ୱରେ ନୂଆ ପରିଚୟ ତିଆରି କରିଥିବା ଏବଂ ଆତଙ୍କବାଦ ବିରୋଧରେ ଦେଶରେ ନିର୍ଣ୍ଣାୟକ ଲଢେଇ ଜାରି ରହିଥିବା ମିଶ୍ର ଏହି ଅବସରରେ କହିଥିଲେ। ସମଲେଇ ମନ୍ଦିର ଠାରୁ ଏହି ପଦଯାତ୍ରା ଆରମ୍ଭ ହୋଇ କ୍ଷେତରାଜପୁର ସ୍ଥିତ ଅଗ୍ରସେନ ଭବନ ପର୍ଯ୍ୟନ୍ତ ଯାଇଥିଲା। ହାତରେ ତ୍ରିରଙ୍ଗା ପତାକା ଧରି ଜନସାଧାରଣ ପରାକ୍ରମ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ପଦଯାତ୍ରାରେ ଶିକ୍ଷାବିତ୍ ଡ ଶ୍ୟାମସୁନ୍ଦର ଧର, ଅଭିନେତା ଶୁଶିଲ ଦାସ, ଭାଜପାର ବରିଷ୍ଠ ନେତା ଶୁଶାନ୍ତ ପୁରୋହିତ, ଜିଲା କୃଷକ ମୋର୍ଚ୍ଚା ସଭାପତି ସମୀର ରଞ୍ଜନ ବାବୁ, ରାମଦାସ ପଣ୍ଡା, ଶମ୍ଭୁ ବରେଲିଆ, ଶୁଭଶ୍ରୀ ମିଶ୍ର, ରାହୁଲ ମୋଦକ, ରୁନୁ ପ୍ରଧାନ, ବିଶ୍ୱ ରଞ୍ଜନ ଜେନା, ହୀରା ସିଂହ, ମନୋଜ ପଲସାନିଆ, ମୁକେଶ ପଧାନ, ଅନସୂୟା ସାମଲ ପ୍ରମୁଖ ସାମିଲ ହୋଇଥିଲେ।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

**ତରଭା, ୨୩।୫(ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣପୁର ଜିଲା ତରଭା ଥାନା ଅଧିନ ଦୁବଲା ଗ୍ରାମର ଜଣେ ଯୁବକଙ୍କ ବିଦ୍ୟୁତ୍‌ଘାତରେ ମୃତ୍ୟୁ ଘଟିଛି। ମୃତକ ହେଲେ ମନୋଜ ସାହୁ(୪୭)। ପୂର୍ବାହ୍ନ ପ୍ରାୟ ୧୧ଟା୩୦ରେ ମନୋଜ ଗାଧୋଇ ଆସି ଘରେ ଥିବା ତାରରେ ଓଦା କପଡା ଶୁଖାଉଥିଲେ। ହେଲେ କୌଣସି କାରଣରୁ ଉକ୍ତ ତାରରେ ବିଦ୍ୟୁତ୍ ସରବରାହ ହୋଇଥିବାରୁ ସେ କରେଣ୍ଟ ପ୍ରଭାବରେ ଛାଟି ହୋଇ ତଳେ ପଡିଥିଲେ। ମୃତକଙ୍କ ସ୍ତ୍ରୀ ସୂର୍ଯ୍ୟକାନ୍ତି ଏହା ଦେଖି ମନୋଜଙ୍କୁ ବଞ୍ଚାଇବାକୁ ଯାଇ ବିଜୁଳି ତାରକୁ ଏକ ଠେଙ୍ଗାରେ ପିଟି ଦେଇଥିଲେ। ହେଲେ ସେହି ତାର ଛିଣ୍ଡି ସୂର୍ଯ୍ୟକାନ୍ତିଙ୍କ ବେକରେ ଗୁଡାଇ ହୋଇଯାଇଥିଲା। ସୌଭାଗ୍ୟକୁ ସେହି ସମୟରେ ବିଦ୍ୟୁତ୍ ସରବରାହ ବନ୍ଦ ହୋଇ ଯାଇଥିବାରୁ ସେ ନିଶ୍ଚିତ ବିପଦରୁ ବର୍ତ୍ତି ଯାଇଥିଲେ। ପରିବାର ଲୋକେ ମନୋଜଙ୍କୁ ଚିକିତ୍ସା ପାଇଁ ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଣିଥିଲେ। ହେଲେ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ କମସରା ଫାଣ୍ଡି ଅଧିକାରୀ ଗଜାନନ ବେହେରା ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଥିଲେ। ମୃତକଙ୍କ ସ୍ତ୍ରୀ ସୂର୍ଯ୍ୟକାନ୍ତିଙ୍କ ଲିଖିତ ଅଭିଯୋଗକ୍ରମେ ତରଭା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨/୨୫) ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

## ୬୮ ଲିଟର ମଦ ଜବତ, ଜଣେ ଗିରଫ

**ବୌଦ୍ଧ,୨୩।୫(ଅଜିତ କୁମାର ବାରିକ)**

ବୌଦ୍ଧ ପୋଲିସ ବାମଣ୍ଡା ଗ୍ରାମ ନିକଟରେ ଚାଲିଥିବା ଏକ ଢାବା ଉପରେ ଶୁକ୍ରବାର ଚଢାଉ କରି ୬୮ ଲିଟର ବିଦେଶୀ ମଦ ଜବତ କରିଛି। ଏହି ମାମଲାରେ ଢାବାର ଜଣେ କର୍ମଚାରୀ ରିତ ପ୍ରଧାନକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଜାତୀୟ ରାଜପଥରେ ଦୁର୍ଘଟଣା ରୋକିବା ପାଇଁ ପୂର୍ବରୁ ପୋଲିସ ପକ୍ଷରୁ ଢାବାଗୁଡିକରେ ମଦ ବିକ୍ରି ବନ୍ଦ କରିବାକୁ ଢାବା ମାଲିକମାନଙ୍କୁ ଚେତାବନୀ ଦେଇଥିଲା। ତେବେ ଉକ୍ତ ଢାବାରେ ମଦ ବିକ୍ରି ହେଉଥିବା ସୂଚନା ପାଇ ପୋଲିସ ପକ୍ଷରୁ ଚଢାଉ କରାଯାଇଥିଲା।

## ପରିବାର ଫେରିପାଇଲେ ବୃଦ୍ଧ

**ସମ୍ବଲପୁର,୨୩।୫(ଭବାନୀ ଶଙ୍କର ଭୋଇ)**

ଚିକିତ୍ସା ପରେ ସ୍ୱଇଚ୍ଛା ସହାୟତାରେ ଶନିବାର ନିଜ ପରିବାର ପାଖକୁ ଫେରିଛନ୍ତି ମଧୁସୂଦନ ସାହୁ। ଛଅ ମାସ ତଳେ ତାଙ୍କୁ ଅଚେତ ଅବସ୍ଥାରେ ସମ୍ବଲପୁର ଫାଟକ ନିକଟରେ ପଡି ରହିଥିବା ଖବର ପାଇତାଙ୍କୁ ସ୍ୱଇଚ୍ଛା ସଙ୍ଗଠନର କର୍ମକର୍ତ୍ତାମାନେ ଉଦ୍ଧାର କରିଥିଲେ। ସେତେବେଳେ ତାଙ୍କର ମାନସିକ ସ୍ଥିତି ଠିକ ନ ଥିବାରୁ ତାଙ୍କର ପ୍ରାଥମିକ ଚିକିତ୍ସା କରିବା ପରେ ଜୀବନପଥ ଆଶ୍ରମରେ ଥଇଥାନ କରାଯାଇଥିଲା। ଅଧିକ ଚିକିତ୍ସା ପରେ ସେ ମାନସିକସ୍ତରରେ ସମ୍ପୂର୍ଣ୍ଣ ସୁସ୍ଥ ହେଲାପରେ ନିଜ ପରିଚୟ ଦେଇଥିଲେ। ତାଙ୍କର ଘର ବରଗଡ଼ ଜିଲା ପାଇକମାଳ ବ୍ଲକ ଅନ୍ତର୍ଗତ ଭେରୁଆମୁଣ୍ଡା ବୋଲି ସେ କହିଥିଲେ। ଏହାପରେ ସ୍ୱଇଚ୍ଛା ସଦସ୍ୟ ତାଙ୍କ ଠିକଣାରେ ଯୋଗାଯୋଗ କରିବା ପରେ ପରିବାର ଲୋକ ତାଙ୍କୁ ଛଅ ମାସ ହେବ ବିଭିନ୍ନ ସ୍ଥାନରେ ଖୋଜିଥିବା କହିଥିଲେ। ଏହାସହ ସେ ତାଙ୍କୁ ଘରକୁ ଫେରାଇ ନେବାକୁ ଇଛା ପ୍ରକାଶ କରିଥିଲେ। ମଧୁସୂଦନ ମଧ ତାଙ୍କ ପରିବାର ଲୋକଙ୍କୁ ଚିହ୍ନିବା ପରେ ତାଙ୍କ ନାତି ଯଶୋବନ୍ତ ସାହୁ ଜୀବନ ପଥ ଆଶ୍ରମରେ ପହଞ୍ଚି ମଧୁସୂଦନଙ୍କୁ ନିଜ ସାଙ୍ଗରେ ଘରକୁ ନେଇଥିଲେ। ଏହି ମହତ କାମରେ ଆର୍ତ୍ତତ୍ରାଣ ଶତପଥୀ, ସୋନୁ ସିଂହ, ସନ୍ଦିପ ପଣ୍ଡା, ଜୟଶ୍ରୀ ତ୍ରିପାଠୀ, ଲଳିତ ପଟ୍ଟନାୟକ, ଚୁମକି କୁମାରୀ ସହଯୋଗ କରିଥିଲେ।



ସ୍ୱଇଚ୍ଛାର ସଦସ୍ୟଙ୍କ ସହ ମଧୁସୂଦନ।

## କୌଣସି କାର୍ଯ୍ୟରେ ଅବହେଳା ହେଲେ ଆରଟିଓ ଦାୟୀ



ବୈଠକରେ ଉପସ୍ଥିତ ପରିବହନ କମିଶନର ଓ ଅନ୍ୟ ଅଧିକାରୀ ମାନେ ।

**ଛତ୍ରପୁର,୨୩।୫(ଦିଲୀପ ସାମଲ)**

**ଦକ୍ଷିଣାଞ୍ଚଳ, ପଶ୍ଚିମାଞ୍ଚଳ ଜୋନସ୍ତରୀୟ ସମୀକ୍ଷା କଲେ ପରିବହନ କମିଶନର**

ଦକ୍ଷିଣାଞ୍ଚଳ ଓ ପଶ୍ଚିମାଞ୍ଚଳ ଜୋନ୍‌ସ୍ତରୀୟ ଆରଟିଓମାନଙ୍କ କାର୍ଯ୍ୟ ଦକ୍ଷତା ସମ୍ବନ୍ଧୀୟ ସମୀକ୍ଷା ବୈଠକ ଶୁକ୍ରବାର ଛତ୍ରପୁରସ୍ଥିତ ଋଷିକୁଲ୍ୟା ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ପରିବହନ କମିଶନର ଅମିତାଭ ଠାକୁର ଯୋଗଦେଇ ରାଜସ୍ୱ ଆଦାୟ, ଏନଫୋର୍ସମେଣ୍ଟ, ଆଧୁନିକୀକରଣ ଓ ସଡକ ସୁରକ୍ଷା ଉପରେ ସମୀକ୍ଷା କରିଥିଲେ। ଆରଟିଓମାନେ ନିଜ କାର୍ଯ୍ୟ ଶୈଳୀ ଉପରେ ଅଧିକ ଫୋକସ ଦେବାକୁ ପରାମର୍ଶ ଦେଇଥିଲେ। ଟ୍ରାଫିକ ଇନ୍ସପେକ୍ଟର, ଟ୍ରାଫିକ ସବ ଇନ୍ସପେକ୍ଟର ଏବଂ ଆରଟିଓ, ଏଆରଟିଓ ଓ ଏମଭିଆଇମାନେ ନିଜ ମଧ୍ୟରେ ସମନ୍ୱୟ ରଖି ବିଭିନ୍ନ କାର୍ଯ୍ୟ କରିବା ଆବଶ୍ୟକ। ଗାଡି ପଞ୍ଜୀକରଣ, ଏରିଅର ଟାକ୍ସ, ପେନାଲଟି, ଚାଲାଣ ଇସ୍ୟୁ ଓ ଏନ୍‌ଫୋର୍ସମେଣ୍ଟକୁ ଅଧିକ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ କୁହାଯାଇଛି । ବିଭାଗର କୌଣସି ବି କାର୍ଯ୍ୟରେ ଅବହେଳା ହେଲେ ଆରଟିଓମାନେ ଦାୟୀ ରହିବେ ବୋଲି ମଧ କମିଶନର କଡା ନିର୍ଦ୍ଦେଶ ଦେଇଛନ୍ତି।

ଦକ୍ଷିଣାଞ୍ଚଳ ଓ ପଶ୍ଚିମାଞ୍ଚଳ ଜୋନ୍‌ର ଗଞ୍ଜାମ, କନ୍ଧମାଳ, ଗଜପତି, ବୌଦ୍ଧ, ଭଞ୍ଜନଗର, କଳାହାଣ୍ଡି, କୋରାପୁଟ, ରାୟଗଡା, ନବରଙ୍ଗପୁର, ନୂଆପଡା ଓ ମାଲକାନଗିରି ଆର୍‌ଟିଓ ବୈଠକରେ ଉପସ୍ଥିତ ରହିଥିବା ବେଳେ ପରିବହନ କମିଶନର ସମସ୍ତ ଜିଲାର ସମୀକ୍ଷା କରିଥିଲେ। ଏହି ୧୧ଟି ଜିଲାରେ ମୋଟ ୯୮୮୭୬ ହାଇ ସିକ୍ୟୁରିଟି ରେଜିଷ୍ଟ୍ରେଶନ ପ୍ଲେଟ କେସ୍ ରହିଥିବା ବେଳେ ୯୧,୩୭୦ଟି ଫିକ୍ସଡ ହୋଇଛି । ୭୧୪୬ ପ୍ଲେଟ ପଡିରହିଛି। ଅଧିକାରୀମାନେ ନିଜ ଚାକିରି ସୁରକ୍ଷା ନିମନ୍ତେ ଧର୍ମକୁ ଆଖି ଠାର ଭଳି ଏନଫୋର୍ସମେଣ୍ଟ ନ କରିବାକୁ କୁହାଯାଇଛି। ବର୍ଷ ବର୍ଷ ଧରି ଫିଟନେସ ନ ଥାଇ ଚାଲୁଥିବା ଗାଡିଗୁଡିକୁ ଧରି ସିଜ୍ କରିବା, ହେଲମେଟ ଚେକିଂ, ମଦ୍ୟପାନ କରି ଗାଡି ଚଳାଇବା, ଓଭର ଲୋଡିଂ ଆଦି ସମସ୍ତ ଦିଗ ଉପରେ ଧ୍ୟାନ ଦେବାକୁ କୁହାଯାଇଛି। ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପରିବହନ ବିଭାଗର ଆଡିଶନାଲ କମିଶନର (ପ୍ରଶାସକ) ଇନ୍ଦ୍ରମଣି ନାୟକ, ଆଡିଶନାଲ କମିଶନର(ସଡକ ସୁରକ୍ଷା) ଦୀପ୍ତି ରଞ୍ଜନ ପାତ୍ର, ଆଡିଶନାଲ କମିଶନର(ଏନଫୋର୍ସମେଣ୍ଟ) ଲାଲମୋହନ ସେଠୀ, ଜେସି ଟି ସମରେନ୍ଦ୍ର ପଟ୍ଟନାୟକଙ୍କ ସମେତ ୨ଜଣ ଡେପୁଟି କମିଶନ ଏବଂ ସମସ୍ତ ଆରଟିଓ, ଏମଭିଆଇ ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ୨.୫୨ ଲକ୍ଷ କୋଟିର ବାର୍ଷିକ ରଣ ଯୋଜନା ଧାର୍ଯ୍ୟ ଲକ୍ଷ୍ୟ




୧୭୯ତମ ଏସ୍‌ଏଲ୍‌ବିସି ବୈଠକରେ ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

**ଭୁବନେଶ୍ୱର,୨୩ା୫**

୧୭୯ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି (ଏସ୍‌ଏଲ୍‌ବିସି) ବୈଠକ ଶୁକ୍ରବାର ଭୁବନେଶ୍ୱରର ଏକ ଘରୋଇ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ ଆର୍ଥିକ ସାକ୍ଷରତା ଉପରେ ସ୍ୱତନ୍ତ୍ର ଆଲୋଚନା ହୋଇଥିଲା। ଏ ନେଇ ୟୁକୋ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଏସ୍‌ଏଲ୍‌ବିସି ଓଡ଼ିଶାର ଅଧ୍ୟକ୍ଷ ବିଜୟ କୁମାର ନିବୃତ୍ତି କାମଲେ କହିଛନ୍ତି, ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ରାଜ୍ୟ ବାର୍ଷିକ କ୍ରେଡିଟ୍ ଯୋଜନା ଅଧୀନରେ ଓଡ଼ିଶାର ବ୍ୟାଙ୍କଗୁଡ଼ିକ ୧.୯୪ ଲକ୍ଷ କୋଟି ଟଙ୍କା ହାସଲ କରିଛନ୍ତି, ଯାହା ଧାର୍ଯ୍ୟ ଲକ୍ଷ୍ୟର ୯୨.୬୧% ବୋଲି କୁହାଯାଉଛି। ରାଜ୍ୟର ବ୍ୟାଙ୍କଗୁଡ଼ିକ କୃଷି କ୍ଷେତ୍ରରେ ୧୦୨.୨୭% ଏବଂ ଏମ୍‌ଏସ୍‌ଏମ୍‌ଇ ଲକ୍ଷ୍ୟ ଅନୁଯାୟୀ ୯୨.୬୮% ହାସଲ କରିଛନ୍ତି। ସେହିଭଳି ସାମାଜିକ ସୁରକ୍ଷା ଯୋଜନା ଅଧୀନରେ ବ୍ୟାଙ୍କଗୁଡ଼ିକର ସଫଳତା ଉଲ୍ଲେଖନୀୟ ରହିଛି। ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା ଅଧୀନରେ ୧୨୯.୮୩%, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଅଧୀନରେ ୧୧୬.୬୪%, ଅଟଳ ପେନ୍‌ସନ ଯୋଜନା ଅଧୀନରେ ୧୧୦.୮୫% ଏବଂ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଅଧୀନରେ ୧୦୬.୦୧% ଏବଂ ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଅଧୀନରେ ୨୭,୦୦୦ରୁ ଅଧିକ ବୀମା ଦାବିର ସମାଧାନ କରାଯାଇଛି।

ଅପରପକ୍ଷରେ ଓଡ଼ିଶା ସରକାରଙ୍କ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି, ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବାର୍ଷିକ ରଣ ଯୋଜନା ଲକ୍ଷ୍ୟ ୨.୫୨ ଲକ୍ଷ କୋଟି ଟଙ୍କା ରଖାଯାଇଛି। ଏପରିକି ବ୍ୟାଙ୍କଗୁଡ଼ିକୁ କୃଷି ଏବଂ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ଉପରେ ବିଶେଷ ଗୁରୁତ୍ୱ ସହ ସମଗ୍ର ଓଡ଼ିଶାର ଅଭିବୃଦ୍ଧି ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଛନ୍ତି। ଏହାଦ୍ୱାରା ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟିହେବ ବୋଲି ସେ ମତପ୍ରକାଶ କରିଛନ୍ତି। ସେପରି ଭାରତୀୟ ରିଜର୍ଭ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରୀୟ ନିର୍ଦ୍ଦେଶକ ଡ. ସାରଦା ପ୍ରସନ୍ନ ମହାନ୍ତି ରାଜ୍ୟର ବିକାଶ ପାଇଁ ବାର୍ଷିକ ରଣ ଯୋଜନାର ଧାର୍ଯ୍ୟ ଲକ୍ଷ୍ୟ ହାସଲ ଉପରେ ଗୁରୁତ୍ୱାରୋପ କରିଥିଲେ। ଚଳିତ ବର୍ଷ ଲକ୍ଷ୍ୟ ହାସଲ କରିବା ପାଇଁ ଆରମ୍ଭରୁ ପ୍ରୟାସ କରିବାକୁ ବ୍ୟାଙ୍କଗୁଡ଼ିକୁ ପରାମର୍ଶ ସେ ଦେଇଥିଲେ। ଜିଲ୍ଲାସ୍ତରରେ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀମାନଙ୍କ ସମସ୍ୟାର ସମାଧାନ ପାଇଁ ଟାଉନ ହଲ୍ ବୈଠକ ଆୟୋଜନ କରିବା ପାଇଁ ଅଗ୍ରଣୀ ଜିଲ୍ଲା ପ୍ରବନ୍ଧକମାନଙ୍କର ପ୍ରୟାସକୁ ସେ ଉଚ୍ଚପ୍ରଶଂସା କରିଥିଲେ। ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ବ୍ୟାଙ୍କଗୁଡ଼ିକୁ ସାମାଜିକ ସୁରକ୍ଷା ଯୋଜନାରେ ପଞ୍ଜୀକରଣ ଏବଂ ସହଜ ଦାବି ସମାଧାନ ଉପରେ ଧ୍ୟାନଦେବାକୁ ପରାମର୍ଶ ଦେଇଥିଲେ। ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ କିଷାନ କ୍ରେଡିଟ୍ କାର୍ଡ ସାଚୁରେଶନ ବୃଦ୍ଧି ଏବଂ ଆଲାଏଡ୍ କୃଷି କ୍ଷେତ୍ରର ଅଗ୍ରଗତି ଉପରେ ଗୁରୁତ୍ୱାରୋପ କରିଥିଲେ। ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ସାମଗ୍ରିକ ବିକାଶ ଏବଂ ନାଗରିକ କଲ୍ୟାଣ ପାଇଁ ଲକ୍ଷ୍ୟ ରଖାଯାଇଥିବା 'ଆମ ବୁସ୍‌ହକ ଏବଂ ଇ-ବସ୍ ସୁଧ ରିହାତି' ନାମକ ଦୁଇଟି ଯୋଜନାକୁ ଓଡ଼ିଶା ସରକାର ତ୍ୱରାନ୍ୱିତ କରିବା ପ୍ରକ୍ରିୟାରେ ଅଛନ୍ତି। ଏହି ଯୋଜନାଗୁଡ଼ିକର ଉନ୍ନତି ପାଇଁ ସମସ୍ତ ବ୍ୟାଙ୍କକୁ ପରାମର୍ଶ ଦେବାକୁ ଅନୁରୋଧ କରିଛନ୍ତି। ଭୁବନେଶ୍ୱର ନାବାର୍ଡର ମୁଖ୍ୟ ମହାପ୍ରବନ୍ଧକ, ନାବାର୍ଡ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପାଣ୍ଠି ଅଧୀନରେ ପ୍ରତିପୂରଣ ସୁବିଧା ପ୍ରଦାନ କରୁଛି। ୟୁକୋ ବ୍ୟାଙ୍କର ମହାପ୍ରବନ୍ଧକ ଏବଂ ଏସ୍‌ଏଲ୍‌ବିସି ଓଡ଼ିଶାର ସଂଯୋଜକ ଗୌତମ ପାତ୍ର ୨୦୨୫ ମାର୍ଚ୍ଚରେ ଶେଷ ହୋଇଥିବା ଆର୍ଥିକ ବର୍ଷ ପାଇଁ ସମସ୍ତ ବ୍ୟାଙ୍କର ପ୍ରଦର୍ଶନ ବିଷୟରେ ବିଶଦ ଆଲୋଚନା କରିଥିଲେ। ପରିଶେଷରେ ଏସ୍‌ଏଲ୍‌ବିସିର ଓଡ଼ିଶା ପ୍ରଭାରୀ ଲିଙ୍ଗରାଜ ନାୟକ ଧନ୍ୟବାଦ ଅଭିଭାଷଣ ପ୍ରଦାନ କରିଥିଲେ।

# ନାଲ୍‌କୋ ସମ୍ପ୍ରସାରଣ ପ୍ରକଳ୍ପଗୁଡ଼ିକର ସମ୍ପୂର୍ଣ୍ଣ ଉପରେ ସିଏମ୍‌ଡିଙ୍କ ଗୁରୁତ୍ୱ




ନାଲ୍‌କୋର ସିଏମ୍‌ଡି ବ୍ରିଜେନ୍ଦ୍ର ପ୍ରତାପ ସିଂହଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

**ଭୁବନେଶ୍ୱର,୨୩ା୫ (ଅଭୟ ଦାଶ)**

କେନ୍ଦ୍ର ଖଣି ମନ୍ତ୍ରଣାଳୟ ଅଧୀନ ନବରତ୍ନ ଉଦ୍ୟୋଗ ତଥା ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ)କୁ ନିକଟରେ ଆଉ ଏକ ସଫଳତା ମିଳିଛି। ୨୦୨୪-୨୫ ଆର୍ଥିକ ବର୍ଷରେ କମ୍ପାନୀ ଐତିହାସିକ ଆର୍ଥିକ ମାଇଲଖୁଣ୍ଟ ହାସଲ କରିଛି। ଏପରିକି ବ୍ୟବସାୟ କ୍ଷେତ୍ରରେ ମଧ ଉତ୍କୃଷ୍ଟତା ଏବଂ ଅଭିବୃଦ୍ଧିର ଏକ ନୂତନ ଯୁଗର ପ୍ରାରମ୍ଭ ହୋଇଛି। ଏହି ଉଲ୍ଲେଖନୀୟ ସଫଳତା କମ୍ପାନୀର ସ୍ଥିରତା, କାର୍ଯ୍ୟକ୍ଷମ ଉତ୍କର୍ଷ ଏବଂ ମୂଲ୍ୟବୋଧ ସୃଷ୍ଟିକୁ ସୂଚିତ କରୁଛି। ଏହି ପରିପ୍ରେକ୍ଷୀରେ କର୍ମଚାରୀମାନଙ୍କୁ ସମ୍ବୋଧିତ କରିବା ଅବସରରେ ନାଲ୍‌କୋର ସିଏମ୍‌ଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ କମ୍ପାନୀର ସୁସଂଗଠିତ କାର୍ଯ୍ୟପ୍ରଣାଳୀ, ଆର୍ଥିକ ସୁପରିଚାଳନା, କର୍ମଚାରୀଙ୍କ ପ୍ରତିବଦ୍ଧତା ଏବଂ ନାଲ୍‌କୋର ରଣନୈତିକ କାର୍ଯ୍ୟପନ୍ଥା ସଫଳତାର ଭିତ୍ତି ବୋଲି କହିଥିଲେ। ଏହି ଉଲ୍ଲେଖନୀୟ ସଫଳତା କେବଳ ନାଲ୍‌କୋ ପାଇଁ ନୁହେଁ ବରଂ ପ୍ରତ୍ୟେକ କର୍ମଚାରୀ, ଅଂଶୀଦାର, ଖଣି ମନ୍ତ୍ରଣାଳୟ ଓ ଆମ ରାଜ୍ୟ ଓଡ଼ିଶା ପାଇଁ ଗର୍ବର ମୁହୂର୍ତ୍ତ ବୋଲି କହିଥିଲେ।

ସେହିଭଳି ଆଲୁମିନା ଓ ଆଲୁମିନିୟମର ବଜାର ଦରରେ ବୃଦ୍ଧି କମ୍ପାନୀର ସଫଳତାକୁ ଆଗକୁ ନେବାରେ ସହାୟକ ହୋଇଛି। କିନ୍ତୁ ଦୀର୍ଘକାଳୀନ ସଫଳତା ନିମନ୍ତେ କାର୍ଯ୍ୟକ୍ଷମତାରେ ଉତ୍କର୍ଷ ଏବଂ ଉଚ୍ଚ କାର୍ଯ୍ୟଦକ୍ଷତା ଗୁରୁତ୍ୱପୂର୍ଣ୍ଣ । ନାଲ୍‌କୋର ସମ୍ପ୍ରସାରଣ କାର୍ଯ୍ୟଗୁଡିକ ସମ୍ପୂର୍ଣ୍ଣ କରିବା ନିମନ୍ତେ ସେ ଗୁରୁତ୍ୱ ଦେବା ସହ ୫ମ ଷ୍ଟ୍ରିମ୍ ରିଫାଇନେରି ସମ୍ପ୍ରସାରଣ, ପଟ୍ଟାଙ୍ଗୀ ଖଣି କାର୍ଯ୍ୟକ୍ଷମ, ସ୍ମେଲ୍‌ଟର ପ୍ଲାଣ୍ଟ ତଥା କ୍ୟାପ୍‌ଟିଭ ପାୱାର ପ୍ଲାଣ୍ଟର ପ୍ରସ୍ତାବିତ ସମ୍ପ୍ରସାରଣ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଦର୍ଶାଇଥିଲେ। ଏହି ପ୍ରକଳ୍ପଗୁଡିକ କାର୍ଯ୍ୟକ୍ଷମ ହୋଇପାରିଲେ ବିଶ୍ୱ ଆଲୁମିନିୟମ ବ୍ୟବସାୟ କ୍ଷେତ୍ରରେ ନାଲ୍‌କୋର ସ୍ଥିତି ଆହୁରି ସୁଦୃଢ଼ ହୋଇପାରିବ ବୋଲି ସିଂହ କହିଥିଲେ।

ଏହି ଅବସରରେ ନାଲ୍‌କୋର ନିର୍ଦ୍ଦେଶକ (ବାଣିଜ୍ୟିକ) ସଦାଶିବ ସାମନ୍ତରାୟ, ନିର୍ଦ୍ଦେଶକ (ଉତ୍ପାଦନ) ପଙ୍କଜ କୁମାର ଶର୍ମା, ନିର୍ଦ୍ଦେଶକ (ପିଆଣ୍ଡଟି) ଜଗଦୀଶ ଅରୋରା, ନିର୍ଦ୍ଦେଶକ (ମାନବ ସମ୍ବଳ) ଡ. ତାପସ କୁମାର ପଟ୍ଟନାୟକ ଏବଂ ମୁଖ୍ୟ ସତର୍କତା ଅଧିକାରୀ ପ୍ରଣବଜ୍ୟୋତି ନାଥ ପ୍ରମୁଖ ଉପସ୍ଥିତ ଥିଲେ। ସିଂହ ତାଙ୍କ ଅଭିଭାଷଣରେ କମ୍ପାନୀର କାର୍ଯ୍ୟଦକ୍ଷତା ଏବଂ ଉତ୍ପାଦକତାରେ ପ୍ରତିଯୋଗିତାମୂଳକ ଧାରା ବଜାୟ ରଖିବା ପାଇଁ ନାଲ୍‌କୋ ପରିବାରକୁ ହୃଦୟରେ ସହ ଅଭିନନ୍ଦନ ଜଣାଇଥିଲେ। ନାଲ୍‌କୋର ଆର୍ଥିକ ଫଳାଫଳ ଅନୁଯାୟୀ ସର୍ବକାଳୀନ ସର୍ବାଧିକ ୫,୩୨୫ କୋଟି ଟଙ୍କାର ନେଟ୍ ଲାଭ ରେକର୍ଡକରି ଏକ ନୂତନ ଆର୍ଥିକ ମାଇଲଖୁଣ୍ଟ ସ୍ଥାପନ କରିଛି, ଯାହାକି ବିଗତ ଆର୍ଥିକ ବର୍ଷ ତୁଳନାରେ ୧୫୮% ଅଭିବୃଦ୍ଧି । କମ୍ପାନୀ ଆର୍ଥିକ ବର୍ଷ ୨୦୨୪-୨୫ ଆର୍‌ଇ ମଧ ସର୍ବକାଳୀନ ସର୍ବାଧିକ ରେକର୍ଡ ସହ ୧୬,୭୮୮ କୋଟି ଟଙ୍କାର ମୋଟ ବ୍ୟବସାୟ କରିଛି।

# ଶେୟାର ବଜାର କାରବାରରେ ଉତ୍ସାହ

**ମୁମ୍ବାଇ,୨୩ା୫:** ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୭୬୯.୦୯ ପଏଣ୍ଟ ହ୍ରାସ ଘଟି ୮୧,୭୨୧.୦୮ ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ ୨୪୩.୪୫ ପଏଣ୍ଟ କମି ୨୪,୮୫୩.୧୫ ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ ପରିବର୍ତ୍ତନ ହୋଇଛି।

# ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ୭୫,୦୦୦ କୋଟି ନିବେଶ ଲକ୍ଷ୍ୟ: ମୁକେଶ




ମୁକେଶ ଅମ୍ବାନୀ

**ଭୁବନେଶ୍ୱର,୨୩ା୫**

ଭାରତର ଉତ୍ତର-ପୂର୍ବ ରାଜ୍ୟଗୁଡିକ ବର୍ତ୍ତମାନ ଅଭିବୃଦ୍ଧି ପଥରେ ଆଗେଇ ଚାଲିଛି। ଏହି ଅଭିବୃଦ୍ଧିରେ ରିଲାଏନ୍ସ ଗ୍ରୁପ୍ ମଧ ଭାଗୀଦାରି ହୋଇପାରିଛି ଏବଂ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ କମ୍ପାନୀର ପୁଞ୍ଜିନିବେଶକୁ ୭୫,୦୦୦ କୋଟି ଟଙ୍କାକୁ ବୃଦ୍ଧି କରିବାକୁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଅଧ୍ୟକ୍ଷ ତଥା ଏମ୍‌ଡି ମୁକେଶ ଅମ୍ବାନୀ ଲକ୍ଷ୍ୟ ରଖିଛନ୍ତି। ବର୍ତ୍ତମାନ ଏହି ରାଜ୍ୟଗୁଡ଼ିକରେ କମ୍ପାନୀର ପ୍ରାୟ ୩୦,୦୦୦ କୋଟି ଟଙ୍କାର ପୁଞ୍ଜିନିବେଶ ରହିଛି। ଅର୍ଥାତ୍ ଆଗାମୀ ୫ ବର୍ଷ ମଧ୍ୟରେ ରିଲାଏନ୍ସ ଏହି ରାଜ୍ୟଗୁଡ଼ିକରେ ପ୍ରାୟ ୪୫,୦୦୦ କୋଟି ଟଙ୍କାର ନୂତନ ପୁଞ୍ଜିନିବେଶ କରିବାକୁ ଯାଉଛି। ଦିଲ୍ଲୀର ଭାରତ ମଣ୍ଡପମଠାରେ ଆୟୋଜିତ 'ରାଇଜିଂ ନର୍ଥଇଷ୍ଟ ନିବେଶକ ସମ୍ମିଳନୀ'ରେ ଯୋଗଦେଇ ମୁକେଶ ଅମ୍ବାନୀ ଏଭଳି କହିଛନ୍ତି। ଏହି ପ୍ରସ୍ତାବିତ ନିବେଶ ଫଳରେ ୨୫ ଲକ୍ଷରୁ ଅଧିକ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟିକରିବ ବୋଲି ପ୍ରକାଶ କରିବା ସହିତ ମୁକେଶ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ୩୫୦ଟି ବାୟୋଗ୍ୟାସ୍ ପ୍ଲାଣ୍ଟ ସ୍ଥାପନ କରିବା ନେଇ ପ୍ରତିବଦ୍ଧତା ଦୋହରାଇଛନ୍ତି। ଏପରିକି ରିଲାଏନ୍ସ ଜିଓ ସମ୍ପର୍କରେ ସୂଚନା ଦେଇ ମୁକେଶ କହିଛନ୍ତି, ରିଲାଏନ୍ସ ଜିଓର ୫ଜି ନେଟ୍‌ୱାର୍କ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକର ପ୍ରାୟ ୯୦% ଜନସଂଖ୍ୟା ପାଖରେ ପହଞ୍ଚିସାରିଛି। ୫୦ଲକ୍ଷ ଲୋକ ବର୍ତ୍ତମାନ ଜିଓ ୫ଜି ନେଟ୍‌ୱର୍କ ସହ ଯୋଡ଼ିହୋଇଛନ୍ତି ଏବଂ ଏହି ବର୍ଷ ଉକ୍ତ ସଂଖ୍ୟା ଦ୍ୱିଗୁଣିତ ହେବ। ରିଲାଏନ୍ସ ରିଟେଲ୍ ଚାଷୀଙ୍କ ଆୟ ବୃଦ୍ଧି କରିବା ପାଇଁ ସେମାନଙ୍କଠାରୁ ସିଧାସଳଖ କ୍ରୟକୁ ଉତ୍ସାହିତ କରିବ। ପ୍ରଧାନମନ୍ତ୍ରୀଙ୍କୁ ପ୍ରଶଂସାକରି ମୁକେଶ ଅମ୍ବାନୀ କହିଛନ୍ତି, ଆପଣଙ୍କ ପ୍ରୟାସ ଯୋଗୁ ଉତ୍ତର-ପୂର୍ବାଞ୍ଚଳ ଭାରତର ବିକାଶ ମାନଚିତ୍ରରେ ଦୃଢ ଭାବେ ଉଭା ହୋଇଛି। ସେହିଭଳି ସ୍ୱାସ୍ଥ୍ୟ କ୍ଷେତ୍ରରେ ରିଲାଏନ୍ସ ଫାଉଣ୍ଡେଶନର କାର୍ଯ୍ୟ ଉପରେ ଆଲୋକପାତ କରି ସେ କହିଛନ୍ତି, ରିଲାଏନ୍ସ ଫାଉଣ୍ଡେଶନ ମଣିପୁରରେ ୧୫୦ ଶଯ୍ୟା ବିଶିଷ୍ଟ ଏକ କର୍କଟ ହସ୍ପିଟାଲ ପ୍ରତିଷ୍ଠା କରିଛି। ଏହା ସହ ଫାଉଣ୍ଡେଶନ ଜିନୋମିକ୍ ତଥ୍ୟ ବ୍ୟବହାରକରି ସ୍ତନ କର୍କଟ ଚିକିତ୍ସାକୁ ଆଗକୁ ବଢ଼ାଇବା ପାଇଁ ମିଜୋରାମ ବିଶ୍ୱବିଦ୍ୟାଳୟ ସହିତ ସହଯୋଗ କରୁଛି। ଫାଉଣ୍ଡେଶନ ପକ୍ଷରୁ ଗୁଆହାଟୀଠାରେ ଏକ ଅତ୍ୟାଧୁନିକ ମଲିକୁଲାର ଡାଇଗ୍ନୋଷ୍ଟିକ ଏବଂ ଗବେଷଣା ଲାବ୍ ସ୍ଥାପନ କରାଯାଇଛି। ଏହା ଭାରତରେ ଅନ୍ୟତମ ସର୍ବବୃହତ୍ ଜିନୋମ୍ ସିକ୍ୱେନ୍ସିଂ କ୍ଷମତା ହେବ। ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ରିଲାଏନ୍ସ ଫାଉଣ୍ଡେଶନ ସମସ୍ତ ଆଠଟି ରାଜ୍ୟ ସହ ମିଶି ଅଲିମ୍ପିକ୍ ତାଲିମ କେନ୍ଦ୍ର ସ୍ଥାପନ କରିବ। ସେଠାରୁ ବାହାରୁଥିବା ଯୁବପିଢ଼ି ଅଲିମ୍ପିକ୍ସରେ ପଦକ ବିଜେତା ହୋଇପାରିବେ।

# ଆଜିଠାରୁ ୨ଦିନିଆ ମାଷ୍ଟର କ୍ରାଫ୍ଟର୍ସ ପ୍ରଦର୍ଶନୀ

**ଭୁବନେଶ୍ୱର,୨୩ା୫**

କ୍ରାଫ୍ଟ କାଉନସିଲ ଅଫ୍ ଓଡ଼ିଶାର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଏକ ୨ଦିନିଆ 'ମାଷ୍ଟର କ୍ରାଫ୍ଟର୍ସ' ପ୍ରଦର୍ଶନୀ ଶନିବାରଠାରୁ ଭୁବନେଶ୍ୱରରେ ଆରମ୍ଭ ହେବାକୁ ଯାଉଛି। ଏହି ପ୍ରଦର୍ଶନୀ ୨୦୨୫ ମେ ୨୪ ଓ ୨୫ ତାରିଖରେ ଭୁବନେଶ୍ୱର କ୍ଲବ୍‌ର ବାଙ୍କେଟ ହଲ୍‌ରେ ପୂର୍ବାହ୍ନ ୧୧ଟାରୁ ରାତି ୮ଟା ପର୍ଯ୍ୟନ୍ତ ଆୟୋଜନ ହେବ। ସେହିଭଳି 'ମାଷ୍ଟର କ୍ରାଫ୍ଟର୍ସ'ରେ ଜାତୀୟ ଓ ରାଜ୍ୟ ପୁରସ୍କାରପ୍ରାପ୍ତ କାରିଗରଙ୍କ ସମେତ ୨୦ ଜଣ ମାଷ୍ଟର କାରିଗର ସାମିଲ ହେବେ, ଯେଉଁମାନେ ଓଡ଼ିଶାର ହସ୍ତଶିଳ୍ପଗୁଡିକର ବିବିଧ ଶୃଙ୍ଖଳାକୁ ପ୍ରଦର୍ଶିତ କରିବେ। ବିଶେଷକରି ପଟ୍ଟଚିତ୍ର, ତାଳପତ୍ର ଖୋଦନ, ଟେରାକୋଟା, ପଥର ଓ କାଠ ଖୋଦିତ ବସ୍ତୁ, ଆପ୍ଲିକ୍, ଗୋଲ୍ଡେନ ଗ୍ରାସ୍, ସବାଇ ଘାସ, ରୁପା ତାରକସି, ସିସେଲ ଆର୍ଟ, ଡୋକ୍ରା କାଷ୍ଟିଙ୍ଗ୍, ଆଦିବାସୀ ପେଣ୍ଟିଂ ଓ ହାତବୁଣା ଇକ୍କତ ଆଦି କଳାକୃତିକୁ ପ୍ରଦର୍ଶନ ଓ ବିକ୍ରି କରାଯିବ। ଏହି କାର୍ଯ୍ୟକ୍ରମ କାରିଗରିର ଉତ୍କର୍ଷର ପ୍ରଚାରପ୍ରସାର କରିବା, ସବୁ ସମୟରେ ବଜାର ସୁଯୋଗ ପ୍ରଦାନ କରିବା ଏବଂ କାରିଗର ଓ କ୍ରେତାଙ୍କ ମଧ୍ୟରେ ପ୍ରତ୍ୟକ୍ଷ ଯୋଗାଯୋଗକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖିଛି। ଏହି ପଦକ୍ଷେପ କାରିଗରମାନଙ୍କୁ କେବଳ ଆର୍ଥିକ ରୂପେ ସହଯୋଗ କରିବ ନାହିଁ ବରଂ ଓଡ଼ିଶାର ପାରମ୍ପରିକ ହସ୍ତଶିଳ୍ପର ପ୍ରୋଫାଇଲକୁ ଉନ୍ନତ କରିବ।


**PARADIP PORT AUTHORITY**
**HARBOUR WORKS DIVISION No.I,**
**e-TENDER CALL NOTICE**
e-TCN No.CE/HWDI/ACCTS-19/24/161, dtd.21.05.2025

**Name of the work:** "Improvement to the existing backup space of NQ-II Berth inside Harbour area". Put to tender value: Rs.4,11,79,577.17 plus GST as applicable. Last date & time of submission of tender through online bidding is 12.06.2025 up to 17:15 Hrs. For details, please log on to the Website: https://eprocure.gov.in/eprocure/app.

Sd/- Executive Engineer,
Horbour Works Division No.I,
